# ମନିକାର ଘର

ଶକୁନ୍ତଳା ପଣ୍ଡା

Digitized by srujanika@gmail.com

କେଉଁ ସୁଖର ପ୍ରଲୋଭନରେ ଏତେ ବେଶୀ ଐଶ୍ୱର୍ଯ୍ୟ 'ପାଦରେ ଠେଲି ଦେଲା ସେ ?

ନିମିଷା ନିଜ ସୌଭାଗ୍ୟକୁ ନେଇ ଗର୍ବ କରିନାହିଁ, ତେବେ ନୂଆ ସଂସାରର ଏ ଦେବଦେବୀମାନଙ୍କୁ ଚିହ୍ନିବାରେ ଅବହେଳା କରିଛି ଖୁବ୍ ।

[ମାୟାର ମଣିଷ]

ଆଭିଜାତ୍ୟସଂପନ୍ନ ପରିବାରର ସମ୍ମାନ, ବଂଶ ପରମ୍ପରା, ବହୁ ନୀତି ନିୟମର ସୀମାରେଖାକୁ ଜଗି ବସିଥିବା ଅନିରୁଦ୍ଧଙ୍କୁ ଏସବୁ ବୁଝେଇବା ଖୁବ୍ କଷ୍ଟ । ମଣିଷର ମନ, ବିଶେଷ କରି ନିଜର ସ୍ତ୍ରୀ ପିଲାଙ୍କୁ ବୁଝିବା ଅପେକ୍ଷା ସେମାନଙ୍କୁ ଶାସନ କରିବା ପଦ୍ଧତିରେ ସେ ଅଧିକ ବିଶ୍ୱାସ କରନ୍ତି ।

[ପରାଜିତ ସମ୍ରାଟ]

ଭାବିଲି, ଠାକୁର ଭଲ କଲେ । ପୁଅ ଯଦି ଆମ ଦୁହିଁକୁ ଅଲଗା କରି ଦେଇଥା'ନ୍ତା ?

x x x

କ୍ଷଣକୋପୀ ପୁଅ ମୋର ରାଗରୁଷାରେ କ'ଣ ଟିକେ କହିଦେଇଛି, କେବେ ଆସି କ୍ଷମା ମାଗି କହିବ, ମା' ତୁମେ ଏଠି ଏକା ରହିବା ଠିକ୍ ନୁହଁ । ଆସ ତ । ଆମକୁ ଭଲ ଲାଗୁନାହିଁ ।

[ଅନ୍ୟ ଜଣେ ଆଉରଙ୍ଗଜେବ୍]

ଜୀବନରେ ସାମାନ୍ୟ ସୁଖ ସନ୍ତୋଷ ଖୋଜି ଖୋଜି ନିରାଶ ହେଉଥିବାର ଯନ୍ତ୍ରଣା, ସେହି ସଂଘର୍ଷ ବଞ୍ଚିବାର ଶେଷ ମୁହୂର୍ତ୍ତ ଯାଏ ଚାଲିଥାଏ । କେହି ଜଣେ ହୁଏତ ନିଜର ଦୃଢ଼ ଆତ୍ମବଳ, ବିଶ୍ୱାସରେ ଏସବୁକୁ ଦୂରେଇ ଦେଇ ସବୁ ପାଇଯିବାର ଆନନ୍ଦ ଅନୁଭବ କରିବାର ବୃଥା ପ୍ରୟାସ କରେ ।

ଏ ଗଳ୍ପର ଚରିତ୍ରମାନେ ଏ ସମାଜର । ସେମାନଙ୍କ ସମସ୍ୟା ଚିରନ୍ତନ ।

ଲେଖିକାଙ୍କ ନିଜସ୍ୱ ଶୈଳୀର ଗଳ୍ପ କେତୋଟି । ପୁସ୍ତକ ପ୍ରକାଶନ ପୂର୍ବରୁ ବିଭିନ୍ନ ପତ୍ରପତ୍ରିକାରେ ଏସବୁ ପାଠକୀୟ ସ୍ୱୀକୃତି ଲାଭ କରିଛି । ଆଶା, ଅନ୍ୟସମସ୍ତଙ୍କ ଦ୍ୱାରା ଏହା ଆଦୃତ ହେବ ।

Digitized by srujanika@gmail.com

# ମନିକାର ଘର

ଶକୁନ୍ତଳା ପଣ୍ଡା

Digitized by srujanika@gmail.com

ମନିକାର ଘର
ଶକୁନ୍ତଳା ପଣ୍ଡା
ପ୍ରକାଶକ :
ସୁଚରିତା ପବ୍ଲିକେଶନ୍ସ
୪୩୧, ଶହୀଦ ନଗର, ଭୁବନେଶ୍ୱର-୭
ପ୍ରଥମ ପ୍ରକାଶନ :
୧୯୯୮
ମୁଦ୍ରଣ :
ଅପ୍‌ଟିମା ପ୍ରିଣ୍ଟସ୍, କଟକ
ମୂଲ୍ୟ :
ଷାଠିଏ ଟଙ୍କା ମାତ୍ର

MANIKARA GHARA
Sakuntala Panda

Published by
SUCHARITA PUBLICATIONS
Bhubaneswar

First Edition 1998

Printed at
Optima Prints, Cuttack

Price:
Rupees Sixty Only

Digitized by srujanika@gmail.com

ସ୍ନେହର ଅନ୍ନୁକୁ

ନୂଆବୋଉ

Digitized by srujanika@gmail.com

# ସୂଚୀ


| | | |
|---|---|---|
| ୧. | ମାୟାର ମଣିଷ | ୭ |
| ୨. | ପରାଜିତ ସମ୍ରାଟ | ୧୮ |
| ୩. | ହରନାଥ ଓ ବଂଧୁମାନେ | ୨୭ |
| ୪. | ମନିକାର ଘର | ୩୬ |
| ୫. | ନୀଳଆଖି | ୪୬ |
| ୬. | ଅନ୍ୟ ଜଣେ ଆଉରଙ୍ଗଜେବ୍ | ୫୩ |
| ୭. | ଦେବଭୂମି | ୬୩ |
| ୮. | ସୁବର୍ଣ୍ଣବେଳା | ୭୪ |
| ୯. | ଭିନ୍ନ ଆକାଶ | ୮୨ |
| ୧୦. | ତୁଷାର ଘର | ୯୦ |
| ୧୧. | ମୁଁ ଫେରିଯାଉଛି | ୯୮ |


Digitized by srujanika@gmail.com

# ମାୟାର ମଣିଷ

ବିଚାରର ଅବଶେଷରେ ମୃତ୍ୟୁଦଣ୍ଡାଦେଶର ଘୋଷଣା ଶୁଣିବା ଭଳି କମ୍ପି ଉଠିଲା ନିମିଷା। ଚିଫ୍ ଏ କ'ଣ କହୁଛନ୍ତି? ତା'ର ପଦୋନ୍ନତି ହୋଇଛି, ଏ ବିଷୟ ଜାଣିବା ପରେ ସ୍ୱାଭାବିକ ଭାବରେ ସେ ଖୁସୀ ହୋଇଥିଲା। ତେବେ ଦୁଇବର୍ଷ ଇଣ୍ଡିଆକୁ ନିର୍ବାସନ କରି ପଠାଇବା ପୂର୍ବରୁ ନିମିଷା ଅଗ୍ନିହୋତ୍ରୀର ମତାମତ ନେବାର ଆବଶ୍ୟକତା ନ ଥିଲା କି?

"କଂଗ୍ରାଚୁଲେସନ୍ସ ନିମିଷା, ୟୁ ଆର ସୋ ଭେରି ଲକି ଗୋଇଙ୍ଗ୍ ଟୁ ହୋମ୍ କଣ୍ଟ୍ରି।"

"ଥ୍ୟାଙ୍କ୍ସ ଏ ଲଟ୍," ହସି ହସି ସହକର୍ମୀମାନଙ୍କ ଅଭିନନ୍ଦନର ପ୍ରତ୍ୟୁତ୍ତର ଦେଉଥିଲା ନିମିଷା। ଅଥଚ ତା' ଅନ୍ତରର କୋହ, ସେଇ କରୁଣ ଉଚ୍ଛ୍ୱାସ ସେମାନେ କେହି ଅନୁଭବ କରିପାରୁନଥିଲେ।

ଏସବୁ ସତ୍ତ୍ୱେ କେଉଁଠି କିଏ ଆଶାର କ୍ଷୀଣ ଦୀପଶିଖାଟିଏ ଡେଇଁ ଦେଉଥିଲା ତା' ମନରେ।

ଦୀର୍ଘ ସାତ ଆଠ ବର୍ଷ ପରେ ସେ ଜନ୍ମମାଟି ଛୁଇଁବ, ଯେଉଁଠି ରହେ 'ମୋ ସାର୍ଥକ, ମୋ ଧନ'। ଝୁରିହେଲା ନିମିଷା।

ଅମୋଳ ଅଗ୍ନିହୋତ୍ରୀଙ୍କୁ ସେଇ ଶେଷ ଚିଠି ଖଣ୍ଡିକ ପଠାଇଦେଇ ନିଶ୍ଚିନ୍ତ ହୋଇଥିଲା ନିମିଷା। ଅନ୍ୟ ଏକ ସୁଖର ବର୍ଣ୍ଣବୈଭବମୟ ପୃଥିବୀରେ ବସା

Digitized by srujanika@gmail.com

ବାନ୍ଧିବାର ଦୃଢ଼ ଇଚ୍ଛା ସମ୍ମୁଖରେ ଅମୋଲଙ୍କର ସ୍ମୃତି ଫିକା ପଡ଼ି ଆସିଲା । ଯାହା କିଛି କେବଳ ସାର୍ଥକ ପାଇଁ ।

'ତେବେ କିଛି ତ ଅଭାବ ରହିବ ।' ଅମୀର ଶାହା ବୁଝେଇଥିଲା ତାକୁ, 'ସାର୍ଥକର ସେମାନେ ଯାହା ଯତ୍ନ ନେଉଛନ୍ତି, ତା' କଦାପି ତୁମେ ପାରିବ ନାହିଁ। ଧୀରେ ଧୀରେ ପିଲାର ବୟସ ବଢ଼ିଲେ, ସେ ତା' ମା'କୁ ଖୋଜିବ ଏବଂ କୌଣସି ପ୍ରକାରେ ତାକୁ ତୁମ ପାଖକୁ ଆଣି ଦେଇ ପାରିବି ମୁଁ ।' ଅମୀରର କଥାରେ ଅନ୍ତରଙ୍ଗତାର ସ୍ପର୍ଶ ।

ନିମିଷା ସେଇ ବିଶ୍ୱାସ ନେଇ ସୁଖୀ ହେବାକୁ ସ୍ଥିର କଲା । ଏଣେ ଉଚ୍ଚତର ଶିକ୍ଷାର ଦାୟିତ୍ୱ ନେଇ ସେ ଏତେ ଦୂରକୁ ଆସିଛି । ସେ ସମୟରେ ପିଲାଟି କଥା ମନକୁ ଆସିଲେ ତା' କ୍ୟାରିୟର ନଷ୍ଟ ହୋଇଯିବାର ସଂଭାବନା ।

କିଏ ତା'ର ନିଜର ? କିଏ ପର ? ସେ କେଉଁ ଦେଶର ? ଏହି ମଣିଷମାନଙ୍କ ପାଇଁ ସେ ନିଷ୍ଠାର ସହ କାମ କରିବାକୁ ଚାହେଁ କି ନାହିଁ? କିଛି ନିର୍ଦ୍ଦିଷ୍ଟ ଚିନ୍ତା ତା' ମନରେ ଅଛି କି ? ଏ ସଂସ୍ଥାରେ ଯୋଗ ଦେବା ପାଇଁ ସେ ଖୁବ୍ ଆଗ୍ରହୀ ତ ?

ବିଶ୍ୱମାନବର ସେବାରେ ସଂପୂର୍ଣ୍ଣ ରୂପେ ନିୟୋଜିତ ଏବଂ ସମଗ୍ର ପୃଥିବୀରେ ନିଜର ଆଭିମୁଖ୍ୟ ବଜାୟ ରଖି କର୍ତ୍ତବ୍ୟ ସଂପାଦନା କରୁଥିବା ଏହି ସ୍ୱେଚ୍ଛାସେବୀ ସ୍ୱାସ୍ଥ୍ୟସଂସ୍ଥାର ଇଣ୍ଟରଭିଉ ବୋର୍ଡ଼ ତା' ସମ୍ମୁଖରେ ଏଇଭଳି କେତୋଟି ପ୍ରାରମ୍ଭିକ ପ୍ରଶ୍ନ ଉତ୍‌ଥାପନ କରିଥିଲେ ।

ସେତେବେଳେ ଅତୀତର ମାୟାଜାଲ ମଧ୍ୟରୁ ମୁକୁଳି ଆସିଥିଲା ନିମିଷା ଅଗ୍ନିହୋତ୍ରୀ । ଦୃଢ଼ତାର ସହ ସେ ଉତ୍ତର ଦେଇଥିଲା, ''ଆପଣମାନଙ୍କର ସବୁ ପ୍ରଶ୍ନର ଉତ୍ତର ପଜିଟିଭ୍ ଧରି ନିଅନ୍ତୁ । ମୁଁ ଆଜିଠାରୁ ଆନନ୍ଦର ସହ ଏହି ଅସହାୟଙ୍କ ସେବାରେ ନିଜକୁ ଉତ୍ସର୍ଗ କଲି ।''

ଏ ସାତ ଆଠ ବର୍ଷର ଜୀବନରେ ପଛକୁ ଫେରିଚାହିଁ ନାହିଁ ନିମିଷା ।

ହିଥ୍ରୋ ଏୟାରପୋର୍ଟରେ ସହକର୍ମୀ ବନ୍ଧୁ ଡାକ୍ତର କେତେଜଣ ତା'କୁ ବିଦାୟ

Digitized by srujanika@gmail.com

ଦେବାକୁ ଆସିଥିଲେ। ସେମାନେ ଯିବାପରେ ତତ୍ପର ହେଲା ନିମିଷା। ଓଜନିଆ ବଡ଼ ବଡ଼ ସୁଟ୍‌କେଶ୍ ଦୁଇଟା ଟ୍ରଲିରେ ରଖି ଟାଣିନେଇ ଯିବାବେଳେ ନିଜକୁ ନିଜେ ପ୍ରଶ୍ନ କରୁଥିଲା ସେ - ଏ ବସ୍ତୁ ଦୁଇଟା ମୋତେ କୁଆଡ଼େ ଭିଡ଼ି ନେଉଛନ୍ତି? ଯନ୍ତ୍ରଚାଳିତ ମାନବ ଭଳି ତା'ର ପାଦ ଦୁଇଟି ଘୋଷାରି ହୋଇ ଚାଲିଥିଲା ଆଗକୁ।

-ମାମୋ... ମାମୋ... !

ଲଗେଜ୍ ଟ୍ରଲିଟି ଛାଡ଼ି ଦେଇ ପାଗଳୀଙ୍କ ଭଳି ପଛକୁ ଧାଇଁ ଗଲା ନିମିଷା। ସତେକି ତା'ର ଦୀର୍ଘବର୍ଷର ସେଇ ନିଖୋଜ ସଂତାନକୁ ଏଇମାତ୍ର ଫେରିପାଇ ବକ୍ଷସଂଲଗ୍ନା କରିବା ପାଇଁ ଅଧୀର ହୋଇ ଉଠୁଛି ସେ।

ସେତେବେଳେ ଶିଶୁଟି ତା'ର ଅଳ୍ପବୟସ୍କା ମା'ର କୋଳରେ ଖୁବ୍ ହସୁଥିଲା। ବିହ୍ୱଳ ଦୃଷ୍ଟିରେ ସେ ଦୃଶ୍ୟ ଉପଭୋଗ କଲା ନିମିଷା। ଫରାସୀ ତରୁଣୀଟି ତାକୁ ଚାହିଁ ଟିକିଏ ବନ୍ଧୁତାର ହସ ହସିଲା।

ପୃଥିବୀର ସବୁ ଶିଶୁଙ୍କ କଣ୍ଠରେ ମା' ପାଇଁ ଉଚ୍ଚାରଣ ପ୍ରାୟ ଏକାଭଳି। ମା'ର କୋଳ ପାଇଁ ସନ୍ତାନର ବ୍ୟଗ୍ରତା ମା'ର ହୃଦୟ ପରିପୂର୍ଣ୍ଣ କରେ। ସେ ଡାକରେ ଅମୃତର ସ୍ପର୍ଶ ମା'ର ଅନ୍ତରରେ ସୃଷ୍ଟିକରେ ଆନନ୍ଦ, ଆତ୍ମସନ୍ତୋଷର ଫଲ୍‌ଗୁ।

ଲଣ୍ଡନର ହିଥ୍ରୋ ଏୟାର୍‌ପୋର୍ଟରୁ ଇନ୍ଦିରାଗାନ୍ଧୀ ଇଣ୍ଟରନ୍ୟାସ୍‌ନାଲ୍ ଏୟାର୍‌ପୋର୍ଟ ! ଦୀର୍ଘ ସମୟ ଏକାକିନୀ ନିମିଷା। ମନେହେଉଛି ବହୁଦିନ ଅସୁସ୍ଥ ରହି ଏଇମାତ୍ର ସେ ବିଛଣାରେ ଉଠି ବସିଛି। ଅର୍ଦ୍ଧଶାୟିତ ଅବସ୍ଥାରେ ସିଟ୍‌କୁ ଆଉଜି ବସି ରହିଛି ନିମିଷା।

କେଉଁ ସୁଖର ପ୍ରଲୋଭନରେ ଏତେ ବେଶୀ ଐଶ୍ୱର୍ଯ୍ୟକୁ ପାଦରେ ଠେଲି ଦେଲା ସେ? ତା' ସ୍ଥାନରେ ଅନ୍ୟ କେଉଁ ଝିଅ ହୋଇଥିଲେ ନିଜକୁ ପୃଥିବୀର ସବୁଠାରୁ ଭାଗ୍ୟବତୀ ନାରୀ ମନେ କରିଥାଆନ୍ତା।

ନୂଆ ଅଧ୍ୟାପକ ଅମୋଲ୍ ଅଗ୍ନିହୋତ୍ରୀ। ତାଙ୍କର ସାନିଧ୍ୟ, ତାଙ୍କ ସହ ପଦେ କଥା କହିବା ପାଇଁ ଛାତ୍ରଛାତ୍ରୀମାନେ ଭିଡ଼ କରନ୍ତି। ସୁନ୍ଦର, ତେଜସ୍ୱୀ ପ୍ରାଜ୍ଞ ବ୍ୟକ୍ତିତ୍ୱ। ସାମାନ୍ୟ ଆଲୋଚନାରେ ବହୁ ଜଟିଳ ବିଷୟର ସମାଧାନ ହୋଇଯାଏ।

Digitized by srujanika@gmail.com

ସମସ୍ତଙ୍କର ପ୍ରିୟ ଅଧ୍ୟାପକ ଅମୋଲ୍। ଅଥଚ ପ୍ରଥମବର୍ଷର ବିଜ୍ଞାନ ଶ୍ରେଣୀରେ ନାମ ଲେଖାଇଥିବା ବୁଦ୍ଧିମତୀ ନିମିଷାର ଆକର୍ଷଣରୁ ନିଜକୁ ସେ ମୁକ୍ତ କରି ପାରିନଥିଲେ। ଷୋଳ, ସତର ବର୍ଷର ରୂପସୀ ନିମିଷା ପାଖରେ ସେ ଦେଖିଥିଲେ ସୌନ୍ଦର୍ଯ୍ୟ, ବୁଦ୍ଧିମତ୍ତାର ଅପୂର୍ବ ସମନ୍ୱୟ। ଝିଅଟିର ସର୍ବଗୁଣସଂପନ୍ନ ବ୍ୟକ୍ତିତ୍ୱ ତାଙ୍କୁ ମୁଗ୍ଧ କରିଥିଲା।

ଘରେ ମା' ଅମୋଲ୍‌ଙ୍କୁ ପଚାରନ୍ତି, "କିରେ, କ'ଣ କହିବୁ କହୁଥିଲୁ ଯେ ?"

"ନା ଥାଉ," ଅମୋଲ୍ ନିଷ୍ପତ୍ତି ନେଇ ପାରନ୍ତି ନାହିଁ।

ପଚିଶ ଛବିଶ ବର୍ଷର ପୁଅ ଅମୋଲ୍। ସେଇ ଗୋଟିକ ସନ୍ତାନ ସେମାନଙ୍କର। କଥା ଆଦାୟ ନ କରିବା ଯାଏ ଲାଗିଯାଆନ୍ତି ମା'।

ବାଧ୍ୟତଃ ଅମୋଲ୍ କହନ୍ତି, "ତୁମ ପାଇଁ ବୋହୂ ପସନ୍ଦ କରିଛି ମା'। ଝିଅଟି କିନ୍ତୁ ମୋଠାରୁ ନଅ ଦଶବର୍ଷ ସାନ ହୋଇପାରେ। ଅତି ବ୍ରାଇଟ୍। ଆମେ ଚାହିଁଲେ କ'ଣ ହେବ? ତା'ର ବାପା, ମା' ରାଜି ହେବେ କି ନାହିଁ। ଥାଉ, କିଛି ପଚାର ନାହିଁ ସେମାନଙ୍କୁ।"

ପୁଅର ମନ ବୁଝିବାକୁ ବାକି ନ ଥିଲା। ସେ କଲେଜ ଚାଲିଯିବା ପରେ ପରେ ମା' ବାପା ଉଭୟ ପହଞ୍ଚିଲେ ନିମିଷାର ଘର ଖୋଜି ଖୋଜି।

ନିମିଷାର ନିମ୍ନ ମଧ୍ୟବିତ୍ତ ବାପା, ମା' ଏଭଳି ଏକ ଐଶ୍ୱର୍ଯ୍ୟମୟ ଆଭିଜାତ୍ୟସଂପନ୍ନ ପରିବାରରୁ ଝିଅପାଇଁ ଆସିଥିବା ପ୍ରସ୍ତାବରେ ଆନନ୍ଦରେ ସମ୍ମତି ଜଣାଇଲେ।

ସେତେବେଳେ ପାଠପଢ଼ା ବ୍ୟତୀତ ନିମିଷା ଅନ୍ୟ କିଛି ବିଷୟରେ ଚିନ୍ତା କରିପାରେ ନାହିଁ। ନିଜ ବିବାହ ସଂପର୍କରେ ମତ ଦେବା ବା ଅମତ ହେବା ଭଳି ବୁଦ୍ଧି ବା ସାହସ ନଥିଲା ତା'ର।

ତେବେ ଅମୋଲ ଅଗ୍ନିହୋତ୍ରୀଙ୍କ ସହ ବିବାହ ଯେ ଭାଗ୍ୟର କଥା - ତା'ର ସାଙ୍ଗମାନେ ବାରମ୍ବାର କହୁଥିଲେ ତା'କୁ। ଅମୋଲଙ୍କୁ ଶ୍ରଦ୍ଧା କରୁଥିବା ନିମିଷା ନିଜ ବିବାହ ବିଷୟରେ ଚିନ୍ତା କରି ରୋମାଞ୍ଚିତ ହୁଏ।

ଏୟାରକ୍ରାଫ୍ଟର ଉଜ୍ଜ୍ୱଳ ଆଲୋକ ଅସହ୍ୟ ହେଉଛି। ଏୟାରହୋଷ୍ଟେସ୍ ଦେଇଯାଇଥିବା 'ବ୍ଲାକ୍ ଆଇ ପ୍ୟାଡ୍'ଟିରେ ନିମିଷା ତା'ର ସୁନ୍ଦର ଆଖି ଦୁଇଟି ଆବୃତ କରିଛି, ଅଥଚ ସେଇ ବନ୍ଦ ଆଖିପତାରୁ ଝରିଯାଉଛି ଅସରା ଅସରା

Digitized by srujanika@gmail.com

ଲୁହ ।

ବିବାହ ପରେ ଅମୋଲ୍ ନିମିଷାକୁ କୋଳେଇ ନେଇ ସେହି ପ୍ରଥମ ଦେଖାର କାହାଣୀ ଶୁଣାନ୍ତି। କଥା କହୁ କହୁ ସେ ହଠାତ୍ ନିରବ ହୋଇଯାଆନ୍ତି। ନିମିଷା ପଚାରେ, ‘‘ହେ କ’ଣ ହେଲା ? ମନ ଖରାପ ?’’

‘‘ନା, ମୁଁ ଭାବୁଛି ତୁମକୁ ବନ୍ଧନରେ ପକାଇ ଦେଲି।’’

‘‘ବାଃ, ନିଜେ ଝିଅ ିନ୍ କରି ଏବେ ମନସ୍ତାପ !’’

‘‘ମୁଁ ଅନ୍ୟକଥା ଭାବୁଥିଲି। ବିବାହ କରି ମୁଁ ତୁମ କ୍ୟାରିୟର ନଷ୍ଟକରି ଦେବା ଭଳି ମନେ ହେଉଛି। ତୁମେ ପଢ଼ିବ, ନିମିଷା ? କିଛି ଅସୁବିଧା ହେବ ନାହିଁ।’’

ପଢ଼ିବା ପାଇଁ ନିମିଷାର ଅନିଚ୍ଛାର ପ୍ରଶ୍ନ ଉଠେ ନାହିଁ। ପିଲାଟି ଦିନରୁ ସେହି ବହି, ପାଠପଢ଼ା ସହ ହିଁ ତା’ର ଘନିଷ୍ଠତା।

ବିବାହ ପରେ ଶାଶୂଘରକୁ ଆସୁଥିବା ଅତିଥିମାନେ ତା’ର ଘନଗହଳ କେଶ, ତୀକ୍ଷ୍ଣଗଢ଼ଣର ଖୁବ୍ ପ୍ରଶଂସା କରନ୍ତି। ଅଥଚ ଏସବୁ ନେଇ ଆନନ୍ଦରେ ବିହ୍ୱଳ ହେବାଭଳି ଝିଅ ସେ କେବେ ନ ଥିଲା। ଏକମାତ୍ର ପାଠସର୍ବସ୍ୱ ନିମିଷା।

ଅମୋଲ୍ ହୁଏତ ପ୍ରଥମ ଦେଖାରେ ତା’ ମନ ପଢ଼ିନେଇଥିଲେ। ବିବାହ ପୂର୍ବବର୍ତ୍ତୀ ଜୀବନରେ ତା’ର ସ୍ୱାଧୀନତା ନ ଥିଲା। କଲେଜରୁ ଫେରିବାରେ ବିଳମ୍ବ ହେଲେ ମା’ଙ୍କର ହଜାର ପ୍ରଶ୍ନର ଉତ୍ତର ଦେବାକୁ ହୁଏ। ଅଥଚ ଏଠି ଶାଶୂଘରେ ଅମୋଲ୍ ତା’ ପ୍ରତି ପକ୍ଷପାତିତା କରନ୍ତି।

‘‘କାଲିଠାରୁ ଲାଇବ୍ରେରୀରେ ଆଉ ଘଣ୍ଟାଏ ବସ। ଏ କ’ଣ ? ଡାକ୍ତରୀ ପାଠ ସହ ଶାଶୂ, ଶ୍ୱଶୁର, ସ୍ୱାମୀଙ୍କ ସେବା ହୋଇପାରିବନି !’’

ଶାଶୂ ମୁଣ୍ଡ ଆଉଁଶି ଦେଇ କହନ୍ତି, ‘‘ମା’ଲୋ, ଏତେବେଶୀ ଭୋକରେ ରହିବୁ ନାହିଁ। ଏଥର ସାଙ୍ଗରେ ହେଭି ଟିଫିନ୍ ନେଇକରି ଯିବୁ।’’

ପଢୁଥିବା ବହି ଖଣ୍ଡିକ ଟେବୁଲ୍‌ରେ ରଖି ଶ୍ୱଶୁର କହନ୍ତି, ‘‘ଠିକ୍ କଥା, ଖାଲି ପାଠପଢ଼ା ଚଳିବ ନାହିଁ। ସ୍ୱାସ୍ଥ୍ୟ ଦେଖିବାକୁ ହେବ। ତୋର ମା’ ବ୍ରାଇଟ୍ ଫ୍ୟୁଚର୍, ଏକଥା କେବେ ଭୁଲିବୁ ନାହିଁ।’’

ନିମିଷା ନିଜର ସୌଭାଗ୍ୟକୁ ନେଇ ଗର୍ବ କରିନାହିଁ ସତ, ତେବେ ନୂଆ ସଂସାରର ଏ ଦେବଦେବୀମାନଙ୍କୁ ଚିହ୍ନିବାରେ ଅବହେଳା କରିଛି ଖୁବ୍।

Digitized by srujanika@gmail.com

ସେଥିପାଇଁ ଦାୟୀ ଅମୀର୍ ଶାହା। ସେତେବେଳେ ଅମୀର୍ ଶାହାର ଅଶୁଭ ଛାୟା ନିମିଷାର ଐଶ୍ୱର୍ଯ୍ୟମୟ ସଂସାରକୁ ଗ୍ରାସ କରିବାକୁ ଆରମ୍ଭ କରିଥିଲା।

କଲେଜର ଅଲରାଉଣ୍ଡର୍ ଛାତ୍ର ଅମୀର୍ ତା' ଗ୍ରୁପ୍‌ର। ସେଇ କେତେଜଣ ପ୍ରାୟ ସବୁବେଳେ ଏକାଠି ହେଉଥିଲେ। ନିଜେ ଅମୋଲ୍ କେତେଥର ସେମାନଙ୍କୁ ପାର୍ଟି ଦେଇଥିବେ। ନିମିଷାର ବନ୍ଧୁମାନଙ୍କର ବେଶ୍ ଖାତିର ଏ ଘରେ। ନିଜେ ଅମୋଲ କହନ୍ତି, "ଦେଖ, ଅମୀର୍ ଯାହା ନୋଟ୍ କରିଛି ଥରେ ଦେଖିବ।"

ସାର୍ଥକର ଜନ୍ମ ପରେ ପରେ ନିଜେ ଅମୋଲ୍ ବ୍ୟସ୍ତ ହୋଇ ଉଠିଥିଲେ। ତାଙ୍କୁ ଦେଖିଲେ ମନେ ହେଉଥିଲା, ଏସବୁ ପାଠପଢ଼ାର ଦାୟିତ୍ୱ ନିମିଷାର ନୁହେଁ। ଆସନ୍ତା ପରୀକ୍ଷା ପାଇଁ ହୁଏତ ଅମୋଲ୍‌କୁ ହିଁ ପ୍ରସ୍ତୁତ ହେବାକୁ ହେବ।

ସାର୍ଥକର ସବୁ ଦାୟିତ୍ୱ ନିଜେ ଶାଶୂ ଆଗ୍ରହରେ ତୁଲାଉ ଥିଲେ। ନିମିଷା ଅକ୍ଳାନ୍ତ ପରିଶ୍ରମ କରି ପଢ଼ାପଢ଼ି କରୁଥିଲା। ଆବଶ୍ୟକ ହେଲେ କେବେ କେବେ ସେ ହଷ୍ଟେଲ୍‌ରେ ମଧ୍ୟ ରହିଯାଉଥିଲା। ଅମୀର ତାକୁ ଖୁବ୍ ସାହାଯ୍ୟ କରିଛି ସେତେବେଳେ। ନିଜ ପଢ଼ାପଢ଼ି ପାଇଁ ତା'ର ଚିନ୍ତା ନ ଥିଲା। ଅଥଚ ନିମିଷା ପାଇଁ ଖୁବ୍ ବେଶୀ ଚିନ୍ତିତ ଥିଲା ସେ।

"ଏବେ ପିଲାଟିଏ ସଂସାରକୁ ଆଣିବା ଖୁବ୍ ଅନ୍ୟାୟ ତୁମ ଦୁହିଁଙ୍କର।" ଅମୀର ଶାସନ କରିବା ଭଙ୍ଗୀରେ କହିବାକୁ ଆରମ୍ଭ କରେ। କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ମନୋନିବେଶ କରିଥିବା ସମୟରେ ଅମୀରର ଏଭଳି ମନ୍ତବ୍ୟରେ ଉତ୍କ୍ଷିପ୍ତ ହୋଇଉଠିଲା ନିମିଷା। ତା'ର ଶାନ୍ତ ସୁନ୍ଦର ମୁହଁରେ ଅସନ୍ତୋଷର ଛାପ। ନିରବରେ ଉଠିଗଲା ସେ ଅନ୍ୟ ଗ୍ରୁପ୍‌ର ଛାତ୍ରଛାତ୍ରୀ କେତେଜଣଙ୍କ ପାଖକୁ।

ଅମୀର୍‌ଠାରୁ ମୁହଁ ଲୁଚେଇ ବୁଲିଲା ଗୋଟାଏ ସପ୍ତାହ। ଶେଷରେ ନିଜେ ଅମୋଲ ବୁଝାଇଥିଲେ ନିମିଷାକୁ, "ବନ୍ଧୁତାର ଅଧିକାରରେ ଏତିକି କହିଦେଲା ବିଚରା। ଶାସ୍ତି କିନ୍ତୁ ବେଶୀ ହୋଇଯାଉଛି।"

ଅମୋଲ୍‌ଙ୍କ ଛାତିରେ ମୁହଁ ରଖି ସମସ୍ତ ଗ୍ଳାନି ପୋଛିଦେଇଥିଲା ନିମିଷା।

ଅମୀର୍ ଶାହା କିନ୍ତୁ ଏହାପରେ ବେଶ୍ ସତର୍କ ହୋଇଯାଇଥିଲା। ନିମିଷାର ନିକଟତର ହେବାକୁ ସବୁ ପ୍ରକାର ଚେଷ୍ଟା କରିଥିଲା ସେ ଏବଂ ଏବେ ସେ ନିମିଷାର ମନ ପଢ଼ିନେଇ କଥାବାର୍ତ୍ତା କରିବାକୁ ଆରମ୍ଭ କରେ।

"ନିଜର ପଢ଼ାପଢ଼ି ନାହିଁକି? ଏଥର ଉଠ। ମୁଁ ଘରକୁ ଯାଏ।"

Digitized by srujanika@gmail.com

"ଆମେ ଏତେ ସମୟ ପାଠରେ ଆଲୋଚନା ହିଁ କଲେ। ବାସ୍ତବିକ ସମୟ ଜାଣିହେଲା ନାହିଁ।" ଗମ୍ଭୀର ଭାବରେ ଉତ୍ତର ଦିଏ ଅମୀର।

ସେଦିନ ସନ୍ଧ୍ୟାରେ ଶାଶୂ, ଶ୍ୱଶୁରଙ୍କୁ ନେଇ ଅମୋଲ ଯାଇଥିଲେ ଜଣେ ସଂପର୍କୀୟଙ୍କ ଘରକୁ। ଝଡ଼ବର୍ଷା ରାତି। କାମ କରିବାକୁ ଥିବା ସ୍ତ୍ରୀଲୋକଟି ସନ୍ଧ୍ୟା ପରେ ପରେ ଘରକୁ ଚାଲିଯାଇଥିଲା।

ସାର୍ଥକ ସହ ଖେଳିବା ପାଇଁ ଖୁବ୍ ସମୟ ପାଇଥିଲା ନିମିଷା। ପୁଅ ଶୋଇଯିବା ପରେ ଅମୋଲଙ୍କୁ ଅପେକ୍ଷା କରିବା ବ୍ୟତୀତ ତା' ପାଖରେ କିଛି କାମ ନଥିଲା।

ବାହାରେ କଲିଂବେଲ୍‌ର ଶବ୍ଦ!

ଦ୍ୱାର ପାଖରେ ସଂପୂର୍ଣ୍ଣ ଭିଜି ଠିଆ ହୋଇଛି ଅମୀର ଶାହା। ମୁହଁରେ ଗାମ୍ଭୀର୍ଯ୍ୟର ରେଖା।

"ହଠାତ୍ ଏମିତି ? କ'ଣ କିଛି ଭଲ ଖବର ନାହିଁକି ?"

ନିମିଷା ସହଜ ଭାବରେ କଥାଟା କହିଲା। ଅଥଚ ଅକସ୍ମାତ୍ ଖୁସିରେ ଉଛୁଳି ଉଠି ତାକୁ ଅଭିନନ୍ଦନ ଜଣାଇଲା ଅମୀର୍, "ଆଃ, ମୋତେ ପଛକୁ ଠେଲି ଦେଇ ତୁମେ ୟୁନିଭରସିଟିର ଟପର୍ ହେଇଗଲ ?"

ଅମୀର୍‌ର ଦୁଇ ବାହୁରେ ଅଣନିଶ୍ୱାସୀ ହେଇ ପଡ଼ିଲା ନିମିଷା। ତଥାପି ନିଜ କୃତିତ୍ୱର ଏକ ଅବର୍ଣ୍ଣନୀୟ ଆନନ୍ଦ ତାକୁ ଏଭଳି ଆଚ୍ଛନ୍ନ କରିଥିଲା ଯେ ଅମୀର୍‌ର ଏହି ଅନ୍ତରଙ୍ଗ ଅତ୍ୟାଚାରକୁ ସେ ମନେ ମନେ କ୍ଷମା କରିଦେଲା।

ପାଖାପାଖି ସୋଫାରେ ଦୁହେଁ ଏକାଠି କଫି ପିଇବା ବେଳେ ଅମୀର କହେ,

"ଏକାଠି କ୍ଲିନିକ୍, ନର୍ସିଂହୋମ୍ କରିବା ଆମେ।"

"କିଛି କୁଆଡୁ ନାହିଁ। ପାଠ ତ କେତେ କ'ଣ ଆଗକୁ ଲମ୍ବିଛି। ଏବେଠୁଁ ଏତେ କଳ୍ପନାସବୁ ମୁଁ କରେ ନାହିଁ।"

ସମୟ ତ ଡେଣା ଲାଗିବା ଭଳି କେତେ ଶୀଘ୍ର ଉଡ଼ି ଚାଲିଗଲା।

କିନ୍ତୁ ଅମୀର ପ୍ରତି ନିଜର ଦୁର୍ବଳତାକୁ ସେ ଗୋପନ ରଖିଲା କାହିଁକି ? ଏମିତି ଦିନଟିଏ ନାହିଁ ଯେଉଁଦିନ କି ଅମୀର ତାକୁ ଦେଖା କରିନାହିଁ। ଫୋନ୍‌ରେ

Digitized by srujanika@gmail.com

ସବୁ କଥା କହିହୁଏ ନାହିଁ।

ପଢ଼ାରୁ ଅବସର ମିଳିଲେ ଘନଘନ ପାର୍ଟି, ପିକ୍‌ନିକ୍। ଠିକ ସେହିବର୍ଷ ଶାଶୂ, ଶ୍ୱଶୁର ଦୁହେଁ ସାର୍ଥକକୁ ସାଙ୍ଗରେ ନେଇ ସେମାନଙ୍କ ଭାଇ ଭଉଣୀଙ୍କ ଘରେ ବିବାହ ଉତ୍ସବ ଇତ୍ୟାଦିରେ ଯୋଗ ଦେବାରେ ବ୍ୟସ୍ତ ରହିଲେ।

ସାରାଦିନ ଅମୀର ସହ ବିତାଇ ସନ୍ଧ୍ୟାରେ ନିମିଷା ଯେବେ ଘରକୁ ଫେରି ଆସେ ତଥାପି ଫେରି ନଥାନ୍ତି ଅମୋଲ୍। ନିମିଷା ପାଠ ନେଇ ବ୍ୟସ୍ତ ରହିବା ପରଠାରୁ ଅମୋଲ ଘଣ୍ଟାଏ, ଦୁଇଘଣ୍ଟା ବିଭିନ୍ନ ଲାଇବ୍ରେରୀ ନଚେତ୍ କ୍ଲବ୍‌ରେ କେତେଜଣ ଘନିଷ୍ଠ ବନ୍ଧୁଙ୍କ ସହ ଖେଳାଖେଳି କରି କେବେ କେବେ ବିଳମ୍ବରେ ଫେରି ଆସୁଥିଲେ।

ତାଙ୍କ ଅନୁପସ୍ଥିତିରେ ଆଉଥରେ ଅମୀରକୁ ଫୋନ୍ କରି ଡକାଇ ଆଣୁଥିଲା ନିମିଷା।

ଏ କି ପ୍ରକାର ଖେଳ ? ଅମୋଲ୍‌ଙ୍କ ପାଖରେ କିଛି କଥା ଗୋପନ ରଖିପାରୁନଥିବା ନିମିଷା ଅମୀର ଭିନ୍ନ ଅନ୍ୟ କିଛି ମନରେ ସ୍ଥାନ ଦେଇ ପାରେ ନାହିଁ କାହିଁକି ?

ଉଚ୍ଚତର ଶିକ୍ଷା ପାଇଁ ତାକୁ ଲଣ୍ଡନ୍ ପଠାଇବା ପାଇଁ ଅମୋଲ୍ ସବୁ ବ୍ୟବସ୍ଥା କରିବା ଆରମ୍ଭ କରିଥିଲେ। ଅନେକ ସମୟରେ ନିରବ ରହୁଥିବା ନିମିଷାକୁ ସେ ବୁଝାନ୍ତି,

"କ'ଣ ଭାବୁଛ ଏତେ ?"

"ନା, କିଛି ନୁହେଁ।" ପ୍ରକୃତିସ୍ଥ ହୁଏ ନିମିଷା।

"ଆମକୁ ଛାଡ଼ି ବାହାରକୁ ଯିବାକୁ ତୁମର ଇଚ୍ଛା ନାହିଁ, ମୁଁ ଜାଣିଛି। କେତେଟା ବା ବର୍ଷ। ଫେରି ଆସିଲେ ତୁମ ପାଇଁ ସୁନ୍ଦର ପ୍ଲାନ୍ କରି ରଖିଛି ମୁଁ।"

ଚମକି ପଡ଼େ ନିମିଷା। ଅମୋଲ୍ କ'ଣ ସବୁ କହୁଛନ୍ତି ? ଅନ୍ଧାରରେ ଏକା ବିଛଣାରେ ଶୋଇଥିବା ନିମିଷାର ସେଇ ଅନ୍ୟମନସ୍କତା ଯେ ଅମୀର୍ ପାଇଁ, ତା' ଜାଣି ପାରନ୍ତି ନାହିଁ ଅମୋଲ୍।

ନିମିଷାକୁ ପାଖକୁ ଟାଣି ନେଇ କହନ୍ତି, "ଶୋଇଯିବା। ପରେ ସବୁ କଥାବାର୍ତ୍ତା।"

Digitized by srujanika@gmail.com

ଅମୋଲ୍ ସବୁ ବ୍ୟବସ୍ଥା କରିଛନ୍ତି। ଲଣ୍ଡନ୍‌ରେ ଅଧିକାଂଶ ଦିନ ଖାଲି ରହୁଥିବା ତାଙ୍କ ବାପାଙ୍କର ଜଣେ ବନ୍ଧୁଙ୍କର ଫ୍ଲାଟ୍‌ଟିଏ ସେ ବ୍ୟବସ୍ଥା କରିଦେଲେ ନିମିଷା ପାଇଁ।

ନାମକୁ ମାତ୍ର ରହିବା। ଏ ପାଠର ଶେଷ କେଉଁଠି କେଜାଣି? ବିରକ୍ତ ହୋଇଯାଏ ନିମିଷା। ତା' ସହ ଅମୀର ପଢ଼ିବା ପାଇଁ ନ ଆସିଥିଲେ କ'ଣ ହୋଇଥାଆନ୍ତା ସେ ଭାବି ପାରେ ନାହିଁ।

ଲଣ୍ଡନ୍ ଆସିବା ପରେ ବହୁତ ଭାବିଚିନ୍ତି ଅମୋଲଙ୍କୁ କ୍ଷମାମାଗି ସେଇ ଶେଷ ଚିଠିଟି ସେ ପଠାଇଦେଇଥିଲା ଅଥଚ ବାରମ୍ବାର ଆସି ତା' ସହ ରାତ୍ରିଯାପନ କରିବାକୁ ଇଚ୍ଛୁକ ଅମୀର୍‌କୁ ବାଧକରି ଫେରାଇ ଦିଏ ନିମିଷା।

"ନା, ଏବେ ନୁହଁ। ଆମର ବିବାହ ପରେ।"

"ଆରେ ନିମିଷା, ତୁମେ ଶାହା ଅଫ୍ ଇରାନ୍‌ର ବେଗମ୍ ହେବାକୁ ଯାଉଛ? ଜାଣିଛ ତ? ଇରାନ୍‌ରେ ଆମର ସମସ୍ତେ ରହିଛନ୍ତି। ଏଠି ଲଣ୍ଡନ୍‌ରେ ବି କେହି କେହି। କିନ୍ତୁ ସେଠାରେ ଆମର ବିଜିନେସ୍ ଖୁବ୍ ଭଲ ଚାଲେ।"

"ଥାଉ, ତୁମେ ଯାଅ। ସେ ସବୁ ଶୁଣିବାକୁ ମୋର ଇଚ୍ଛା ନାହିଁ।"

ନିମିଷାର ନରମ ହାତଟି ନିଜ ହାତରେ ନେଇ ଚୁମା ଦିଏ ଅମୀର।

"ଖୁବ୍ କଷ୍ଟ ଦେଉଛ ନିମିଷା। ନା, ଆଉ ଅପେକ୍ଷା କରି ହବ ନାହିଁ। ଚାଲ ଶୀଘ୍ର ବାହା ହେଇ ପଡ଼ିବା।"

ଅଛା କଥା କହୁଥିବା ନିମିଷା ଠେଲି ଠେଲି ଅମୀରକୁ ବାହାରେ ଛାଡ଼ି କବାଟ ବନ୍ଦ କଲା। ସେ ରାତିରେ ସେ ପଢ଼ାପଢ଼ି କରିପାରେ ନାହିଁ। ଶୋଇ ପାରେ ନାହିଁ ଭଲରେ।

ଏବେ କ'ଣ ହେଇଛି କେଜାଣି ନିମିଷା ମଧ୍ୟ ସେଇ ଏକା ବିଷୟ ଚିନ୍ତା କରୁଛି।

ଅପେକ୍ଷାର ଦିନଟି ଖୁବ୍ କଷ୍ଟ ଲାଗୁଛି। ଅଛା କେତେଦିନ ପାଇଁ ବାପା ଡକାଇଥିବା ବିଷୟ କହି ହୁଏତ ଘରକୁ ଯାଇଛି ଅମୀର। ଖୁବ୍ ଏକା ଲାଗୁଛି ନିମିଷାକୁ।

ଝିପି ଝିପି ବର୍ଷା ସାରାଦିନ ଲାଗି ରହିଛି। ପାଗ ତ ସବୁବେଳେ ଏମିତି

Digitized by srujanika@gmail.com

ଏଠି । ତଥାପି ଦିନରେ ଖରା ଦେଖି ଅମୀରକୁ ସେ ଖୁବ୍ ମନେପକେଇଲା । ବେଶୀ ଚିନ୍ତା କଲେ ହୁଏତ ସେ ଆସି ପହଞ୍ଚିଯାଇପାରେ, ଭାବିଲା ।

ଠିକ୍ ସେତିକିବେଳେ ବାହାରେ କଲିଂବେଲ୍‌ର ଶବ୍ଦ । କବାଟ ଖୋଲି ଭୂତ ଦେଖିବା ଭଳି ଚମକି ପଡ଼ିଲା ନିମିଷା ।

ମୁହଁରୁ ବୁର୍ଖା ଖୋଲି ଜଣେ ସୁନ୍ଦରୀ ମହିଳା ହସହସ ମୁହଁରେ ପଚାରିଲେ, "ଅମୀର ଶାହା ଅଛନ୍ତି କି ?"

"ନା - ସେ ଏଠି ରହନ୍ତି ନାହିଁ । ମୋତେ ତାଙ୍କ ଠିକଣା ଜଣା ନାହିଁ । ଅବଶ୍ୟ ସେ ମୋ ସହ ପଢ଼ନ୍ତି ।" ନିମିଷାର ଏତେ ବେଶୀ କଥା କହିବାର ଥିଲା କି ନାହିଁ ସେ ଭାବିପାରିଲା ନାହିଁ ସେତେବେଳେ ।

"ଏ ଠିକଣା ତାଙ୍କ ଛୋଟ ଡାଏରୀରୁ ମିଳିଲା । ସେ ହଠାତ୍ ନ କହି ଚାଲି ଯାଇଛନ୍ତି ତ । ଭାରି ଚିନ୍ତା ହେଉଛି, ଭଉଣୀ ।"

"ଆପଣ ?" ସମବେଦନା ସ୍ୱରରେ ପଚାରିଲା ନିମିଷା ।

"ଆପଣଙ୍କୁ ସେ ମୋ କଥା କହି ନାହାଁନ୍ତି ? ଦେଖନ୍ତୁ ବୁଦ୍ଧି, ଥରେ ତ ଆପଣଙ୍କୁ ଆମ ଘରକୁ ଆଣି ପାରିଥାଆନ୍ତେ ।"

କେବେ ଆଦୌ ଅସୁସ୍ଥ ହେଉ ନଥିବା ନିମିଷାର ମୁଣ୍ଡରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା ।

ସ୍ତ୍ରୀଲୋକ ଜଣକ ଏଥର ଅଳ୍ପ ଲାଜ ମିଶା ସ୍ୱରରେ କହିଲେ, "ଆପା ତ ଇରାନ୍‌ରେ ରହନ୍ତି । ତା'ଙ୍କର ପ୍ରଥମା । ମୁଁ ପରେ ବାହାହେଲି । ଏଠି ତ ଆମର ବିଜିନେସ୍ ଅଛି, ଭଉଣୀ । ତଥାପି ଡାକ୍ତରଖାନା କରିବା ପାଇଁ ତାଙ୍କର ଖୁବ୍ ଇଚ୍ଛା ।"

ଏସବୁ ଏତେ କଥା ନିମିଷା କାହିଁକି ଶୁଣୁଛି ? ଭଦ୍ରମହିଳା ଯିବା ପାଇଁ ଉଠିଲେ । ସେ ଯିବା ପରେ ପରେ ଆସି ପହଞ୍ଚିଲା ଅମୀର ।

ସେଇ ରାତିରେ, ସେଇ ବର୍ଷା ଅନ୍ଧାର ରାତିରେ ଅମୀରକୁ ନିଷ୍ଠୁର ଭାବରେ ସବୁଦିନ ପାଇଁ ଫେରାଇ ଦେଇା ନିମିଷା ।

ଖୁବ୍ ବୁଝାଇବାକୁ ଚେଷ୍ଟା କରିଥିଲା ଅମୀର ।

"ଏଇ ଛୋଟ କଥା ନେଇ ବ୍ୟସ୍ତ ? ଏ ତ ଆମର କଷ୍ଟମ୍ । କିନ୍ତୁ ଏ ବେଗମ୍‌ମାନଙ୍କ ସହ ମୋର ମନର ମେଳ କାହିଁ ? ଥରେ ବୁଝିବାକୁ ଚେଷ୍ଟା

Digitized by srujanika@gmail.com

କର, ନିମିଷା।''

''ନା... ନା..।'' ଚିତ୍କାର କଲା ନିମିଷା।

ନିମିଷା କ'ଣ ସ୍ୱପ୍ନ ଦେଖୁଥିଲା ? ଏତେ ଚିତ୍କାର ! ଅଥଚ ପାଖ ସିଟ୍‌ମାନଙ୍କରେ କେହି ତା' ପାଟି ଶୁଣିବା ଭଳି ମନେହେଉ ନାହିଁ ?

ପ୍ରତ୍ୟେକ ବ୍ୟକ୍ତିଙ୍କ ମୁଖ ହସ ହସ। ଦେଶର ମାଟି ସ୍ପର୍ଶ କରୁଛି ଏୟାର୍ ଇଣ୍ଡିଆ।

ସେଠିକାର ସାଧାରଣ ଝମେଲା ତୁଟାଇ ନିରବରେ ବାହାରି ଆସିଲା ନିମିଷା। କିଏ ତା' ହାତରୁ ଲଗେଜ୍ ଟ୍ରଲିଟି ନେଇ ଯାଉଛି ?

ଅମୋଲ୍ !

ନିମିଷା ଆଖିରେ ତଥାପି ଏତେ ଲୁହ !!

''ତୁମେ ନ ଜଣାଇଲେ ବି ଆଜି ଆସି ପହଞ୍ଚୁଛ, ଏ ଖବର ମୁଁ ଫୋନ୍‌ରେ ପାଇଛି।''

କାନ୍ଦିବା ବ୍ୟତୀତ ନିମିଷା ପାଖରେ ହୁଏତ ଅନ୍ୟ କିଛି ଶକ୍ତି ନ ଥିଲା ସେତେବେଳେ ।

□□

Digitized by srujanika@gmail.com

# ପରାଜିତ ସମ୍ରାଟ

-ମା... ମା... କବାଟ ଖୋଲ।

କିଏ ? -ନୀଳାଞ୍ଜନା ବିଛଣାରେ ଉଠି ବସିଲେ। ଝରକା ଫାଙ୍କରେ ଆକାଶକୁ ଚାହିଁଲେ। ବାହାରେ ଅନ୍ଧାର ଅଛି। ଆକାଶରେ ତାରାମାନେ ଜଳୁଛନ୍ତି। ମେଘ ଫାଙ୍କରେ ତେଜହୀନ ଚନ୍ଦ୍ର। ରାତି ଶେଷ ହୋଇ ନାହିଁ। ଅନିଦ୍ରା ହେତୁ ମୁଣ୍ଡରେ ପଥର ଲଦିଲା ଭଳି ଲାଗୁଛି। ଆଖି ପୋଡୁଛି। ଆଉ ଘଣ୍ଟାଏ ଶୋଇ ହେବ।

ନୀଳାଞ୍ଜନା ଆଖି ବୁଜିବାକୁ ଚେଷ୍ଟା କଲେ। ଏଇ କେତେଦିନ ହେବ ସେ ଏମିତି କେତେ କ'ଣ ସ୍ୱପ୍ନ ଦେଖୁଛନ୍ତି। ସ୍ୱପ୍ନ ସତ ହୁଏ ନାହିଁ। ତଥାପି ଥରେ ହେଲେ ସେ ଆସନ୍ତା ! ତାକୁ କୋଳେଇ ନେଇ ନୀଳାଞ୍ଜନା କୁହନ୍ତେ, 'ତୋର ମା' ଅଛି। ତୁ କାହିଁକି ଦୁଃଖ କରୁଛୁ ? ତୋ ପାଇଁ ଯାହା ଦରକାର ମୁଁ କରିବି। ବିଶ୍ୱାସ ହଉ ନାହିଁ? ଧନଟା ପରା, ତୁ ଆଉ ମୁହଁ ଶୁଖାନା।'

ତଣ୍ଟି ପାଖରେ, ଛାତିରେ କୋହ ଜମିଲା। କେତେ ଦିନ ହେଲା ତା'କୁ ହିଁ ଝୁରି ହେଉଛନ୍ତି ନୀଳାଞ୍ଜନା। ସେ କୁଆଡ଼େ ଗଲା ? ପରୀଟିଏ ହେଇ ଉଡ଼ିଗଲା କି? ମା' କୋଳରୁ ଘୁଞ୍ଚୁ ନ ଥିବା କଅଁଳେଇ ଭଳି ସାନ ଝିଅଟା କେମିତି ଏତେ ଦୁଃଖୀ ହୋଇଗଲା ? ଜନ୍ମରୁ ତୋଫା ଗୋରା ରଙ୍ଗ, ଦୁଇ ଗାଲରେ କିଏ ଯେପରି ଗୋଲାପି ରଙ୍ଗ ଛୁଆଇଁ ଦେଇଛି। ବଡ଼ ବଡ଼ ସୁନ୍ଦର ଆଖି ଦୁଇଟି ଦେଖିଲେ ଦୁଃଖ ପାଶୋରି ହୋଇଯାଏ। ତା' କଣ୍ଠରେ ଗୀତଟିଏ ଶୁଣିଲେ ମନ ପୂରିଯାଏ। କେବେ କିପରି ଲୁଚେଇ ଲୁଚେଇ ଘରେ ବାପା ନଥିବା ବେଳେ ସେ ଗିଟାର ବଜାଏ। ମା'କୁ ଡାକି ପାଖରେ ବସି ନୂଆ ଫିଲ୍ମର ଧୁନ୍ ଶୁଣାଏ।

Digitized by srujanika@gmail.com

ନୀଳାଞ୍ଜନା ତାଙ୍କ ଭାଇ ହାତରେ ଖବର ଦେଇ ବେଶ୍ ସାହସର ସହିତ ବିଦେଶରୁ ମଗାଇଥିଲେ ରୋଜି ମନ ଲାଖି ଏଇ ଗିଟାର୍‌ଟି ଅନିରୁଦ୍ଧଙ୍କୁ ନ ଜଣାଇ। ଗେହ୍ଲା ଝିଅ ପାଇଁ ଏତିକି କରିଥିବାରୁ ବେଶ୍ ମନସ୍ତାପରେ ରହିଲେ ସେ କେତେଦିନ। ରୋଜି ଆନନ୍ଦରେ ମା' ବେକରେ ଦୁଇହାତ ଛନ୍ଦି ସଂସାରର ସବୁ ସୁଖ ପାଇବା ଭଳି ନାଚିଥିଲା ସେଦିନ। ଅଥଚ ସେଇ ପ୍ରିୟ ଜିନିଷଟି ଛାଡ଼ି କୁଆଡ଼େ ଉଭେଇ ଗଲା ସେ ?

ବାହାରେ କବାଟରେ କିଏ ଧୀରେ ଠକ୍ ଠକ୍ କରୁଛି। କିଏ ତାଙ୍କ ନାଁ ଧରି ଡାକିବା ଭଳି ଲାଗୁଛି। ଆଉ ଥରେ ବିଛଣାରେ ଉଠିବସିଲେ ନୀଳାଞ୍ଜନା। ଏତେ ରାତିରେ କିଏ ଆସିବ ? ଅନିରୁଦ୍ଧ ? ନା- ଏ ତାଙ୍କର ମନର ଭ୍ରମ ! ସେ ଆସିବେ ନାହିଁ। ଯିବାବେଳେ କହିଗଲେ, "ଏ ଘରକୁ ତୁମେ ବିଶୃଙ୍ଖଳ, ବିଧ୍ୱସ୍ତ କରିଦେଇଛ। ଆଉ କେବେ ବି ମୁଁ ଏ ସ୍ଥାନରେ ପାଦ ଦେବି ନାହିଁ। ଯଦି ଫେରି ଆସେ, ତେବେ ଆସିବି ମୋ ଜନ୍ମମାଟିକୁ। ସେଇ ଗାଁରେ ମୋର ଶେଷ ଜୀବନ ବିତାଇ ଦେବି। ସେଇ ପ୍ରିୟ ଲୋକଙ୍କ ପାଇଁ କିଛି କାମ କରିବାରେ ହିଁ ସାର୍ଥକତା।"

ନୀଳାଞ୍ଜନାଙ୍କ ମୁହଁ ଏମିତି କରୁଣ ହୋଇ ଉଠୁଛି କାହିଁକି ? ଅନିରୁଦ୍ଧଙ୍କ ଆଦର୍ଶବାଦୀ ମନ, ନୀତି, ନିୟମ, ଶୃଙ୍ଖଳା ପ୍ରତିକ୍ଷେତ୍ରରେ ଏ ପରିବାରରେ ଅସନ୍ତୋଷ ସୃଷ୍ଟି କରେ କାହିଁକି ? ଅଥଚ ତାଙ୍କ ଗାଁରେ, ଅଫିସ୍‌ରେ ସେ ସମସ୍ତଙ୍କର ପ୍ରିୟପାତ୍ର। ଘରର ବାହାରେ ସେ ଶାନ୍ତ, ସଂଯତ ବ୍ୟକ୍ତିଟିଏ। ଘରକୁ ଫେରିଲେ କ୍ରୋଧୀ ଦୁର୍ବାସା ! ଅନିରୁଦ୍ଧଙ୍କର ମନେହୁଏ, ସ୍ତ୍ରୀ, ପୁତ୍ର, କନ୍ୟା ସଭିଏଁ ତାଙ୍କର ବିରୁଦ୍ଧାଚରଣ କରୁଛନ୍ତି।

ନୀଳା, ଶୀଘ୍ର ଆସିବ - ଆଦେଶ ଦେବା ସ୍ୱରରେ ଡାକନ୍ତି ଅନିରୁଦ୍ଧ।

ସେତେବେଳେ ହୁଏତ ନୀଳାଞ୍ଜନା ଠାକୁର ଘରେ ପୂଜା, ପ୍ରାର୍ଥନାରେ ମନୋନିବେଶ କରିଥିବେ କିମ୍ବା ରୋଷେଇ ଘରେ ଠିକ୍ ସମୟରେ ରନ୍ଧା ଶେଷ ପାଇଁ ଲାଗିଥିବେ। ତଥାପି ଆସିବାକୁ ହେବ। ଅନିରୁଦ୍ଧଙ୍କର ଆଦେଶ ଅମାନ୍ୟ କରିବାର ଆସ୍ପର୍ଦ୍ଧା କାହାର ନାହିଁ ଏ ଘରେ। ପୁଅ, ଝିଅଙ୍କର ସବୁ କଥା ସବୁବେଳେ ନୀଳଞ୍ଜନାଙ୍କ ପାଖରେ। ମା'କୁ ଆଢୁଆଳ କରି ବାପାଙ୍କ ସହ ସଂପର୍କ। ନୀଳାଞ୍ଜନା ଓ ପିଲାଙ୍କ ପ୍ରତି ଉଦ୍ଦିଷ୍ଟ ଅନିରୁଦ୍ଧଙ୍କର ପରୋକ୍ଷ ଭାଷ୍ୟର

Digitized by srujanika@gmail.com

ଧାସ ସେମାନଙ୍କୁ ଛୁଇଁଯାଏ । ଝାଉଁଳି ପଡ଼ନ୍ତି ପିଲା ତିନୋଟି ।

ନୀଳାଞ୍ଜନା ସ୍ୱଚ୍ଛ ହସି କହନ୍ତି, "ଏତେ ବଡ଼ ବଡ଼ ପିଲା ହେଲ ବାପାଙ୍କୁ ଚିହ୍ନିଲନି । ସେ ଯାହା କହନ୍ତି ତୁମର ଭଲ ପାଇଁ, ଏସବୁ ତୀବ୍ର ଶୃଙ୍ଖଳାର କଥା । ତୁମ ବାପା ତ ପିଲାଦିନେ ସେଇଭଳି ବଢ଼ିଛନ୍ତି ।"

"କେତେବେଳଠାରୁ ତୁମକୁ ଡାକୁଛି ଶୁଣିପାରୁନ ?" ଅନିରୁଦ୍ଧଙ୍କର ଚକ୍ଷୁ ରକ୍ତବର୍ଣ୍ଣ । "ନିଅ; ଏ ସାର୍ଟ ପ୍ୟାଣ୍ଟ । କେବେ ଖୋଲି ଦେଖିଛ ? କାହାର କାମ ଏସବୁ ? ନୂଆ ସାର୍ଟ, ଧୋବା ସିଲେଇ ଖୋଲି ଦେଇଛି । ଏସବୁରେ ବୋତାମ ନାହିଁ । କ'ଣ ଯେ କର ଘରେ ବସି ବସି ।"

ଅନିରୁଦ୍ଧଙ୍କ ହାତରୁ ସେଇ ସାର୍ଟ ପ୍ୟାଣ୍ଟ୍ କେତେଖଣ୍ଡ ନେଇ ଅଲଗା କରି ରଖିଦେଇ ରୋଷେଇ ଘରକୁ ବାହାରି ଯାଆନ୍ତି ନୀଳାଞ୍ଜନା । ପ୍ରତି ମୁହୂର୍ତ୍ତରେ ଅନିରୁଦ୍ଧଙ୍କର ଉଗ୍ରରୂପ, ଅସହ୍ୟକର କଥା ତାଙ୍କୁ ଆହତ କରେ । ଏବେ ଏସବୁ ନେଇ ମନ ଖରାପ କରିବା ସେ ଭୁଲିଯାଇଛନ୍ତି ବହୁ ବର୍ଷରୁ ।

ତଥାପି ଖାଇବା ଟେବୁଲରେ, ଶୋଇବା ବିଛଣାରେ ଅନିରୁଦ୍ଧଙ୍କର ବ୍ୟସ୍ତ, ବିରକ୍ତ ସ୍ୱର କେବେ କେବେ ଅତ୍ୟନ୍ତ ଅସହ୍ୟକର ହୁଏ । କାଠଗଡ଼ାରେ ଆସାମୀକୁ ଠିଆ କରେଇ ପ୍ରଶ୍ନ କରିବା ଭଳି ଗମ୍ଭୀର ସ୍ୱରରେ ଅନିରୁଦ୍ଧ ପଚାରନ୍ତି,

"ନିରଜା କ'ଣ କରୁଛି ?"

"ଶୋଇଥିବ ।"

"ଫୋନ୍‌ରେ କଥା କହୁଛି, ଜାଣିପାରୁନ ?"

"ପିଲାଙ୍କ କଥାରେ ମୁଁ କାନ ଦିଏ ନାହିଁ ।"

"କ'ଣ କହିଲ ? ବାଇଶ, ତେଇଶ ବର୍ଷର ଝିଅ ରାତି ଅଧରେ କାହା ସହ ଅନ୍ତରଙ୍ଗ ଆଳାପରେ ମଜ୍ଜି ଯାଇଛି, ମା'ଟିଏ ସେ ଖବର ରଖିବ ନାହିଁ ? ତାକୁ ଆକଟ କରିବ ନାହିଁ ?"

ନିରଜା ଭଳି ଝିଅକୁ ନୀଳାଞ୍ଜନାଙ୍କର କିଛି କହିବା ଆବଶ୍ୟକ ହୁଏ ନାହିଁ । ମା' ପାଖରେ କୋଉ କଥା ସେ ଅଛପା ରଖେ ନାହିଁ । ବିଶ୍ୱବିଦ୍ୟାଳୟର ସ୍ୱର୍ଣ୍ଣପଦକ ବିଜୟିନୀ ନିରଜା । ସେ ଯଦି ତା' ସମକକ୍ଷ, ତା' ସହ ମନ ମିଳୁଥିବା, ଏକାଠି ପଦସ୍ଥ ଚାକିରିରେ ଯୋଗ ଦେଇଥିବା ପ୍ରଭାତ ସହ ବନ୍ଧୁତା କରେ, ବିବାହ କରିବା ପାଇଁ ଆଗ୍ରହ ପ୍ରକାଶ କରେ, ସେ ବାଧାଦେବେ

Digitized by srujanika@gmail.com

କାହିଁକି ? କେଉଁ ମା' ଅବା ଝିଅର ସୁଖ ଖୋଜେ ନାହିଁ ? ଆଭିଜାତ୍ୟସଂପନ୍ନ ପରିବାରର ସମ୍ମାନ, ବଂଶ ପରମ୍ପରା, ବହୁ ନୀତି ନିୟମର ସୀମାରେଖାକୁ ଜଗି ବସିଥିବା ଅନିରୁଦ୍ଧଙ୍କୁ ଏସବୁ ବୁଝେଇବା ଖୁବ୍ କଷ୍ଟ। ମଣିଷର ମନ ବିଶେଷ କରି ନିଜର ସ୍ତ୍ରୀ, ପିଲାଙ୍କୁ ବୁଝିବା ଅପେକ୍ଷା ସେମାନଙ୍କୁ ଶାସନ କରିବା ପଦ୍ଧତିରେ ସେ ଅଧିକ ବିଶ୍ୱାସ କରନ୍ତି।

ଶେଷରେ ଅନିରୁଦ୍ଧଙ୍କର ଜିଦ୍ ରହିଲା। ନିରଜା, ପ୍ରଭାତଙ୍କର ବିବାହ ସେ କରାଇଦେଲେ ନାହିଁ। ଏମିତି ଚୁପ୍‌ଚାପ୍ ନିରବରେ ଯନ୍ତ୍ରଣା ସହି ନେବାର ଝିଅ କ୍ୱଚିତ ଦେଖିଥିବେ ନୀଳାଞ୍ଜନା। ନିରଜାର ଓଠରୁ ହସ ଲିଭିଗଲା। ତା'ର ଶୁଷ୍କ ବିରସ ମୁହଁ ଦେଖି ନୀଳାଞ୍ଜନାଙ୍କ ହୃଦୟରୁ ସତେକି ରକ୍ତ ଝରିଲା।

ନିରଜା ଦିନେ ପାଠ ସହ ଅଧିକ ଅନ୍ତରଙ୍ଗ ଥିଲା। ତେବେ ବିବାହ ପରେ ଶ୍ୱଶୁର ଘରେ ସମସ୍ତଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେ ଯାହା ଯେତିକି ପାରିଛି କରିଛି। ଶେଖରଙ୍କୁ ସ୍ଥିର ଚିତ୍ତରେ କହିଛି, ''ଆମେ ଟିକେ ଶାନ୍ତିରେ, ସୁଖରେ ରହିପାରନ୍ତେ ନାହିଁ ? ତୁମେ ଯଦି କହିବ ମୁଁ ଛୁଟି ନେବି। ବାହାରେ କେତେ ଦିନ ବୁଲାବୁଲି କରି ଆସିବା।''

ଶେଖର ହୋ ହୋ ହେଇ ହସନ୍ତି। ''ଅଭିନୟ ନା ଦୟା କରୁଛ ? ମୁଁ ତ ତୁମର ପ୍ରିୟତମ ପ୍ରଭାତ ନୁହେଁ। ମୋ ସାଙ୍ଗରେ କେଉଁ ହିଲ୍‌ଷ୍ଟେସନ୍ ଯାଇ ତୁମେ ସୁଖୀ ହୋଇପାରିବ ? ନା ତୁମେ ଶାନ୍ତି ପାଇବ କିମ୍ବା ଏ ଘରେ କାହାକୁ ସନ୍ତୋଷ ଦେବାକୁ ସକ୍ଷମ ହେବ।''

କିଏ ଯେପରି ଶେଖରକୁ କହିଦେଇଛି, 'ପ୍ରତିଦିନ ପ୍ରଭାତର ନାମ ଉଚ୍ଚାରଣ କରି ତୋର ପତ୍ନୀକୁ ଯଦି ଚାବୁକ ମାଡ଼ ନ ଦେଉ, ସେ ତୋର ଅନୁଗତ ହେବ ନାହିଁ।'

ଦିନ ରାତି କେତେ ଶୁଣିବ ସେ ପ୍ରଭାତ ସଂପର୍କରେ ? ଶୁଣିଛି ପ୍ରଭାତ ଚାକିରି ଛାଡ଼ି ଦେଇ ରିସର୍ଚ୍ଚ କରିବା ପାଇଁ ବିଦେଶ ଯିବାର ଚେଷ୍ଟାରେ ଅଛି। ତା'କୁ ସଂପୂର୍ଣ୍ଣ ଭାବେ ଭୁଲିଯାଇ ଶେଖର ସହ ସୁଖରେ ସଂସାର କରିବା ପାଇଁ ଚାହୁଁଥିବା ଝିଅଟି କମ୍ କଷ୍ଟ ପାଇ ନାହିଁ।

ବାଧ୍ୟତଃ ନିରଜା ଆଇନ୍‌ର ଆଶ୍ରୟ ନେଇଥିବା ବିଷୟ ନୀଳାଞ୍ଜନାଙ୍କୁ ଚିଠିରେ ଲେଖିଥିଲା। ବାପାଙ୍କୁ ଏ ବିଷୟ ଜଣାଇ ତା'ର ଭୁଲ ଥିଲେ କ୍ଷମା କରିଦେବେ

Digitized by srujanika@gmail.com

ଏହା ମଧ୍ୟ ଅନିରୁଦ୍ଧଙ୍କ ଉଦ୍ଦେଶ୍ୟରେ ଲେଖି ଜଣାଇଥିଲା ସେ। ନିଜର ବଦଳି କରାଇ ସେହି ସହରରୁ ବିଦାୟ ନେଇଛି ନିରଜା।

ଅନିରୁଦ୍ଧ ଗର୍ଜି ଉଠିଲେ ଏ ସମସ୍ତ ବିଷୟ ଶୁଣିବା ପରେ। ନୀଳାଞ୍ଜନାକୁ ଦୋଷ ଦେବା ସ୍ୱରରେ ଚିତ୍କାର କରୁଥିଲେ, "ଦେଖିଲ ତ କ'ଣ ହେଲା? ଏସବୁ ତୁମର ଶିକ୍ଷା। ଏ ବଂଶ ନଷ୍ଟ ହେବାବେଳେ ଏହିଭଳି ପୁଅ, ଝିଅ ଜନ୍ମ ହୁଅନ୍ତି।"

ନୀଳାଞ୍ଜନାଙ୍କର ଇଚ୍ଛାହୁଏ କହିବା ପାଇଁ, 'ସେ ଯାହା କରିଛି ଠିକ୍ କରିଛି। ଏସବୁ ନିରଜାର ବିଚାର। ମୁଁ କିଏ? ମୁଁ ତ ମାଟି ପିତୁଳାଟାଏ।'

ଏ ଘଟଣା ପରେ ଦେବୀଦତ୍ତର ସେ ଚିଠି। ଅକ୍ସଫୋର୍ଡ୍ ବିଶ୍ୱବିଦ୍ୟାଳୟରେ ପଢୁଥିବାବେଳେ ପ୍ରଜ୍ଞା ସହ ତା'ର ବନ୍ଧୁତା ହୁଏ। ପ୍ରଜ୍ଞାର ବାପା, ମା, ଏକମାତ୍ର ସାନ ଭାଇଟି ଲକ୍ଷ୍ନୌର ବାସିନ୍ଦା।

"ସେମାନେ ଓଡ଼ିଆ ନହେଲେ ମଧ୍ୟ ଭାରତୀୟ। ତେଣୁ ତୁମର, ବାପାଙ୍କର ଏ ବିବାହରେ ଆପତ୍ତି ରହିବ ନାହିଁ ଆଶା।" ଦେବୀଦତ୍ତ ସବୁ ବିଷୟ ବୁଝେଇ ଲେଖି ବାପା, ମା'ଙ୍କର ଆଶୀର୍ବାଦ ଭିକ୍ଷା କରିଥିଲା।

ନୀଳାଞ୍ଜନା ମୁହଁ ଖୋଲି ଅନିରୁଦ୍ଧଙ୍କୁ ବାରମ୍ବାର ସେଇ ଗୋଟିଏ କଥା କହୁଥିଲେ, "ଏବେ ପୁଅ ବୋହୂଙ୍କୁ ଘରକୁ ଆଣି ହୋମଟାଏ କରିଦେବା। ଆମର ଏଠିକାର ବନ୍ଧୁମାନଙ୍କୁ, ଗାଁର ଆତ୍ମୀୟ, କୁଟୁମ୍ବ ସମସ୍ତଙ୍କୁ ଭଲକରି ଭୋଜିଟିଏ ଦେବା। ତୁମେ ଅରାଜି ହୁଅନା।"

"ତୁମର ମୁଣ୍ଡ ଖରାପ୍? ଏଭଳି ଅନ୍ୟାୟ, ଅନ୍ୟାଚାରକୁ ମୁଁ ଏ ଘରେ କଦାପି ପ୍ରଶୟ ଦେବି ନାହିଁ, ସେ କୁଳାଙ୍ଗାରର ମୁହଁ ଚାହିଁବି ନାହିଁ।" ଅନିରୁଦ୍ଧ ରାଗ, ଦୁଃଖରେ ଚିତ୍କାର କରୁଥିଲେ।

ସବୁ ଭାବି ମନ ଖରାପ କରିବା ବ୍ୟତୀତ ନୀଳାଞ୍ଜନାଙ୍କର କ'ଣ ବା ଉପାୟ ଥିଲା? ଯାହା ହେବା କଥା ହୋଇଯାଉଛି। ଶିକ୍ଷିତ, ଯୋଗ୍ୟର ପିଲାମାନଙ୍କୁ ବୁଝେଇ କହିବା ପାଇଁ କ'ଣ ଥାଏ? ଝିଅଟି ଯଦି ମନକୁ ପାଇଲା, ଅନ୍ତତଃ ମା' ବାପାଙ୍କୁ ଥରେ ଫୋନ୍‌ରେ ଜଣେଇ ଦେଇଥିଲେ କ୍ଷତି କ'ଣ ହୋଇଥାଆନ୍ତା? ଦେବୀଦତ୍ତ ଭଳି ପୁଅ ଯଦି ମା' ବାପାଙ୍କୁ ଚିଠିଟିଏ ପଠେଇ ଦେଇ ନିଜ ପସନ୍ଦର ଝିଅଟିକୁ ବିଦେଶରେ ବାହା ହୋଇଯାଏ, ଅନ୍ୟ ପିଲାମାନଙ୍କୁ କ'ଣ

Digitized by srujanika@gmail.com

କହିହେବ ?

ସବୁ ସମସ୍ୟାର ଯନ୍ତ୍ରଣାଠାରୁ ଆଉ ଏକ ଭୟଙ୍କର ଦୁଃଖ ଯେ ତାଙ୍କ ପାଇଁ ଅପେକ୍ଷା କରିଥିଲା, ତା' କ'ଣ କେବେ ବି ଭାବି ପାରିଥିଲେ ନୀଳାଞ୍ଜନା ?

ସତେକି ପାହାଡ଼ମାନ ଅକସ୍ମାତ ଭାଙ୍ଗି ପଡ଼ିଲେ ତାଙ୍କ ଉପରେ ! ସେସବୁ ବିଷୟ ଭାବିବା ବେଳକୁ ଖୁବ୍ କଷ୍ଟ ହେଉଛି ନୀଳାଞ୍ଜନାଙ୍କର । ଏ କେତେ ଦିନ ହେବ ସେ ନିଜ ସହ କଥାବାର୍ତ୍ତା କରନ୍ତି ପାଗଳୀଙ୍କ ଭଳି । କାନ୍ଦି କାନ୍ଦି ନିଜକୁ ନିଜେ ପଚାରନ୍ତି, 'ନୀଳା, ତୁ କାହିଁକି ବଞ୍ଚିଛୁ କହିଲୁ ?'

ଦେବୀଦତ୍ତ, ନିଗଡ଼ା ସତେକି ଅନିରୁଦ୍ଧଙ୍କୁ ଠକି ଦେଇଥିଲେ ? ସେମାନଙ୍କୁ ଅଖଣ୍ଡ ବିଶ୍ୱାସ କରି ପରାସ୍ତ ସମ୍ରାଟ ଭଳି ମାନସିକ ଯନ୍ତ୍ରଣା ଭୋଗୁଥିଲେ ଅନିରୁଦ୍ଧ । ସବୁ ରାଗ ଏକାଠି କରି ରୋଜିକୁ ଡାକି ସେ ଯାହା ମନ ତା' କହିଯାଉଥିଲେ ।

ଚାକିରିରୁ ଅବସର ନେବା ପରେ ପୂର୍ବ ପ୍ରସ୍ତୁତି ସବୁ ଯୋଜନା ଅନୁସାରେ କିଛି କରିବା ପାଇଁ ସେ ଯାହା ଭାବି ରଖିଥିଲେ, ସେଥି ନିମନ୍ତେ ସେ ସତେକି ସମସ୍ତ ମନୋବଳ ହରେଇ ବସିଲେ ଦିନକୁ ଦିନ ।

ଅନିରୁଦ୍ଧ କେବେ ପିଲାଙ୍କୁ ନାଁ ଧରି ଡାକିବା ଶୁଣିନାହାଁନ୍ତି ନୀଳାଞ୍ଜନା । ଅଥଚ ରୋଜିକୁ ସକାଳେ ସନ୍ଧ୍ୟାରେ ଖୋଜି ହେବା ତାଙ୍କର ଅଭ୍ୟାସ ହୋଇଗଲା ।

ସେଇ ଝିଅଟି ବାପାଙ୍କ ନାଲି ଆଖିର ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ହୁଏତ ଜନ୍ମରୁ ଶିଖି ଯାଇଥିଲା । ଅନିରୁଦ୍ଧ ଉଚ୍ଚସ୍ୱରରେ ଗର୍ଜନ କରୁଥିଲେ । ରୋଜି ପାଇଁ ନୀଳାଞ୍ଜନାଙ୍କୁ ପ୍ରକାରାନ୍ତରେ କହୁଥିଲେ ସେ, ''ଜଣେ ପଦସ୍ଥ ପ୍ରଶାସନିକଙ୍କ ଘରେ ଯାବତୀୟ ବିଶୃଙ୍ଖଳା ! ଅସମ୍ଭବ, ଦେଖିବ ରହ, ସେମାନଙ୍କୁ କାହାକୁ ମୁଁ ଛାଡ଼ିବି ନାହିଁ । କଠିନ ଶାସ୍ତି ଦରକାର ।''

ଏମିତି ଶୁଣିଲେ ଅଲିଅଳି ରୋଜି ଲୁଚେଇ ଲୁଚେଇ ମା' କାନି ଘୋଡ଼େଇ ହେଇ ହସି ପକାଏ । ନୀଳାଞ୍ଜନା ଅନୁଚ୍ଚ ସ୍ୱରରେ ଶାସନ କରନ୍ତି ।

ଝିଅଟି - ତା' ସୁଖରେ ସେ ଥାଏ । କଲେଜ ଯାଏ । ଘରେ ପଢ଼ାପଢ଼ି କରେ, ସାଙ୍ଗମାନଙ୍କ ଘରକୁ ବୁଲିଯାଏ । ଖେଳେ, ବୁଲେ, ଗୀତ ଗାଏ । ଟି.ଭି ଦେଖେ । ସ୍ଲୋ ଭଲ୍ୟୁମ୍‌ରେ ମ୍ୟୁଜିକ୍ ସିଷ୍ଟମ୍‌ରୁ ତା' ପସନ୍ଦର ସଂଗୀତ ଶୁଣେ, ସାଙ୍ଗମାନଙ୍କ ସହ ଫୋନ୍‌ରେ କଥା କହେ ।

Digitized by srujanika@gmail.com

କାହିଁକି ଯେ ଏସବୁ ଅସହ୍ୟ ହୁଏ ଅନିରୁଦ୍ଧଙ୍କର ବୁଝିପାରନ୍ତି ନାହିଁ ନୀଳାଞ୍ଜନା। ରୋଜି ତଥାପି ଖୁସୀ ଥିଲା। ନୀଳାଞ୍ଜନାଙ୍କୁ କହୁଥିଲା, ‘‘ବୁଝିଲ ମା’, ବାପା ଏବେ ସବୁରାଗ ମୋ ଉପରେ ଝଡ଼ଉଛନ୍ତି।’’

ଶେଷ ପର୍ଯ୍ୟନ୍ତ କ’ଣ ଏମିତି ହେଲା, ସେଇ ପଦଟିଏ କଥା! ଅନିରୁଦ୍ଧ ରୋଜିର କୋଠରୀରେ ପଶିଯାଇ କହିଲେ, ‘‘ଫୋନ୍ ରଖିଦେ କହୁଛି। କ’ଣ ଏତେ ଚାଲିଛି କଥାବାର୍ତ୍ତା ?’’

‘‘ଟିକେ ପରେ।’’ ଆସ୍ତେ କହିଲା ରୋଜି। ଅନିରୁଦ୍ଧ ମନେ ମନେ କୁହୁଳି ଉଠି ଆଉଥରେ ଧାଇଁ ଗଲେ ରୋଜି ପାଖକୁ। ହାତରୁ ରିସିଭରଟା ଛଡ଼ାଇ କଟି ଦେଲେ।

ସେଇଠି ଠିଆ ହୋଇ ଗମ୍ଭୀର ଭାବରେ ରୋଜି କହିଲା,

‘‘ଏ କ’ଣ ହେଉଛି, ବାପା ? ମୁଁ କଥା କହିଲେ ତୁମର କ’ଣ ଅସୁବିଧା ହୁଏ ? କ’ଣ ଭାବିଥିବ ସୁରେଶ ?’’

‘‘ସୁରେଶ ? କିଏ ସେ ପିଲା ? ତୁ କାହିଁକି ତା’କୁ ଫୋନ୍ କରୁ ?’’

‘‘ରୋଜି କିଛି ଉତ୍ତର ଦେଲା ନାହିଁ।’’

‘‘ମୁଁ ଯାହା ପଚାରୁଛି ତୋତେ କହିବାକୁ ହେବ। ବେଶ୍ ଦିମାକ୍ ବଢ଼ି ଯାଇଛି।’’

ରୋଜି ସେମିତି ନିରବରେ ବସି ରହିଲା ତା’ ପଢ଼ା ଟେବୁଲ ପାଖରେ। ମୁହଁଟା ଥମ୍ ଥମ୍। ‘‘ଭାବିଛୁ, ତୋତେ ମୁଣ୍ଡରେ ବସେଇବି ? ପଢ଼ାପଢ଼ି ବନ୍ଦ କର। ଏଥର ଯା’ ମା’କୁ ରୋଷେଇ ଘରେ ସାହାଯ୍ୟ କର।’’

କବାଟ ପାଖରେ ଟିକିଏ ଦୂରରେ ଠିଆ ହୋଇ ଆତଙ୍କିତ ହେଉଥିଲେ ନୀଳାଞ୍ଜନା।

ଅନିରୁଦ୍ଧଙ୍କୁ ଆଦୌ କିଛି ନ କହି, ଅନ୍ୟ ସବୁ ବିଷୟ ନ ଶୁଣିବା ଭଳି ଟେବୁଲ୍‌ରେ ଥିବା ଅଧାପଢ଼ା ଇଂରେଜୀ ନଭେଲ ଖଣ୍ଡିକ ଉଠେଇନେଲା ରୋଜି।

‘‘ମୋ କଥା ଶୁଣିପାରିଲୁ ନାହିଁ ?’’ ଅନିରୁଦ୍ଧଙ୍କ ଜିଦ୍ ବଢ଼ିଯାଇଛି। ରୋଜି ହାତରୁ ବହି ଖଣ୍ଡକ ଛଡ଼େଇ ନେଇ ବାହାର ବାଲକନିରୁ ତଳକୁ ଫୋପାଡ଼ି ଦେଲେ ସେ।

Digitized by srujanika@gmail.com

ତାଙ୍କୁ ଥରେ ଚାହିଁଦେଇ ପାହାଚରେ ଚଳକୁ ଓହ୍ଲାଇଗଲା ରୋଜି। ରୋଷେଇ ଘରକୁ ଯାଇ ଖାଇବାର ସମୟ ନହୋଇଥିଲେ ବି ନିଜ ପାଇଁ ଗୋଟିଏ ପ୍ଲେଟ୍‌ରେ ଯାହା ରନ୍ଧା ହୋଇଥିଲା, ବାଢ଼ିନେଇ ଟେବୁଲ ପାଖରେ ବସି ଖାଇବାରେ ମନ ଦେଲା।

ଅନିରୁଦ୍ଧଙ୍କର ରାଗ ଥଣ୍ଡା ପଡ଼ିଥିଲା। ନୀଳାଞ୍ଜନାଙ୍କୁ ମାଗି ଚା' କପ୍‌ଟି ନେଇ ବଗିଚା ପାଖ ବାହାର ବାରଣ୍ଡାକୁ ସେ ଚାଲି ଯାଇଥିଲେ।

ରୋଜି ଖାଇସାରି ଉଠିଯାଇଥିଲା ତା' କୋଠରୀକୁ। ବିଛଣାରେ ଶୋଇ ଶୋଇ କ'ଣ ଭାବୁଥିଲା। ନୀଳାଞ୍ଜନା ତା' ପାଖକୁ ଯିବାକୁ ସାହସ କଲେ ନାହିଁ।

ଠିକ୍ ସେଇଦିନ କ'ଣ ଏମିତି ଅଶୁଭବେଳା ଥିଲା କେଜାଣି? ନୀଳାଞ୍ଜନା ଦିନଟାରେ ଶୋଇବାକୁ କେବେ ବି ଭଲ ପାଆନ୍ତି ନାହିଁ, ତିନିଥର ଯାଇ ଝିଅର ଶୋଇବା କୋଠରୀ ପାଖରେ ଚାହିଁ ଦେଇ ଆସିଲେ ସେ। ରୋଜି ବିଛଣାରେ ପଡ଼ିଥାଏ ଆଖି ବୁଜି। ଅନ୍ୟ ଛୁଟିଦିନ ଭଳି ମା' ସାଙ୍ଗରେ ଆସି କଥା ଗପିବା, କିଛି ଖେଳିବା ପାଇଁ ଅଳି କରିବା, ଏସବୁ କିଛି କଲା ନାହିଁ ସେ। ତା'କୁ ଅପେକ୍ଷା କରି ବୈଠକ ଘରେ କିଛି ସମୟ ବସି ରହିଥିଲେ ନୀଳାଞ୍ଜନା। କାମ କରିବାକୁ ଥିବା ଲୋକଟି ସନ୍ଧ୍ୟାରେ କୁଆଡ଼େ ବୁଲିଯିବା ପାଇଁ କହି ସେତିକିବେଳୁ ଛୁଟି ନେଇ ବାହାରିଗଲା। ନୀଳାଞ୍ଜନା ବାଧ୍ୟତଃ ଉଠିଗଲେ ବିଛଣାରେ ଶୋଇ ସାମାନ୍ୟ ବିଶ୍ରାମ ନେବାକୁ। କେତେବେଳେ ତାଙ୍କ ଆଖି ଲାଗି ଯାଇଛି। ଅକସ୍ମାତ୍ ଅନିରୁଦ୍ଧଙ୍କର ପାଟିରେ ତାଙ୍କ ନିଦ ଭାଙ୍ଗି ଗଲା। ସେ ବାହାରକୁ ଉଠି ଆସିଲେ।

"କୁଆଡ଼େ ଗଲା ସେ? ଘରେ କୋଉଠି ନାହିଁ?"

"ଥାଉ, ମନ ଖରାପ କରିଛି କିଛି କୁହ ନାହିଁ। ପଡ଼ୋଶୀଙ୍କ ଘରକୁ ଯାଇଥିବ ତା' ସାଙ୍ଗ ନନ୍ଦିତା ପାଖକୁ।" ନୀଳାଞ୍ଜନା ଅନ୍ୟ କିଛି ଭାବି ପାରିଲେ ନାହିଁ। ଅନିରୁଦ୍ଧ ମଧ୍ୟ ନୀଳାଞ୍ଜନାଙ୍କ କଥା ବିଶ୍ୱାସ କରି ଅଧିକ କିଛି କହିଲେ ନାହିଁ। କୁଆଡ଼େ ଗଲା ରୋଜି? ସନ୍ଧ୍ୟା ଯାଇ ରାତି ହେଲା। ନନ୍ଦିତା ଘରେ ଥରେ ପଚାରିଥିଲେ ନୀଳାଞ୍ଜନା। ଅନିରୁଦ୍ଧ ତା'କୁ ବାରଣ କଲେ, "ଅଧିକ ଖୋଜାଖୋଜି କରିବାଟା ନିହାତି ଅସମ୍ମାନକର। ବରଂ ଅପେକ୍ଷା କରିବା ଉଚିତ୍।"

Digitized by srujanika@gmail.com

"କେତେ ସମୟ? ନା- ତୁମେ ଥରେ କୁଆଡ଼େ ଫୋନ୍ କର। ନିଜେ ବାହାରକୁ ଯାଅ ଗାଡ଼ି ନେଇ।" ନୀଳାଞ୍ଜନା ବ୍ୟସ୍ତ ହୋଇ କହୁଥିଲେ ଅନିରୁଦ୍ଧଙ୍କୁ। ଆଖିରୁ ଲୁହ ଝରୁଥିଲା। ଠାକୁରଙ୍କୁ ଡାକିବା ବ୍ୟତୀତ ତାଙ୍କର କିଛି କରିପାରିବାର ଶକ୍ତି ନଥିଲା। ଭିତରେ ବାହୁନି ବାହୁନି କାନ୍ଦୁଥିଲେ ସେ।

: ନୀଳା... ନୀଳା...

ନୀଳାଞ୍ଜନା ଶୋଇବା ଘର କବାଟ ଖୋଲି ବାହାରି ଆସିଲେ। ଠିକ୍ ଏତିକିବେଳେ ସମ୍ଭବତଃ ଅନେକ ସମୟ ପର୍ଯ୍ୟନ୍ତ ଲିଭିଯାଇଥିବା ବାହାର ରାସ୍ତାର ବିଜୁଳି ଆଲୋକ କେତୋଟି ଜଳି ଉଠିଲା, ତାଙ୍କ ଘରର କଲିଂବେଲ୍‌ଟା ବାଜି ଉଠିଲା। କିଛି ଚିନ୍ତା କରିବା ପୂର୍ବରୁ ଦାଣ୍ଡଦ୍ୱାର ପର୍ଯ୍ୟନ୍ତ ଧାଇଁଯାଇଥିଲେ ନୀଳାଞ୍ଜନା।

ଅନିରୁଦ୍ଧ ଫେରିଛନ୍ତି। ମାତ୍ର କେତେଟା ଦିନରେ କ'ଣ ଦେଖାଯାଉଛନ୍ତି ସେ? କିନ୍ତୁ ରୋଜି? ସେ କାହିଁ? ସେ ଫେରି ନାହିଁ ଯେ?

"ମୋ ରୋଜି କାହିଁ? କୁହ, ତୁମେ ତାକୁ ପାଇଲ ନାହିଁ? ସେ ବଂଚିଛି ତ? କୁଆଡ଼େ ଯାଇଥିଲା ତୁମେ?"

ଅନିରୁଦ୍ଧ ମନେ ହେଉଥିଲେ ଆଉ କେହି ଜଣେ। ନୀଳାଞ୍ଜନା ନିଜକୁ ସଂଭାଳି ପାରିଲେ ନାହିଁ। ବ୍ୟସ୍ତରେ ଚିତ୍କାର କରି କାନ୍ଦି କାନ୍ଦି କ'ଣ ସବୁ ସେ କହିଦେଉଥିଲେ।

"ମୁଁ ଜାଣିଥିଲି, ତୁମେ ତା'କୁ ଖୋଜି ଆଣି ପାରିବ ନାହିଁ। ସେ ଅଛି। ସେ ନିଶ୍ଚୟ କୋଉଠି ହେଲେ ଅଛି। ମୁଁ ତା'କୁ ଖୋଜି ନେଇ ଆସିବି। ସେ ପୁଣି ଗୀତ ଗାଇବ। ପ୍ରଜାପତି ପଛରେ ଧାଇଁବ। ମୋ ରୋଜି, ମୋ ସୁନା, ମୋ ଧନ।"

ନୀଳାଞ୍ଜନାଙ୍କ ପଚାଶ, ବାଉନ ବର୍ଷ ବୟସର ଦେହଟାରେ ଏତେ ଶକ୍ତି କୁଆଡ଼େ ଆସିଲା କେଜାଣି, ଅନିରୁଦ୍ଧଙ୍କ ହାତ ଛଡ଼ାଇ ବାହାର ରାସ୍ତାକୁ ସେ ପଳାଇ ଯାଇଥିଲେ।

ସେପାଖ ଆକାଶରୁ ଧୀରେ ଅନ୍ଧାର ପୋଛି ହୋଇ ଆସୁଥିଲା।

□□

* ଆକାଶବାଣୀ ସୌଜନ୍ୟରୁ

Digitized by srujanika@gmail.com

# ହରନାଥ ଓ ବଂଧୁମାନେ

ନୂଆ ଗଳ୍ପ ବହି ଖଣ୍ଡକ ହାତକୁ ନେଇ ଶୁଭେନ୍ଦୁ ହସ ରୋକି ପାରିଲା ନାହିଁ। "କ'ଣ କହୁଛୁ, ହର? ପ୍ରକାଶକ ଅତି ଆଗ୍ରହରେ ତୋଠୁଁ ମାନୁସ୍କ୍ରିପ୍ଟ ମାଗି ଛଅ ମାସରେ ବହି ଖଣ୍ଡେ ଛାପିଦେଲେ? ଏ କ'ଣ ଖୁବ୍ ବଡ଼ କଥା?"

"ନୁହେଁ? କିଏ ଏମିତି ଭଲ କାଗଜ, ଭଲ ଅକ୍ଷର ଦେଇ ଯତ୍ନରେ କାହା ବହି କରୁଚି କହତ?"

ଅଳ୍ପ କଥା କହୁଥିବା ହରନାଥ ଏତକ କହି ଚୁପ୍ ରହିଲା।

"ଏସବୁ କେବେ ବୁଝିବୁ? ତୋ ବ୍ୟତୀତ ଆଉ କ'ଣ କେହି ଭଲ ଲେଖୁ ନାହାଁନ୍ତି? କଥାଟା ଅନ୍ୟ ପ୍ରକାର, ବଂଧୁ। ଏସବୁ ତୋତେ ସନ୍ତୁଷ୍ଟ କରିବାର ଉପଲକ୍ଷ୍ୟ ମାତ୍ର। ତୋ ପୋଜିସନ୍ ପାଇଁ।"

ଶୁଭେନ୍ଦୁ ଖାଲି ଚା' କପ୍ ରଖିଦେଇ ସ୍କୁଟର ନେଇ ବାହାରି ଚାଲିଗଲା।

ହରନାଥ ସେତିକିବେଳୁ ଗୁମ୍‌ଖାଇ ବସିଛି। ଋତୁପର୍ଣ୍ଣା ମନେ ପକେଇ ଦେଇଗଲାଣି, ଛୁଟି ଦିନ ହେଲେ ବି ଗାଧୋଇବାରେ ହେଳାକଲେ ସେ ଅସୁସ୍ଥ ହୋଇ ପଡ଼ିବ।

ହରନାଥ ଆଉଥରେ ବହି ଖଣ୍ଡିକୁ ଆଉଁଶି ଦେଲା। ଶିଳ୍ପୀଙ୍କର ଛବି, ପ୍ରକାଶକଙ୍କର ଛପା, ବାସ୍ତବିକ ନିନ୍ଦା କରିବାର ନାହିଁ।

-ନିଜ ବହି କ'ଣ ଏତେ ଦେଖୁଛ?

-ଭଲ ହୋଇନି?

-ଖୁବ୍ ସୁନ୍ଦର। ଏଥର ଦିଅତ ତୁମର ସେ ଉପନ୍ୟାସର ମାନୁସ୍କ୍ରିପ୍ଟଟା।

Digitized by srujanika@gmail.com

-କାହିଁକି ?

-ମଂଜୁଶ୍ରୀ କହିଛି ଛାପିବ। ନୂଆ ପବ୍ଲିଶିଂ ହାଉସ୍ କରିଚି ତ।

ତାକୁ ଚେତେଇ ଦେଇଥିଲା ଶୁଭେନ୍ଦୁ! ବାପ୍‌ରେ ଏ ତ ପରୋକ୍ଷ ଭାବରେ ଉତ୍କୋଚ ଗ୍ରହଣ!

-କିଛି କହିଲ ନାହିଁ ଯେ ?

-ଦରକାର ନାହିଁ, ସୁବିଧା ହେଲେ ଆମେ ନିଜେ ଛାପିବା।

-ନିଜେ ? ଥାଉ, ଏତେ ବେଶି ଫେୟାର୍ ଫିଲ୍‌ଡ୍‌କୁ ଯାଅନାହିଁ, ସାମାନ୍ୟ ଓହ୍ଲାଇବାକୁ ପଡ଼ିବ ତୁମକୁ।

ରତ୍ନପର୍ଣ୍ଣାର କ'ଣ ମୁଣ୍ଡ ଖରାପ ? ହଠାତ୍ କ'ଣ ସବୁ କହିବାକୁ ଆରମ୍ଭ କରୁଛି!

-ଦେଖ, ତୁମେ ସବୁବେଳେ ସମସ୍ତଙ୍କ ଅପ୍ରିୟ ହୋଇଯାଉଛ।

-ତୁମର ପ୍ରିୟ ଅଛି କି ନାହିଁ କହିଲ ?

ରତ୍ନପର୍ଣ୍ଣା ହରନାଥ ପରସ୍ପରକୁ ଚାହିଁ ହସିଲେ। ସାନ ଝିଅ ପାଖ ଟେବୁଲ୍‌ରୁ ତା'ର ଅଧାପଢ଼ା ପତ୍ରିକା ଖଣ୍ଡିକ ନେଇ ଚାଲିଗଲା।

-ବୁଝିଲ, ସତ୍ୟ ହିଁ ସତ୍ୟ। ତା' ଅପ୍ରିୟ ହେଲେ ବି ଚିରକାଳ ମୁଁ କହି ଆସିଛି।

-ହଁ, ଶତ୍ରୁ ବଢ଼ିବା ସାର ହେବ। ଖୁବ୍ ଏକା ହୋଇଯିବ ଶେଷରେ।

-ତୁମେ ଛାଡ଼ି ନଗଲେ ହେଲା!

ହରନାଥ ଗାଧୋଇବା ଘରର କବାଟ ବନ୍ଦ କରିବା ଶବ୍ଦ ଶୁଣାଗଲା। ରତ୍ନପର୍ଣ୍ଣା ପରିବାରର ସମସ୍ତଙ୍କୁ ଏକାଠି ଖୁଆଇବା ଇଚ୍ଛାରେ ଟେବୁଲ୍ ସଜାଡ଼ିବାକୁ ବାହାରି ଗଲା ସେଠାରୁ।

କେବେ କେବେ ହରନାଥ ଏମିତି ଛୁଟି ଦିନରେ ଗାଧୋଇବା ବିଷୟ ସଂପୂର୍ଣ୍ଣ ଭୁଲିଯାଏ, ନଚେତ୍ ସେଇଦିନ ହିଁ ଭଲଭାବରେ ଗାଧୋଇବା ପାଇଁ ସବୁ ସମୟ ଯାଏ ତା'ର ଗାଧୋଇବା ଘରେ।

ବିବାହର ପନ୍ଦରବର୍ଷ ମଧ୍ୟରେ ରତ୍ନପର୍ଣ୍ଣାକୁ ନେଇ ସେ ସୁଖୀ ହୋଇଛି କି ଦୁଃଖରେ ଅଛି ? ସନ୍ତୁଷ୍ଟ କି ଅସନ୍ତୁଷ୍ଟ ? ଏସବୁ ସେ କେବେ ନିଜକୁ ପଚାରି ନାହିଁ। ହରନାଥ କେବେ ବଦଳି ହୋଇ ଅନ୍ୟ ସହରକୁ ଯାଏ ତ

Digitized by srujanika@gmail.com

କେବେ ଋତୁପର୍ଣ୍ଣା ଯାଏ ଦୂର ଦୂରାନ୍ତ କଲେଜକୁ। କେତେବେଳେ ଦୁହେଁ ପୁଣି ଏକାଠି ଏକା ସହରରେ ରହିବାର ସୁଯୋଗ ପାଆନ୍ତି।

ଋତୁପର୍ଣ୍ଣା ପାଖରେ ନଥିଲେ ବି ହରନାଥର କିଛି ଅସୁବିଧା ହୁଏ ନାହିଁ।

ଅନ୍ୟ ସ୍ଥାନକୁ ଯିବା ପୂର୍ବରୁ ହରନାଥର ଚଳିବା ପାଇଁ ସମସ୍ତ ପ୍ରକାର ଶୃଙ୍ଖଳିତ ବ୍ୟବସ୍ଥା କରେ ଋତୁପର୍ଣ୍ଣା। ହୁଏତ ପିଲା ଦୁହିଁଙ୍କୁ ନିଜ ପାଖକୁ ନେଇଯାଏ କିମ୍ବା ହଷ୍ଟେଲ୍‌ରେ ଛାଡ଼େ। ହରନାଥ ସେ ସବୁ ନେଇ ମୁଣ୍ଡ ଖେଳାଇ ନାହିଁ ଏ ପର୍ଯ୍ୟନ୍ତ। ମାସ ଶେଷରେ ଦରମା ଟଙ୍କାଟା ଋତୁପର୍ଣ୍ଣା ହାତରେ ଦେବା ବ୍ୟତୀତ ଘର ପାଇଁ ତା'ର କିଛି କରିବାର ନଥାଏ।

ଅବଶ୍ୟ ଦୈନନ୍ଦିନ ଜୀବନରେ ତାକୁ ଦୁଇଟି ମାତ୍ର କାମ କରିବାକୁ ହୁଏ। ସରକାରଙ୍କ ପାଖରେ ମୁଣ୍ଡ ବିକିଥିବାରୁ ସେ ଦାୟିତ୍ୱ ତୁଲାଇବା ଏବଂ ବାକୀ ସମୟରେ ଟେବୁଲ ପାଖକୁ ଯାଇ ଡାଏରୀ କଲମ ନେଇ ତା'ର ଲେଖା, ସାହିତ୍ୟର ପୃଥିବୀ ମଧ୍ୟରେ ନିଜକୁ ହଜେଇଦେବା। ଅନ୍ୟ ଯାହା କିଛି କରେ ସେଥିରେ ତା'ର ଆତ୍ମା ନଥାଏ।

ଅସୁବିଧା କ'ଣ? ବେଶ୍ ଚଳନ୍ତି ସେମାନେ। ସୁଖ, ସନ୍ତୋଷ ଯାହା କୁହ, ସେ ସବୁ ନିଜ ଉପରେ କିଛିଟା ନିର୍ଭର କରେ। ଅନେକ ସମୟରେ ନିଜ ପାଇଁ ଅଶାନ୍ତି, ଅସନ୍ତୋଷର ସୃଷ୍ଟିକର୍ତ୍ତା ହୁଏ ମଣିଷ ନିଜେ। ସମସ୍ୟା ସେ ସୃଷ୍ଟି କରେ ନିଜ ପାଇଁ ଏବଂ ଅନ୍ୟମାନଙ୍କ ପାଇଁ ମଧ୍ୟ।

-ଠିକ୍ କହିଛ, ଧୀରେନ୍ଦ୍ର। ସବୁ ସମସ୍ୟା ଏଇ ଲୋକକୁ ନେଇ। ଅଫିସ୍‌ରେ ଆରାମରେ ନ ବସି କ'ଣ ଦରକାର ଏଇ ପ୍ରକାଶକମାନଙ୍କ ଦ୍ୱାରସ୍ଥ ହେବା? ସେମାନେ ଆସନ୍ତୁ, ପାଞ୍ଚ ଥର ଆମକୁ ଫୋନ୍ କରନ୍ତୁ। କିଛି ବୁଝେ ନାହିଁ। କ'ଣ କହୁଚ? ହଁ, ଲେଖକ... ୟା'ପ ସବୁ ସେଇ ଗଧ ଶ୍ରେଣୀର।

ଅମ୍ବରୀଶ ବାବୁଙ୍କ ଅସ୍ପଷ୍ଟ ଆଲୋଚନା ଶୁଣି ନ ଶୁଣିବା ଭଳି ନିଜ ଟେବୁଲ ଉପରେ ଏ ପର୍ଯ୍ୟନ୍ତ ରଖା ହୋଇ ନଥିବା ସେହି ବୁକ୍ ସପ୍ଲାଇ ଫାଇଲ୍‌ଟା ମଗାଇ ପଠାଇଲା ହରନାଥ।

-ଆଜି, ଏବେ ତୁରନ୍ତ ଯିବାକୁ ହବ। ବାହାରନ୍ତୁ ଅମ୍ବରୀଶ ବାବୁ, ଧୀରେନ୍ଦ୍ର ବାବୁ।

-ଏ କ'ଣ, ସାର୍? ସେମାନେ କେହି ଏ ପର୍ଯ୍ୟନ୍ତ ଫୋନ୍ ବି କରିନାହାନ୍ତି?

Digitized by srujanika@gmail.com

-ଦରକାର ତ ସରକାରଙ୍କର। ଆମେ ଦାୟିତ୍ୱ ନେଇଛୁ। ବିଳମ୍ବ କରିବା କାହିଁକି ?

-ସାର୍, ହଠାତ୍ କାହିଁକି ? ଏମିତି କିଛି ବିଳମ୍ବ ହେଇ ଯାଇ ନାହିଁ ତ ?

ହରନାଥ ଧୀରେନ୍ଦ୍ରକୁ ଥରେ ଚାହିଁଲା। ଅଧିକ କିଛି କହିଲା ନାହିଁ।

ଶିକ୍ଷା ବିଭାଗର ଯାହା ଦାୟିତ୍ୱ ରହିଛି ତା' କରିବା କଥା। ଏ ମଧ୍ୟରେ ଅନେକ ତ୍ରୁଟି। କାମ ହେଇ ପାରିନାହିଁ। ନିର୍ଦ୍ଦିଷ୍ଟ ପ୍ରକାଶକମାନଙ୍କୁ ଖବର ଦିଆହୋଇ ଯାଇଛି। ବହି ପ୍ୟାକେଟମାନ ପ୍ରସ୍ତୁତ କରି ରଖିଥିବେ। ଷ୍ଟୋର୍‌କୁ ଯାଇ ସେସବୁ ଦେଖିବାକୁ ହେବ।

ଷ୍ଟେନୋ ବାବୁ ଫୋନ୍ ଲଗାଇଲେ। ପ୍ରକାଶକମାନଙ୍କ ସହ କଥାବାର୍ତ୍ତା ହେଲା।

-ସବୁ ଠିକ୍ ଅଛି, ସାର୍। ଆପଣମାନେ ଏବେ ବାହାରୁଛନ୍ତି, ତା' କହିଦେଇଛି।

ହରନାଥ କେତେକ ଆବଶ୍ୟକ କାଗଜପତ୍ର ମଗାଇ ଦେଖି ବାହାରି ପଡ଼ିଲା। ଧୀରେନ୍ଦ୍ର, ଅମ୍ବରୀଶ ବେଶ୍ ଅସନ୍ତୁଷ୍ଟ ମନେ ହେଉଥିଲେ।

ସେଥିପ୍ରତି ଗୁରୁତ୍ୱ ନ ଦେଇ ହରନାଥ ଗାଡ଼ି ପାଖକୁ ଚାଲିଆସିଲା।

ରାସ୍ତାରେ ପରସ୍ପର ମଧ୍ୟରେ ବେଶ୍ ଆଳାପ ଆଲୋଚନା। ଦେଶ, ବିଦେଶ, ଘର, ପରିବାର, ସରକାରୀ କାର୍ଯ୍ୟର ବିଶୃଙ୍ଖଳା ବିଷୟ ମଧ୍ୟ ବାଦ୍ ଯାଇ ନଥିଲା।

ସହରର ଗହଳି ମଧ୍ୟରେ ସେମାନଙ୍କର ସ୍ୱର ଆଉ ଶୁଣାଯାଇ ନ ଥିଲା।

ଅନ୍ୟ ଦୁଇଟି ପ୍ରକାଶନ ସଂସ୍ଥାରେ ଶୀଘ୍ର କାମ ଶେଷ କରି ଚାଲି ଆସିଲେ ସେମାନେ।

ଯୁବ ପ୍ରକାଶକଙ୍କର ଅତ୍ୟନ୍ତ ଭଦ୍ରୋଚିତ ବ୍ୟବହାର।

''ଆସନ୍ତୁ, ସାର୍। ମୁଁ ଅପେକ୍ଷା କରିଛି ଅନେକ ବେଳୁ। କୁହନ୍ତୁ ଆଜ୍ଞା, କ'ଣ ମଗାଇବି ? ଥଣ୍ଡା ନା ଗରମ ? ଚା', କଫି ?''

''କିଛି ଦରକାର ନାହିଁ, ଆମେ ବାଟରେ ଚା' ଖାଇଛୁ। ପାଖ ଦୋକାନରୁ ଦି'ଖଣ୍ଡ ପାନ ଅଣାନ୍ତୁ।'' ହରନାଥ ପାଖ ଚଉକିରେ ବସି ପତ୍ରିକା ଖଣ୍ଡିଏ ଦେଖିଲା।

''ମୋ ଲାଗି ଥଣ୍ଡା ମଗାନ୍ତୁ। ଧୀରେନ୍ଦ୍ର, ତୁମର କ'ଣ ?''

''ହଁ ସେଇ ଚଳିବ।''

Digitized by srujanika@gmail.com

"ଗିଏଲି, ଦି କ୍ରାଉଡ୍ ଇଜ୍ ହରିବଲ୍? ମୁଣ୍ଡ ବିନ୍ଧି ଯାଉଛି।" ଅମରୀଶ ବ୍ୟସ୍ତରେ କହି ପକାଇଲେ।

"ସାର୍, ଆପଣଙ୍କର ଚା' ଟିକେ ଅନ୍ତତଃ...।"

ହରନାଥ ପତ୍ରିକା ଖଣ୍ଡକରୁ ମୁହଁ ଉଠେଇ ଚାହିଁଲା। ଅମରୀଶ, ଧୀରେନ୍ଦ୍ର ଥଣ୍ଡା ପାନୀୟ ଗ୍ଲାସ୍ ନେଇ ପ୍ରକାଶକଙ୍କ ଦୋକାନର ସୁଦୃଶ୍ୟ ପୁସ୍ତକଗୁଡ଼ିକ ଦେଖିବାରେ ବ୍ୟସ୍ତ।

"ଶେଖରବାବୁ, ମୋର ଏଇ କେତେଟା ବହି ନିହାତି ଦରକାର। ନିଅନ୍ତୁ, ଲିଷ୍ଟ୍ କରିଦେଇଛି। କଥା କ'ଣ କି ମୋ ମିସେସ୍ ଖୁବ୍ ପଢ଼ାପଢ଼ି କରେ ତ। କେତେଦିନରୁ କହିଲାଣି ଯେ...।"

"ଠିକ୍ ଅଛି। ମୁଁ ପ୍ୟାକେଟ୍ କରି ଦେଉଛି।" ପ୍ରକାଶକ ଦୋକାନର ଜଣେ ଲୋକକୁ ଡାକି ନିର୍ଦ୍ଦେଶ ଦେଲେ। ଧୀରେନ୍ଦ୍ର ମଧ୍ୟ ତିନିଚାରି ଖଣ୍ଡ ମୋଟା ବହି, ବଛା ବଛା ଉପନ୍ୟାସ ନିଜେ ବାହାର କରି ରଖିଲେ।

ହରନାଥ କିଛି ନ ଜାଣିବା ଭଳି ପତ୍ରିକା ଖଣ୍ଡିକ ଓଲଟାଇ ଦେଖୁଥାଏ। ପ୍ରକାଶକଙ୍କ ସ୍ୱର ଶୁଣି ସେ ତାଙ୍କୁ ଚାହିଁଲା।

"ସାର୍, ଆପଣଙ୍କ ପାଇଁ କିଛି ବହି?"

"ନା- ନା ଦରକାର ନାହିଁ। ଚାଲନ୍ତୁ ଷ୍ଟୋର୍‌କୁ ଯିବା।"

"ସାର୍, ଜଳଖିଆ ମଗାଇଛି।"

"ଏସବୁ ଝମେଲା କ'ଣ ଦରକାର? ଆମର କାମ କୁଆଡ଼େ ଗଲା? ଅସଲ କାମ ତ ଡେରି ହଉଚି। କ'ଣ କହୁଛନ୍ତି ଅମରୀଶ ବାବୁ, ଏ ସହରରେ ରହିଯିବା ନା କ'ଣ?"

ହରନାଥ ଉଠିପଡ଼ିଲା ଯିବା ପାଇଁ।

"ଡ୍ରାଇଭର ଫେରି ନାହିଁ।"

ହରନାଥ ମନେ ପଡ଼ିଲା। ସେ ତାକୁ ଅନ୍ୟ ଅଫିସ୍‌ରେ ଚିଠି ଦେବାପାଇଁ ପଠେଇ ଦେଇଛି।

"ଆସନ୍ତୁ, ଅଳ୍ପ କିଛି ଟିକେ ନିଅନ୍ତୁ।" ପ୍ରକାଶକ ଅତ୍ୟନ୍ତ ନମ୍ରତାର ସହ ଅନୁରୋଧ କଲେ।

"ଦେଖନ୍ତୁ, ଶେଖର ବାବୁ, ଏସବୁ ଆଦୌ ଦରକାର ନାହିଁ। ଯିବା ଶୀଘ୍ର।"

Digitized by srujanika@gmail.com

''ସାର୍‌, ଶେଖରବାବୁଙ୍କ ମନ ଭାଙ୍ଗିଯିବ। ଆଣନ୍ତୁ, ଆମକୁ ତ ବେଶ୍‌ ଭୋକ। ଏଥିରେ ଭାବିବାର କ'ଣ ଅଛି ?'' ହସି ହସି କହିଲେ ଅମ୍ବରୀଶ।

ହରନାଥ ଆଉ କିଛି କହିବା ପୂର୍ବରୁ ଅମ୍ବରୀଶ ଅଳ୍ପ ଦୂରରେ ମ୍ୟାନେଜର୍‌ଙ୍କ ଟେବୁଲ୍‌ ପାଖରେ ବସି ଜଳଖିଆ, ଚା' ଖାଇବାରେ ତତ୍ପର ହେଲେ। ଧୀରେନ୍ଦ୍ର ମଧ୍ୟ ଅନୁଗତ ଶିଷ୍ୟ ଭଳି ନିରବରେ ଜଳଖିଆ ପ୍ଲେଟ୍‌ ଉଠାଇନେଲେ।

ଦୋକାନ ପାଖରେ ଗାଡ଼ିଟିଏ ରହିଲା। ପ୍ରକାଶକ କହିଲେ, ''ଆଜ୍ଞା, ଆମଗାଡ଼ି ମଗାଇ ଦେଇଛି। ଏଥିରେ ଚାଲିଯିବା।''

ହରନାଥ କହିଲା, ''ଆପଣଙ୍କ ପାଖକୁ ଅଫିସ୍‌ରୁ ଯେଉଁ ଲିଷ୍ଟ୍‌ ଆସିଥିଲା, ସେଇଅନୁସାରେ ସବୁ ରଖିଛନ୍ତି ତ।''

''ସବୁ ଠିକ୍‌ ଅଛି, ଆଜ୍ଞା। ଆପଣମାନେ ଗଲେ ଦେଖିବେ।'' ମ୍ୟାନେଜର ଉତ୍ତର ଦେଲେ।

ସେପାଖରୁ ଅମ୍ବରୀଶଙ୍କର ବାର୍ତ୍ତାଳାପ ମ୍ୟାନେଜରଙ୍କ ସହ :

''ବୁଝିଲେ, ସେମାନେ ନୁହଁନ୍ତି, ମୁଁ। ମୁଁ ସାଇନ୍‌ ନ କଲେ ଏସବୁର ବିଲ୍‌ ପେମେଣ୍ଟ୍‌ ହବ ନାହିଁ। ଟଙ୍କା ପାଇବାରେ ଅସୁବିଧା ! ମୋତେ ହିଁ ସବୁ ଦେଖିବାକୁ ହେବ।''

ହରନାଥ ପ୍ରକାଶକଙ୍କ ଅଫିସ୍‌ କୋଠରୀ ପାଖ ଟୟଲେଟ୍‌ରୁ ଫେରି ଆସିବା ସମୟରେ ଏସବୁ କଥା କାନରେ ପଡ଼ିଲା।

ଡ୍ରାଇଭର୍‌ ଆସିଲାଣି। ପ୍ରକାଶକଙ୍କ ଗାଡ଼ିରେ ଯିବା ଆବଶ୍ୟକ ହେଲା ନାହିଁ। ବହି ସବୁର ଯଥାଯଥ ବ୍ୟବସ୍ଥା କରାଯାଇଥିଲା ପଠା ହେବା ପାଇଁ। ଅଫିସରମାନଙ୍କର ଦେଖିବା କାର୍ଯ୍ୟ ଶେଷ ହେଲା। ପ୍ରକାଶକଙ୍କୁ ତାଙ୍କ ଦୋକାନ ପାଖରେ ଛାଡ଼ି ଦେଇ ସେମାନେ ଏବେ ଫେରି ଯିବେ।

ଗାଡ଼ି ରହିଲା। ପ୍ରକାଶକ ଓହ୍ଲାଇବା ପୂର୍ବରୁ ଅମ୍ବରୀଶ, ଧୀରେନ୍ଦ୍ର ଓହ୍ଲାଇ ସାରିଲେଣି।

''ଆସନ୍ତୁ ସାର୍‌, ଆଉ ଗୋଟାଏ ମିନିଟ୍‌।''

ଶେଖରଙ୍କ ଅନୁରୋଧ ରକ୍ଷା କରି ମନ ଭିତରର ବିରକ୍ତି ପ୍ରକାଶ ନ କରି ଯନ୍ତ୍ରଚାଳିତ ଭଳି ଓହ୍ଲାଇଲା ହରନାଥ।

ଦୋକାନର ଲୋକଟିଏ ବହିର ପ୍ୟାକେଟ୍‌ ଦୁଇଟି ଗାଡ଼ିର ଲଗେଜ୍‌ ବୁଟ୍‌ରେ

Digitized by srujanika@gmail.com

ରଖିସାରିଲାଣି । ହରନାଥ ନିରବ ଦର୍ଶକ ।

-ଆପଣମାନଙ୍କ ପାଇଁ ଛୋଟ ଗିଫ୍ଟ, ଏଇ ଡାଏରୀ, ପେନ୍‌ସେଟ୍, ଟେବୁଲ୍ କ୍ୟାଲେଣ୍ଡର୍ ।

-କୋଉ ଖୁସିରେ, ଶେଖର ବାବୁ ? ନା, ନା, ରଖନ୍ତୁ ଏସବୁ ।

ହରନାଥ ସହଜ ଅଥଚ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କଲା ଉପହାରମାନଙ୍କୁ ।

ଅମରୀଶ, ଧୀରେନ୍ଦ୍ରଙ୍କ ବିଷଣ୍ଣ ମୁଖ । ସେମାନେ ଏବେ ବାଧ୍ୟତଃ ନିରବ ।

ଶେଖର କହିଲେ, "ସାର୍... ।"

"ଠିକ୍ ଅଛି । କିନ୍ତୁ ଆପଣ ଏସବୁ ନଦେଇଥିଲେ ଖୁବ୍ ଭଲ ହୋଇ ଥାଆନ୍ତା ।" ହରନାଥ ସେଇଭଳି ଗମ୍ଭୀର ରହି ଉତ୍ତର ଦେଲା ।

ଅମରୀଶ ଆସ୍ତେ କହିଲେ, "ଏକ୍ସଟ୍ରା ପ୍ୟାକେଟ୍‌ଟିଏ ବଳିଛି । ଭାବୁଛି ସାନ ଭଉଣୀ ପାଇଁ ନେଇଯିବି । ତାକୁ ଏ ବର୍ଷ ଡାଏରୀ ଦେଇ ନାହିଁ ତ ।"

ହରନାଥ ତାଙ୍କୁ ଥରେ ଚାହିଁଲା । ଉତ୍ତର ଦେଲା ନାହିଁ ।

ଅମରୀଶଙ୍କ ମନ ଜାଣିବା ଭଳି ଅନ୍ୟ ଗିଫ୍ଟ ପ୍ୟାକେଟ୍‌ଟି ଧରେଇ ଦେଇ ଯୁବ ପ୍ରକାଶକ ଶେଖର କହିଲେ, "ନିଅନ୍ତୁ ଆଜ୍ଞା, ଏଇଟି ମ୍ୟାଡ୍‌ମ୍‌ଙ୍କ ପାଇଁ ।"

ହସି ହସି ତାଙ୍କ ହାତରୁ ପ୍ୟାକେଟ୍ ନେଲେ ଅମରୀଶ ।

ତଥାପି ହରନାଥ ନିର୍ଲଜ୍ଜଙ୍କ ଭଳି ମନେ ପକେଇ ଦେଲା, "ଭୁଲିଗଲେ ଆପଣମାନେ ? ନେଇଥିବା ବହି ଗାଡ଼ିରେ ରଖା ହେଲାଣି । କିନ୍ତୁ ପେମେଣ୍ଟ୍ କରି ନାହାଁନ୍ତି ଯେ ?"

"ସରି, ସାର୍ । ଶେଖର ବାବୁ, କୁହନ୍ତୁ ତ କେତେ ହେଲା ?"

ସେତେବେଳେ ଅମରୀଶ ପକେଟ୍‌ରୁ ପର୍ସ କାଢ଼ି ସାରିଥିଲେ ।

"ଏ କ'ଣ କରୁଛନ୍ତି ? ସାମାନ୍ୟ କେତେଟା ବହି, ନା... ନା ଏସବୁ ଠିକ୍ ହଉନାହିଁ । ରଖନ୍ତୁ ତ ଟଙ୍କା । ଦେଖନ୍ତୁ, ଖୁବ୍ ମନ ଖରାପ କରିବି ।" ଶେଖର ଭଦ୍ରାମୀରେ କହିଲେ ।

ହରନାଥ ଆଉ ଶୁଣିପାରିଲା ନାହିଁ, ଆଉ କିଛି କହିବାର ନଥିଲା ତା'ର । ସେମାନେ ଫେରିଆସୁଛନ୍ତି । ସାମନା ସିଟ୍‌ରେ ଡ୍ରାଇଭର ପାଖରେ ହରନାଥ, ପଛପାଖରେ ଅମରୀଶ, ଧୀରେନ୍ଦ୍ର ।

ଆଲୋଚନା ବେଶ୍ ଚାଲିଥାଏ ଦୁହିଁଙ୍କ ମଧ୍ୟରେ ।

Digitized by srujanika@gmail.com

''ବୁଝିଲ ଧୀରେନ୍ଦ୍ର, ମୁହଁ ନ ଖୋଲିଲେ କିଛି ହବନି ଏଠି। ଦେଖୁନ କି ଲାଭଖୋର ଏମାନେ ? ସହଜରେ ଆମଠୁଁ ପ୍ରାପ୍ୟ ପାଇଯାଉଛନ୍ତି।''

''ଠିକ୍ କହିଛନ୍ତି। ଆମେ ସେମିତି। ଅନ୍ୟ କେହି ଅଫିସର୍ ହେଇଥିଲେ ନା ? କ'ଣ କହୁଛନ୍ତି, ଲକ୍ଷେ, ଦେଢ଼ଲକ୍ଷ ଟଙ୍କାର ଚେକ୍ କାଟି ଦେବା ସହଜ କଥା କି ?''

ଧୀରେନ୍ଦ୍ର ସମର୍ଥନ କରି କଥାଟା କହିଲା।

ସେମାନଙ୍କ ଆଳାପରେ ବାଧା ଦେଇ ଡ୍ରାଇଭର ରାସ୍ତାର ବାମ ପାଖକୁ ନେଇ ଗାଡ଼ି ବନ୍ଦ କରି ପଚାରିଲା, ''ସାର୍, ପାନ, ଚା'।''

''ହଁ, ଆଣ।'' ହରନାଥ କୋଡ଼ିଏ ଟଙ୍କାର ନୋଟ୍ ଖଣ୍ଡିଏ ଧରେଇ ଦେଲା।

ଅଧା କଥାର ଶେଷ ପାଖକୁ ଫେରି ଆସିଲେ ଅମ୍ବରୀଶ।

''ଦେଖ, ସାର୍‌ଙ୍କ କଥାରେ ଲୋକଟା ମୋତେ କେତେଖଣ୍ଡି ବହିର ବିଲ୍ ଦେବାକୁ ଯାଉଥିଲା ! ସାହସ ତ କମ୍ ନୁହେଁ ! କେତେଟା ବା ଟଙ୍କା ?''

''ତା' ନୁହେଁ କ'ଣ ?''

''ଅମ୍ବରୀଶ ବାବୁ, ଏସବୁ କ'ଣ କହୁଛନ୍ତି ? ଶେଖର ବାବୁ କ'ଣ ଅସୁବିଧା କଲେ ? ଅତିଥି ଚର୍ଚ୍ଚା ତ ଖୁବ୍ ହେଲା। ଆପଣମାନଙ୍କର ଏତିକି ଭଦ୍ରାମୀ ନାହିଁ ଏ ବହି ପାଇଁ ଟଙ୍କା କେତେଟା ଧରେଇ ଦେବା ? ଦେଖନ୍ତୁ, ମାତ୍ର ତିନିଶହ, ଚାରିଶହ ଟଙ୍କା ତ ? ଆମେ କ'ଣ ଏମିତି ଦରିଦ୍ର ?... ଛାଡ଼ନ୍ତୁ, ଆଉ ସେ କଥା ପକାନ୍ତୁ ନାହିଁ। ମୁଁ ଲଜ୍ଜିତ।''

ନିଆଁରେ ପାଣି ପଡ଼ିବା ଭଳି ହଠାତ୍ ଅମ୍ବରୀଶ, ଧୀରେନ୍ଦ୍ର ଚୁପ୍ ରହିଗଲେ।

ଚା', ପାନର ନିରବ ପର୍ବ ଶେଷ ହେଲା। ଡ୍ରାଇଭର ଛୋଟ କାଚ ଗ୍ଲାସ୍ କେତୋଟି ଫେରାଇବାକୁ ନେଇଗଲା।

ଅମ୍ବରୀଶ କାଠଗଡ଼ାର ଆସାମୀ ଭଳି ଅନୁଚ୍ଚ ସ୍ୱରରେ ପଚାରିଲେ, ''ଏବେ ସାର୍, କ'ଣ କରିବା କୁହନ୍ତୁ ? ଆଉ ଥରେ ଫେରି ଯିବା କି ? ଚାଲନ୍ତୁ, ମୁଁ ରାଜି ଅଛି। ନା... ନା... ଏ ପାପ ଧନ ନଦେବା ଯାଏ ଶାନ୍ତି ନାହିଁ ମୋର ?''

''ଏ କ'ଣ ? କାହିଁକି ଆଉ ପଛବୁଦ୍ଧି କରୁଛନ୍ତି ? ଯାହା ହେବାର କଥା ହେଲା।''

Digitized by srujanika@gmail.com

ଧୀରେନ୍ଦ୍ର ତାଙ୍କୁ ବୁଝାଇବାର ପ୍ରୟାସ କଲେ। ଅମ୍ବରୀଶ ଅନୁତାପରେ କ'ଣ ଯେ କହିଚାଲିଛନ୍ତି।

ହରନାଥର ମନହେଲା କହିବେ, ଅଭିନୟ ଖୁବ୍ ହେଲା ଅମ୍ବରୀଶ ବାବୁ। ଥାଉ, ନେଇଯଆନ୍ତୁ ଏସବୁ। ଆପଣଙ୍କ ମିସେସ୍ ତେଣେ ଅପେକ୍ଷା କରିଥିବେ ଯେ? ଭୁଲିଯାଉଛନ୍ତି, ସେ ଏସବୁ ବହି ପଢ଼ିବାକୁ ଖୁବ୍ ଇଚ୍ଛା କରିଛନ୍ତି ନା?

ହରନାଥ ହୋ ହୋ ହେଇ ହସିବାରେ ଲାଗିଲା। ଗାଧୁଆ ଘରେ ସାୱାର୍‌ରୁ ପାଣି ପଡୁଛି। ସେ ଶବ୍ଦ ସହ ଏ ହସ ଅଦ୍ଭୁତ ଶୁଣାଯାଉଛି ବାହାରକୁ।

ଏ ପାଖରେ ରତ୍ନପର୍ଣ୍ଣାର ବ୍ୟସ୍ତ ସ୍ୱର, "ହେ, କ'ଣ ହେଲା ତୁମର? କାହିଁକି ଏମିତି ହସୁଛ?"

ସାନ ପୁଅ ଝିଅ ଦୁହେଁ ବିସ୍ମିତ ଦୃଷ୍ଟିରେ ଥରେ ମା'କୁ ଏବଂ ଥରେ ଗାଧୋଇବା ଘର କବାଟ ପାଖକୁ ଚାହିଁ ଦେଉଥିଲେ।

ହରନାଥ ବନ୍ଦ ଗାଧୋଇବା ଘରେ ସେମିତି ହସୁଥିଲା।

□□

Digitized by srujanika@gmail.com

# ମନିକାର ଘର

-ଯା, ଉଡ଼ି ଯା। ଯେଉଁଆଡ଼େ ଯିବାକୁ ଇଚ୍ଛା ଯାଇ ପାରୁ। କେହି କିଛି କହିବାକୁ ନାହିଁ। କେହି ବାଧା ଦେବାକୁ ନାହିଁ।

ମନିକା ପଞ୍ଜୁରୀର ଦ୍ୱାର ଖୋଲି ଧରିଛି। ଶୁକ ପକ୍ଷୀର ବିଶ୍ୱାସ ହେଉନାହିଁ। ସେ ସ୍ଥିର ଚିତ୍ତରେ ଝୁଲାରେ ବସି ସେଇ ଖୋଲାଦ୍ୱାର ଦେଇ ମନିକାର ମନୋଭାବ ପଢୁଛି। ଏକଥା ଯେ ସମ୍ଭବ ହୋଇପାରେ ତା' ସେ ଆଦୌ ବିଶ୍ୱାସ କରି ପାରୁନାହିଁ। କିମ୍ବା ମନିକାର ଶ୍ରଦ୍ଧା ଏଡ଼ାଇବା ତା' ପକ୍ଷରେ ଠିକ୍ ହେବ ନାହିଁ ଏମିତି କିଛି ବିଚାର ତାକୁ ସ୍ପର୍ଶ କରିଛି।

ହଠାତ୍ କ'ଣ ମନ ହେଲା, ପକ୍ଷୀଟା ଖପ୍ କରି ଆସି ମନିକାର କାନ୍ଧରେ ବସିଲା। ତା'ପରେ ବାମ ହାତର କଟଟିରେ।

ମନିକା ଓ ଶୁକପକ୍ଷୀ। ସେମାନେ ପରସ୍ପରକୁ ଅତ୍ୟନ୍ତ ସ୍ନେହରେ ଚାହିଁ ରହିଛନ୍ତି। ମୁଗ୍ଧ ଦୃଷ୍ଟି, ଓଠରେ ନିଃଶବ୍ଦ ଆଳାପର ରେଖାଚିତ୍ର।

ମନିକା ଦେଖାଯାଉଛି ସ୍ଥାପତ୍ୟ ଶିଳ୍ପର ନାରୀଟିଏ। କେଉଁ ମନ୍ଦିର ସ୍ତମ୍ଭରେ ଥିବା ସେଇ ମୃଗନୟନୀ, ତନ୍ଦ୍ରାଳସା ସୁନ୍ଦରୀ ତରୁଣୀଟିଏ! ହାତର କଟଟିରେ ଠିକ୍ ଏଇଭଳି ପୋଷା ପକ୍ଷୀଟି। ସେ ଦୁହେଁ କଥୋପକଥନରେ ବ୍ୟସ୍ତ। ପକ୍ଷୀଟି ପଚାରୁଛି, ''କାହାକୁ ଅପେକ୍ଷା କରିଛ, ସଖି? ତୁମର ଦଗାଦିଆ ବନ୍ଧୁ ଆଜି ଆସିବେ ନାହିଁ ମ।''

ଝିଅଟି ହସୁଛି। ସେ ଜାଣେ ପକ୍ଷୀଟି ତା'କୁ ମିଛ କହି ମଜା ଦେଖିବାକୁ ଚାହେଁ। ମନିକା ସ୍ୱପ୍ନରୁ ଫେରିଲା। ଶୁକପକ୍ଷୀ ପଂଜୁରୀ ଭିତରକୁ ଉଡ଼ିଯାଇ

Digitized by srujanika@gmail.com

ଝୁଲାରେ ବସି ନିଶ୍ଚିନ୍ତରେ ଅଧାଖିଆ ଫଳଟି ନେଇ ଖାଇବାରେ ବ୍ୟସ୍ତ।

ଶୀତ ସକାଳର ଖରା ଖୋଲା ଝରକା, କବାଟ ଅତିକ୍ରମ କରି ଘର ଭିତର, ବାହାର ପାଖ ଅଗଣାକୁ ବେଶ୍ ଆଲୋକିତ କରିଛି। ଗଛ, ପତ୍ର ତଥାପି ସବୁଜ। ମନିକା ହାତର ସ୍ପର୍ଶ ପାଇ ସବୁ ଋତୁରେ ସେମାନେ ସତେଜ ହୁଅନ୍ତି।

ମନିକା ଘଷିମାଜି, ଧୂଳି ଝାଡ଼ି, ଆବଶ୍ୟକସ୍ଥଳେ ଶୁଖିଲାକନା, ଓଦାକନାରେ ପୋଛାପୋଛି କରି ଘରର ପ୍ରତିଟି କୋଠରୀର ଜିନିଷପତ୍ର ସହ କାନ୍ଥ କବାଟକୁ ମଧ୍ୟ ଚକ୍‌ଚକ୍ କରିଛି। ଏ ସ୍ୱଭାବ ତା'ର ଚିରଦିନର। ଜୀବନର ପ୍ରତିଟି ମୁହୂର୍ତ୍ତକୁ ସୁନ୍ଦର କରିବାକୁ ଚାହେଁ ସେ। ତା' ନ ହେଲେ ଏ ବଞ୍ଚିବାର କି ମୂଲ୍ୟ? ସୁଖରେ ବଞ୍ଚିଛି ମନିକା! ସୁଖ, ସୌନ୍ଦର୍ଯ୍ୟ! ଇଚ୍ଛାକଲେ କିଛିଟା ସୃଷ୍ଟି କରିପାରିବ ଜଣେ ସବୁ ବାଧା ବିଘ୍ନ ଅତିକ୍ରମ କରି। ଠିକ୍ ଏଇ ମନିକା ଭଳି। ଆସନ୍ନଝଡ଼ ପ୍ରତି ସଚେତନ ହେବାର ଆବଶ୍ୟକତା କ'ଣ? ଟିକିଏ ମୁଣ୍ଡ ନୁଆଇଁ ଦେଲେ ସବୁ ଠିକ୍ ହୋଇଯିବ। ଅଯଥାରେ ଅଶାନ୍ତି, ଅସନ୍ତୋଷକୁ ପ୍ରଶ୍ରୟ ଦେବ କାହିଁକି?

ମନିକା ଶିଳ୍ପୀଟିଏ। ସୂକ୍ଷ୍ମଚେତନାର ମଣିଷଟିଏ। ନିଜର ନିତ୍ୟ ନୂତନ ରୁଚିରେ ବାହାର ଫାଟକ ପାଖରୁ ଆରମ୍ଭ କରି ରୋଷେଇ ଘର ପର୍ଯ୍ୟନ୍ତ ସଜେଇ ରଖେ। ସବୁଠାରୁ ପ୍ରିୟ ତା'ର ନିଜ କୋଠରୀ, ଯେଉଁଠି ରହିଲେ ଶୁଭଶଙ୍କରର ସବୁ କ୍ରୋଧ ଏକତ୍ରିତ ହୋଇ ଝଡ଼ର ରୂପ ନିଏ।

ମନିକା ଜାଣେ, ଏ ଦୋଷ ତା'ର ନିଜର। ଶୁଭଶଙ୍କର ସାରାଦିନର କ୍ଲାନ୍ତି ପରେ ଘରକୁ ଫେରି ଆସି ଯଦି ଦେଖେ ମନିକା ବାହାର ପାଖ ଏକାନ୍ତ ବାଲକୋନିରେ ବହି ଖଣ୍ଡିଏ ଧରି ତହିଁରେ ହଜିଯାଇଛି, କିମ୍ୱା ତା' କୋଠରୀର ଇଜେଲ୍ ପାଖରେ ରଙ୍ଗ ତୂଳୀ ନେଇ କାନ୍‌ଭାସ୍‌ରେ କିଛି ଆଙ୍କି ଚାଲିଛି, ବିରକ୍ତିରେ ଚିତ୍କାର କରି ଉଠେ ସେ। ଧାଇଁ ଆସେ ମନିକା। ଧୀର ସ୍ୱରରେ କହେ, ''ଖୁବ୍ ଶୀଘ୍ର ଚା' ଆଣୁଛି। ତୁମେ ଲୁଗା ବଦଳେଇ ଆସ।''

''ଦୟା କରୁଚ? ଚା' ଜଳଖିଆ ଅଫିସ୍ ପାଖ କ୍ୟାଣ୍ଟିନ୍‌ରେ ବି ମିଳେ।'' ମନିକା ଶୁଭଶଙ୍କରକୁ ଉତ୍ତର ଦିଏ ନାହିଁ। ଅଳ୍ପ ସମୟ ମଧ୍ୟରେ ଜଳଖିଆ ପ୍ଲେଟ୍ ସହ ଚା' କପ୍ ଆଣି ପାଖ ଟି'ପୟରେ ସଜେଇ ରଖେ। ଅନ୍ୟ ଚଉକିଟିରେ ନିଜେ ବସି ଶୁଭଶଙ୍କରର ମନ ଛୁଇଁବା ଭଳି କିଛି କଥା ଆରମ୍ଭ କରେ।

Digitized by srujanika@gmail.com

''ଜାଣିଛ, ଆମ ବୁଲ୍‌ବୁଲ୍ ଖୁବ୍ ଭଲ କରିଛି ପରୀକ୍ଷାରେ। ତା' ପ୍ରୋଗ୍ରେସ୍ କାର୍ଡ଼ ଦେଖିବ ?''

''ଥାଉ, ପରେ।'' ଶୁଭଶଙ୍କରର ଆଶ୍ୱସ୍ତ ସ୍ୱର। ଅଥଚ ସାତବର୍ଷର ପୁଅ ବୁଲ୍‌ବୁଲ୍ ଧାଇଁ ଆସୁଛି ସେପାଖରୁ, ''ବାପା, ବାପା ଦେଖ ମୋ ରିପୋର୍ଟ।''

''ଏବେ ନାହିଁ। ଯା ତୁ ଖେଳିବୁ।'' ଗମ୍ଭୀର ଭାବରେ ଉତ୍ତର ଦିଏ ଶୁଭଶଙ୍କର। ତିନିବର୍ଷର କଣ୍ଢେଇ ଭଳି ଝିଅ ସାରିକା ଧମ୍ କରି ବାପା କୋଳରେ ବସିଯାଏ।

''ଓଃ ତୁମେମାନେ ଶାନ୍ତିରେ ରଖେଇ ଦବ ନାହିଁ ମତେ ?'' ଏତିକି କହୁ କହୁ ଚଉକିରୁ ଉଠିପଡ଼େ ଶୁଭଶଙ୍କର। ପୋଷାକ ସଜାଡ଼ି ନିଏ। ପିଲାଙ୍କ ଖବର ବୁଝିବାକୁଥିବା ଗାଁର ଦୂର ସଂପର୍କୀୟା ମାଉସୀଟି ରୋଷେଇଘର ପାଖ ବାରଣ୍ଡାରୁ ବାହାରି ଆସି ପିଲା ଦୁହିଁଙ୍କୁ କୋଳେଇ ନିଏ।

ପିଲାମାନେ କ'ଣ ଭାବନ୍ତି, କ'ଣ ବୁଝନ୍ତି, ତା' ଜାଣିବାକୁ ଚେଷ୍ଟା କରେ ନାହିଁ ମନିକା। ଅଥଚ ଶୁଭଶଙ୍କରର ଏଭଳି ବ୍ୟବହାର ତାକୁ କଷ୍ଟ ଦିଏ। କିଏ ଯେପରି କରୁଣ ଭାବରେ କାନ୍ଦି ଚାଲିଥାଏ ତା' ଭିତରେ। ମନିକାର ଏ ବିଷଣ୍ଣତା କେହି ଦେଖି ପାରନ୍ତି ନାହିଁ।

ଏ ତ ଦିନେ ଅଧେର କଥା ନୁହଁ, ଶୁଭଶଙ୍କର ପ୍ରାୟ ଏମିତି। ଅସନ୍ତୋଷର ମଣିଷଟିଏ। ଘରକୁ ଆସିଲେ ଦୁଃଖ ପାଏ ସେ।

କାହିଁକି ? ଅନେକ କାହିଁକିର ଉତ୍ତର ଏପର୍ଯ୍ୟନ୍ତ ଖୋଜି ପାଇ ନାହିଁ ମନିକା। ଶରୀରର ସୌନ୍ଦର୍ଯ୍ୟ ବ୍ୟତୀତ ମନିକା ପାଖରେ ଶୁଭଶଙ୍କର କିଛି ଦେଖିପାରେ ନାହିଁ। ଦେହସର୍ବସ୍ୱ !

''ନାରୀ, ପୁରୁଷଙ୍କର ସମ୍ପର୍କ ତ ଦେହକୁ ନେଇ। ତୁମକୁ ମୁଁ ବିବାହ କରିଛି କାହିଁକି ? ମୁଁ ସନ୍ୟାସୀ ହେଲେ ତୁମେ ଖୁସୀ ହବ ତ ?''

ନୂଆ ବାହାଘର ପରେ ପରେ ଶୁଭଶଙ୍କର ହସି ହସି କହୁଥିବା ଏମିତି କେତେଟା ସଂଳାପ ବ୍ୟତୀତ ଆଉ କିଛି ମନେ ପକାଇ ପାରେ ନାହିଁ ମନିକା।

ବାହାଘର ପରେ ପରେ ମନିକାର ମା' ଦୁଇ ତିନୋଟି ବହି ଟ୍ରଙ୍କ୍ ସହ ପଠାଇଥିଲେ ତା'ର ଚିତ୍ର ଆଙ୍କିବା ସରଞ୍ଜାମ।

''ମନିକା, ଏସବୁ କ'ଣ ? ମୁଁ ଭାବିଥିଲି ତୁମ ଘରୁ ଯୌତୁକ ସ୍ୱରୂପ

Digitized by srujanika@gmail.com

ଆଉ କିଛି ମୂଲ୍ୟବାନ୍ ଜିନିଷ ଆସିଥିବ ନଚେତ୍ ଅନ୍ତତଃ ଘରକରଣା ଜିନିଷ କିଛି ତ ପଠେଇ ପାରିଥାଆନ୍ତେ।''

ଶୁଭଶଙ୍କରର ସେଇ ହସ ଭୁଲିପାରିନାହିଁ ମନିକା। ସେଇ ରାତିରେ ଶୁଭଶଙ୍କର ଚେତାବନୀ ଦେବାଭଳି ବୁଝାଇଥିଲା ନବ ପରିଣୀତା ସୁଶିକ୍ଷିତା ପତ୍ନୀକୁ।

''ଦେଖ, ମେସ୍‌ରେ ହୋଟେଲ୍‌ରେ ଖାଇ ପଢ଼ିବା ସମୟ, ଚାକିରି ଆରମ୍ଭର ଦିନ କେଇଟା କଷ୍ଟରେ ବିତେଇଛି। ଏବେ ତୁମ ହାତ ରନ୍ଧା ଖାଇବାକୁ ମନ।''

ଶୁଭଶଙ୍କରର କଥା ସେଇଠି ବନ୍ଦ ହୋଇଥିଲେ ମନିକାକୁ ବାଧିବା ଭଳି କିଛି ନ ଥିଲା। ବରଂ ସବୁ ଝିଅଙ୍କ ଭଳି କିଛି ଭଲ ଖାଦ୍ୟ ପ୍ରସ୍ତୁତ କରି ଶୁଭଶଙ୍କରର ପ୍ରଶଂସା ଶୁଣିବା ପାଇଁ ସେ ଅପେକ୍ଷା କରି ରହନ୍ତା। କିନ୍ତୁ ତା' ହୁଏ ନାହିଁ। ଶୁଭଶଙ୍କର ତାକୁ ବୁଦ୍ଧି ଦେବା ଭଳି କହେ, ''ବୁଝିଲ ତ, ତୁମେ କାହିଁକି ବାହା ହେଇଛ ? ରୋଷେଇ କରିବା, ଘରକରଣା କରିବା ବିବାହିତା ନାରୀର ପ୍ରଧାନ କର୍ତ୍ତବ୍ୟ। ସ୍ୱାମୀଙ୍କୁ ସୁଖ, ସଂଭୋଗ ଦେବାରେ ସ୍ତ୍ରୀର ପରମ ଆନନ୍ଦ। ନୁହେଁ କି ?''

ଥଟ୍ଟା ମଜା ନୁହେଁ, ଜଣେ ପରିଣତ ବୟସର ବୃଦ୍ଧବ୍ୟକ୍ତି ଭଳି ଜୀବନ ଆରମ୍ଭରୁ ଉପଦେଶ ଶୁଣେଇଛି ଶୁଭଶଙ୍କର। ସେଭଳି କଥା ଶୁଣିବା ବେଳେ ସେଇ ମୁହୂର୍ତ୍ତରେ ମନେ ହେଇଛି ଅଳ୍ପ କେତେ ଦିନର ସେଇ ବିବାହିତ ଜୀବନକୁ ଠେଲିଦେଇ ମୁକ୍ତ ହେଇଯିବ ମନିକା। କ'ଣ ଅଛି ଏମିତି ଜଣେ ଲୋକକୁ ନେଇ ସାରା ଜୀବନ ସନ୍ତାପିତ ହେବା ?

ନା - ନିଜକୁ ପ୍ରବୋଧନା ଦିଏ ମନିକା। ସବୁ ଠିକ୍ ହେଇଯିବ। ଏ ପୃଥିବୀରେ ଶୁଭଶଙ୍କର ଭଳି ଜ୍ଞାନୀ, ଗୁଣୀ, ଅସୀମ ସୌନ୍ଦର୍ଯ୍ୟର ଅଧିକାରୀ ବିଚାରବନ୍ତ ପୁରୁଷ ଅନ୍ୟ କେହି ନାହିଁ।

ଏମିତି ବିବେଚନାକୁ ମହାମନ୍ତ୍ର କରେ ମନିକା। ତା' ସଂସାରକୁ ନୂଆ ରୂପ ଦେବା ପାଇଁ ଇଚ୍ଛା କଲେ ଏମିତି ଚିନ୍ତାଧାରାର ଆବଶ୍ୟକତା ରହିଛି।

କିନ୍ତୁ ମନିକାର ଶିଳ୍ପୀସତ୍ତା ବିଦ୍ରୋହ କରେ। ଦିନକୁ ଦିନ ବ୍ୟସ୍ତ ବିବ୍ରତ ହୋଇ ତାକୁ ପାଗଳୀ କରେ କାହିଁକି ?

କ'ଣ ହେଲା ସେଦିନ ? ତୁ ଯେତେବେଳେ ଅର୍ଦ୍ଧ ପ୍ରସ୍ଫୁଟିତ ଗୋଲାପ କଢ଼ିଟିର ପ୍ରସ୍ତ ପ୍ରସ୍ତ ପାଖୁଡ଼ା ଖୋଲି ଯାଉଥିବା ଦୃଶ୍ୟରେ ବିହ୍ୱଳ ହୋଇ ଶୁଭଶଙ୍କରକୁ

Digitized by srujanika@gmail.com

ସାଥି ହେବାପାଇଁ ପାଖକୁ ଡାକିଲୁ, ବରଞ୍ଚିରେ ଚିତ୍କାର କରି ସୁନ୍ଦର ଛୁଟି ଦିନଟା ନଷ୍ଟ କରି ଦେଇଥିଲା ନା ! ପଥର ମୂର୍ତ୍ତିଟିଏ ଭଳି ବସି ରହିବା ବ୍ୟତୀତ ତୋ ପାଖରେ ଅନ୍ୟ ଉପାୟ ନ ଥିଲା । ଆଉ ଅନ୍ୟ ଦିନେ - ତା'ର ବନ୍ଧୁ, ବନ୍ଧୁପତ୍ନୀ କେତେଜଣ ଆସିଥିବା ବେଳେ...

ମନିକା ଦିନଟି ମନେ ପକେଇଲା । ସମସ୍ତେ ମିଶି ଖୁସିରେ କଥାବାର୍ତ୍ତା କରୁଥିଲେ । ମାଉସୀ ଚା' ପକୋଡ଼ି ପରଷି ଦେଉଥିଲା । ଶୁଭଶଙ୍କର ଖୁସୀ ଥିଲା, ଅସୁବିଧା ହେଉଥିଲା ମନିକାର । ସେ ପଦଟିଏ କିଛି କହିବାକୁ ଆରମ୍ଭ କଲେ ଶୁଭଶଙ୍କର ତାକୁ ଦୃଷ୍ଟିର ଇଙ୍ଗିତ ବା ସାମାନ୍ୟ ସ୍ପର୍ଶ ଦେଇ କହିବାରେ ବାଧା ଦେଉଥିଲା ।

କାହିଁକି ଏମିତି ? ସମସ୍ତେ ଯିବା ପରେ ଶୁଭଶଙ୍କରକୁ ଏତିକି ପଚାରି ଘରେ ଭୟଙ୍କର ଝଡ଼ ସୃଷ୍ଟି ହେବା ଆତଙ୍କରେ ନିରବ ରହିଲା ମନିକା ।

ତେବେ ଦିନକୁ ଦିନ ଅସହ୍ୟ ହେଉଛି । ମନିକାର ଉପାୟ ନାହିଁ । ସେ ବାହାରି ଚାଲିଗଲେ କ'ଣ ହେବ ଏମାନଙ୍କର ?

ସାନ ସାନ ଝିଅ ପୁଅ ଦୁଇଟି । ନିଜେ ଶୁଭଶଙ୍କର ମଧ୍ୟ ଅବୁଝା ପିଲାଟିଏ ।

ନିଜର ସମସ୍ତଙ୍କୁ, ଶୁଭଶଙ୍କରକୁ ମଧ୍ୟ ସେ ତେବେ ସତରେ ଏତେ ଭଲ ପାଏ ?

ମନିକା କାନ୍ଦି ପକେଇଲା । ଏପାଖ ସେପାଖକୁ ଚାହିଁ ଲୁଗାକାନିରେ ଲୁହ ପୋଛିଲା । ଏବେ ଏହି ସମୟରେ ଏଭଳି ସୁନ୍ଦର ଘରଟାରେ ତା' ଲୁହ ଦେଖିବା ପାଇଁ କେହି ନାହିଁ ।

କ'ଣ ହେଇଛି ଶୁଭଶଙ୍କରର ? ସେ ଅସୁସ୍ଥ ? ଏମିତି ସମୟରେ ମନିକା ପ୍ରତି ସେ ଯେ ଭୟଙ୍କର ବିରକ୍ତ । ବାରମ୍ବାର ଡାକ୍ତରଙ୍କ ସହ ପରାମର୍ଶ ! ଅଫିସ୍‌ରୁ ଫେରି, ବାହାରକୁ ବୁଲାବୁଲି କରିବାକୁ ନ ଯାଇ ଶୋଇବାଘରେ ଅନ୍ଧାର କରି ଶୋଇବାର ଅର୍ଥ ?

ଥରଟିଏ ମାତ୍ର ମୁହଁ ଖୋଲିଥିଲା ମନିକା ।

''ଦେହ ଭଲ ନାହିଁ କି ?''

''ତୁମର ମୁଣ୍ଡ ଖେଳାଇବା ଦରକାର ନାହିଁ । ବରଂ ରୋଷେଇଘରକୁ ଯାଅ । ମୁଁ ଆଜି ଶୀଘ୍ର ଖାଇ ଶୋଇବାକୁ ଚାହେଁ ।''

Digitized by srujanika@gmail.com

ଯାପରେ ମନିକା ନିଜେ ନିଜେ ବ୍ୟସ୍ତ ହୁଏ କିଛି ନ ବୁଝିପାରିବାର ଯନ୍ତ୍ରଣାରେ ।

× × × ×

ବାହାରେ ଗାଡ଼ି ରହିବାର ଶବ୍ଦ । କିଏ ? ଶୁଭଶଙ୍କର ? କାହା ଗାଡ଼ିରେ ଫେରିଲେ ? ତାଙ୍କ ସ୍କୁଟର୍ ? ଏମିତି ଦ୍ୱିପହରେ ଖାଇବାବେଳେ ସେ ତ କେବେ ଫେରନ୍ତି ନାହିଁ ! ଓଃ ସକାଳ ଖାଇବା ଫୋପାଡ଼ି ଦେଇ ଓପାସରେ ଯାଇଥିବା ଲୋକର ଘର ଖାଇବା ନ ହେଲେ ଚଳିବ କିପରି ?

ମନିକା ସବୁ ଚିନ୍ତା ଆଡ଼େଇ ଦେଇ ବାହାର କବାଟ ପାଖକୁ ଧାଇଁଗଲା । ଆଖି ଉପରେ ରୁମାଲ୍ । କପାଳର କୁଞ୍ଚନରୁ ମନେ ହୁଏ ଭୟଙ୍କର ଯନ୍ତ୍ରଣା । ଆଖିରୁ ପାଣି ଗଡ଼ି ସାର୍ଟର ଉପର ଭାଗଟି ପୂରା ଓଦା ହୋଇଯାଇଛି ।

ମନିକା ଚମକି ପଡ଼ିଲା । କ'ଣ ସେ ଦେଖୁଛି ? ଆଖି ଠିକ୍ ଅଛି ତ ? ତଥାପି ଭୟରେ ପଚାରି ପାରିଲା ନାହିଁ, 'କ'ଣ ହୋଇଛି କୁହ ତ ?'

ମନିକାକୁ ଆଶ୍ରୟ କରି ବିଛଣା ପର୍ଯ୍ୟନ୍ତ ଆସିଲା ଶୁଭଶଙ୍କର । ଯନ୍ତ୍ରଣାରେ ପାଟିରୁ କଥା ବାହାରୁ ନାହିଁ । ଆଖି ଦୁଇଟି ଚାପିଧରି ଖଟ ଉପରେ ଛଟପଟ ହେଉଥିଲା ଶୁଭଶଙ୍କର ।

ମନିକା କର୍ତ୍ତବ୍ୟ-ସଚେତନ ହେଲା । ମନ ଖରାପ କରି ସ୍ଥାଣୁ ପାଲଟିବାର ସମୟ ଏବେ ନୁହଁ ।

ଏ ସହରରେ ନୂଆ କରି ଖୋଲିଥିବା ଜଣେ ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞଙ୍କ କ୍ଲିନିକ୍ ସଂପର୍କରେ ସେ ଖୁବ୍ ଶୁଣିଥିଲା । ଭାରତର ବଡ଼ ସହରମାନଙ୍କରୁ ଚିକିତ୍ସା ପାଇଁ ତାଙ୍କ ପାଖକୁ କେହି କେହି ଆସୁଥିବାର ଖବର ଜାଣିଛି ମନିକା । ତାଙ୍କୁ ଫୋନ୍ କରିବାକୁ କହୁଛି ଶୁଭଶଙ୍କର ।

ବହୁ ଅନୁରୋଧରେ ଆବଶ୍ୟକତା ଦୃଷ୍ଟିରୁ ଅନ୍ୟମାନଙ୍କୁ ପଛକୁ ରଖି ଶୁଭଶଙ୍କରକୁ ଶୀଘ୍ର ଆସିବା ପାଇଁ ନିର୍ଦ୍ଦେଶ ଦେଲେ ଡାକ୍ତର ।

ଏହା ପରେ ମନିକା କିଭଳି ଟ୍ୟାକ୍ସି ଡାକିଛି, ଶୁଭଶଙ୍କରକୁ ନେଇ ସେ ଡାକ୍ତରଙ୍କ କ୍ଲିନିକ୍‌ର ରାସ୍ତା ଖୋଜି ପାଇଛି ଭାବି ଆଶ୍ଚର୍ଯ୍ୟ ହେଲା ।

ଡାକ୍ତର ଭୀଷଣ ବ୍ୟସ୍ତ । ଶୁଭଶଙ୍କରକୁ ଦେଖିବାପରେ ମନିକାକୁ ଏକାନ୍ତରେ ଡାକି ସେ ଯାହା ଶୁଣାଇଲେ, ମନିକା ବ୍ୟତୀତ ଅନ୍ୟ କେହି ଥିଲେ ମୂର୍ଚ୍ଛିତ ହୋଇ ପଡ଼ିଯାଇଥାଆନ୍ତା ।

Digitized by srujanika@gmail.com

ଶୁଭଶଙ୍କରର ଦୁଇଟି ଆଖି ନଷ୍ଟ ହୋଇ ଯାଇଛି। ପୂର୍ବରୁ କେଉଁମାନଙ୍କ ସହ ପରାମର୍ଶ କରି ସେ ଯେଉଁ ଔଷଧ ବ୍ୟବହାର କରିଛି, ତାହା ହିଁ ବିଶେଷ ଭାବରେ ଏବେ କାଳ ହେଲା।

"ଏବେ ମୁଁ କ'ଣ କରିବି କୁହନ୍ତୁ ?" ବ୍ୟସ୍ତ ହୋଇ ପଚାରିଲା ମନିକା।

"ଅବଶ୍ୟ ଔଷଧ ଦେଇ ବର୍ତ୍ତମାନ ହେଉଥିବା କିଛି ଯନ୍ତ୍ରଣା ଭଲ କରି ହେବ। ତେବେ ଦୃଷ୍ଟିଶକ୍ତି ଫେରିପାଇବା ପାଇଁ କର୍ଣ୍ଣିୟା ଗ୍ରାଫ୍‌ଟିଙ୍ଗ୍ ଏକମାତ୍ର ଉପାୟ।"

"ଦୟାକରି ଶୀଘ୍ର ଗ୍ରାଫ୍‌ଟିଙ୍ଗ୍ କରି ନିଅନ୍ତୁ, ଡକ୍ଟର। କେତେ ଟଙ୍କା ଦରକାର କହନ୍ତୁ ତ ?"

"ଅର୍ଥ ନେଇ ଆଖି କିଣାଯାଇ ପାରେନା, ମନିକା। ଏହା ଦାନ କରାଯାଏ, ଆମ ଦେଶରେ ନେତ୍ରଦାନୀଙ୍କ ସଂଖ୍ୟା ବହୁତ କମ୍। ସାରା ଦେଶରୁ ଆମକୁ ଯାହା ଆଖି ମିଳିଥାଏ ତା' ତ ସମୁଦ୍ରକୁ ଶଙ୍ଖେ ପାଣି।" ଡାକ୍ତରଙ୍କର ସସ୍ନେହ ଉତ୍ତର।

"ଡାକ୍ତର, ଦୟାକରି ବିଳମ୍ବ କରନ୍ତୁ ନାହିଁ। ମୋ ଆଖି ନେଇ ଲଗାନ୍ତୁ।" ବ୍ୟସ୍ତରେ କହି ପକାଇଲା ମନିକା।

"ସରି ମ୍ୟାଡ଼ାମ୍, ଜୀବିତ ବ୍ୟକ୍ତିର ଆଖି ବାହାର କରିବା ଏକାନ୍ତ ନିୟମ ବହିର୍ଭୂତ କାର୍ଯ୍ୟ। ସମଗ୍ର ବିଶ୍ୱରେ ମଧ୍ୟ ଏଭଳି ଆଇନ୍ ନାହିଁ।"

ସେଇ ନର୍ସିଂହୋମ୍‌ର ସୁସଜ୍ଜିତ କୋଠରୀରେ ଶୋଇ ରହି ନିଜ ଭବିଷ୍ୟତ ସଂପର୍କରେ ଆଦୌ କିଛି ଭାବିପାରୁ ନ ଥିଲା ଶୁଭଶଙ୍କର। ଡାକ୍ତର ଧୀରେ କହୁଥିଲେ, "ନିଜକୁ ଶାନ୍ତ ରଖ, ଶୁଭଶଙ୍କର। ସବୁ ଠିକ୍ ହୋଇଯିବ।"

ଶୁଭଶଙ୍କର ଓ ଡାକ୍ତରଙ୍କ ପାଖରୁ ନିଜକୁ ଦୂରେଇ ନେଇ ପାଖ ବଗିଚାର ଏକାନ୍ତ ସ୍ଥାନଟିରେ ଖୁବ୍ କାନ୍ଦିଲା ମନିକା। ତଥାପି କେଉଁଠି ଯେପରି ଟେନାଏ ଆଲୁଅ, ଟିକିଏ ଆଶା ତାକୁ ସାନ୍ତ୍ୱନା ଦେଉଥିଲା। ନଚେତ୍ ଆଖିରୁ ଲୁହ ପୋଛି ନିରବରେ କ'ଣ ବସି ଚିନ୍ତା କରୁଥିଲା ସେ ?

ଡାକ୍ତର ତାକୁ ସେହି କୋଠରୀ ଭିତରକୁ ମଧ୍ୟ ଯିବାକୁ ଦେଇ ନାହାନ୍ତି। ହୁଏତ ସେଇ ମୁହୂର୍ତ୍ତରେ ନିଜର ମନୋବଳ ହରେଇ ଦେବାକୁ ଚାହୁଁନଥିଲା ସେ। ଏ ମଧ୍ୟରେ ସାତଦିନ ବିତି ଯାଇଛି। ଅନ୍ୟ ଦିନ ଭଳି ମନିକା ଆସିଛି। ଅପେକ୍ଷା କରିଛି ବାହାରେ।

Digitized by srujanika@gmail.com

ସେ ପାଖରୁ ୱାର୍ଡ଼୍‌ବୟଟିଏ ଆସୁଛି, "ମ୍ୟାଡ଼ାମ୍, ଆପଣ ଏଠି! ଡାକ୍ତରବାବୁ ଆପଣଙ୍କୁ ଖୋଜୁଛନ୍ତି।"

ମନିକା ଖୁବ୍ ଶୀଘ୍ର ଡାକ୍ତରଙ୍କ ପାଖରେ ପହଞ୍ଚି ଯାଇ ଦେଖିଲା ଶୁଭଶଙ୍କରର ଦୁଇ ଆଖିରୁ ପଟି ଖୋଲି ଡାକ୍ତର ଧୀରେ ଧୀରେ ସଫା କରୁଛନ୍ତି।

ସାତଦିନ ସାତରାତି ପରେ... ମନିକା ଆଶାଶୂନ୍ୟ, ନିରୁପାୟ ମନୋଭାବ ନେଇ ତଥାପି ଅପେକ୍ଷା କରିଥିଲା, ଚିନ୍ତା କରୁଥିଲା ହୁଏତ ଏହାପରେ ଡାକ୍ତର ଆଖି ବାହାର କରିଦେବା ପାଇଁ ତା'ର ମତାମତ ମାଗିବେ।

ଏଇ କେତେ ଦିନରେ ମନିକାର ବୟସ ଖୁବ୍ ବଢ଼ିଯିବା ପରି ମନେ ହେଉଛି। ସେ ଖୁବ୍ ଦୁର୍ବଳ ହୋଇପଡ଼ିଥିଲା, ତଥାପି ମାନସିକ ଦୃଢ଼ତା ହଜେଇ ଦେଇ ନ ଥିଲା।

ଏବେ ଡାକ୍ତର ଅତ୍ୟନ୍ତ ଉଲ୍ଲସିତ ସ୍ୱରରେ କହିଲେ, "ତୁମେ ଖୁବ୍ ଭାଗ୍ୟବତୀ, ମନିକା। ମନେହୁଏ ଛୋଟ ଅପରେସନ୍ ପରେ ଶୁଭଶଙ୍କର ଦୃଷ୍ଟିଶକ୍ତି ଫେରି ପାଇବେ। ମୁଁ ମଧ୍ୟ ଦିଲ୍ଲୀରୁ ଜଣେ ବିଖ୍ୟାତ ଆଖି ଡାକ୍ତରଙ୍କୁ ଅନୁରୋଧ କରିଛି, ଯିଏ କି ଜୀବନ୍ତ କର୍ଣ୍ଣିୟାର ସେଲ୍ ନେଇ ଶୁଭଶଙ୍କରଙ୍କ କର୍ଣ୍ଣିୟାରେ ଟ୍ରାନ୍ସପ୍ଲାଣ୍ଟ୍ କରିପାରିବେ। ଯାପରେ ସେ ନିଶ୍ଚିତ ଭାବେ ପୂର୍ବର ଦୃଷ୍ଟିଶକ୍ତି ଫେରିପାଇବେ। ଅବଶ୍ୟ ଏଥିପାଇଁ ତୁମକୁ ଅନେକ କାମ କରିବାକୁ ହେବ।"

ଶୁଭଶଙ୍କର ପୂର୍ବଦୃଷ୍ଟିଶକ୍ତି ଫେରିପାଇବ ଏଇ ଭାବନାରେ ମନିକା ଆନନ୍ଦରେ ବିହ୍ୱଳ ହୋଇ ଉଠିଲା।

ଡାକ୍ତର ତାକୁ ସମସ୍ତ ବିଷୟ ବୁଝାଇବାକୁ ଆରମ୍ଭ କଲେ।

ବାହାରୁ ଡାକ୍ତର ଆଣିବାର ଖର୍ଚ୍ଚ, ନର୍ସିଂହୋମ୍‌ର ଚାର୍ଯ, ଡାକ୍ତରଙ୍କର ଫିସ୍, ଔଷଧ ଓ ଅନ୍ୟାନ୍ୟ ବହୁପ୍ରକାର ଖର୍ଚ୍ଚ ତ ରହିଛି। ମାତ୍ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ହେଉଛି ଜଣେ କେହି ରକ୍ତ ସଂପର୍କୀୟଙ୍କ ଚକ୍ଷୁରୁ ହିଁ କର୍ଣ୍ଣିୟାସେଲ୍ ନେବାକୁ ହେବ।

ମନିକା ବାହାରି ଯାଇଛି। ଏବେ ତା'ର ଅନେକ କାମ। ତା'ର ସତେ କି ପର ଲାଗିଯାଇଛି। ମଝିରେ ମାତ୍ର ଦିନଟିଏ। ଦିଲ୍ଲୀରୁ ଡାକ୍ତର ଆସି ପହଞ୍ଚିବେ। ଶୁଭଶଙ୍କରର ବ୍ୟାଙ୍କ୍‌ବାଲାନ୍ସ୍ ସେଭଳି କିଛି ନାହିଁ। ତଥାପି ଏପରି ପରିସ୍ଥିତିରେ ସେ ବିଷୟ ଶୁଭଶଙ୍କର ପାଖରେ ଉଠାଯାଇ ପାରେନା।

ମନିକା ବଣିଆ ଦୋକାନକୁ ଯାଇ ଅଳଙ୍କାର ବାକ୍ସର ପ୍ରତ୍ୟେକଟି ଅଳଙ୍କାର

Digitized by srujanika@gmail.com

ବନ୍ଧା ଦେଇ କିଛି ଅର୍ଥ ସଂଗ୍ରହ କରିଛି। ଟ୍ୟାକ୍ସି କରି ପହଞ୍ଚିଛି ଶୁଭଶଙ୍କରର ଗାଁରେ, ପରେ ପରେ ପାଖାପାଖି ସହରରେ ଥିବା ଶୁଭଶଙ୍କରର ଅନ୍ୟ ଭାଇ, ଭଉଣୀମାନଙ୍କୁ ଫୋନ୍‌ରେ ସମସ୍ତ ବିଷୟ ବୁଝାଇ କହିଛି। ଯେଉଁ ଉତ୍ସାହ ନେଇ ମନିକା ଦୀର୍ଘ ସମୟ ଅକ୍ଲାନ୍ତ ପରିଶ୍ରମ କରିଛି, ଶୁଭଶଙ୍କରର ବଡ଼ ପରିବାରର ପ୍ରତିଟି ଆତ୍ମୀୟଙ୍କୁ ବ୍ୟସ୍ତ ବିକଳ ହୋଇ କହିଛି, ତାହା ଶେଷରେ ଏଭଳି ନିରର୍ଥକ ହେବ ତା' ଆଦୌ ଭାବିପାରି ନଥିଲା ସେ। ନିଜ ଆଖିର ଟିସୁ ଦେବାପାଇଁ ସେମାନେ ପ୍ରତ୍ୟେକ ଅନିଚ୍ଛୁକ। ଗଭୀର ନୈରାଶ୍ୟରେ ଫେରି ଆସିଲା ମନିକା।

ଦିଲ୍ଲୀରୁ ଚକ୍ଷୁ ବିଶାରଦ ଆସିଯାଇଛନ୍ତି। ଅପରେସନ୍ ପାଇଁ ସବୁ ପ୍ରସ୍ତୁତ କରାଯାଇଛି। କେବଳ ପ୍ରତୀକ୍ଷା ଡୋନର୍‌ଙ୍କ ପାଇଁ।

ନିରୂପାୟ, ଅସହାୟ ମନିକା। ଡାକ୍ତର ନିରବରେ ସବୁ ଶୁଣିଲେ।

ମନିକାର କଥା ଏବେ ସ୍ପଷ୍ଟ, "ମୋ କର୍ଣ୍ଣିୟାର ସେଲ୍ ନେଲେ କ'ଣ ଆଦୌ କାମ ଦେବ ନାହିଁ?"

ଚକ୍ଷୁ ବିଶାରଦ ଉତ୍ତର ଦେଲେ, "ମୁଁ ଚେଷ୍ଟା କରିବି। ମାତ୍ର ସେଥିପାଇଁ ବହୁତ ଦାମୀ ମେଡ଼ିସିନ୍ ଦରକାର।"

"ଆପଣ ଆଦୌ ଚିନ୍ତାକରନ୍ତୁ ନାହିଁ। ଅର୍ଥର ବ୍ୟବସ୍ଥା ମୁଁ କରିଛି।" ମନିକା ସ୍ଥିର ଅଥଚ ଦୃଢ଼ ସ୍ୱରରେ ଉତ୍ତର ଦେଲା।

ଶୁଭଶଙ୍କରର ଗୋଟିଏ ଆଖିରେ ଷ୍ଟେମ୍‌ସେଲ୍ ଟ୍ରାନ୍ସପ୍ଲାଣ୍ଟ୍ ହୋଇସାରିଛି। ଦିଲ୍ଲୀର ଡାକ୍ତର ଫେରିଗଲେଣି।

ଶୁଭଶଙ୍କର ସୁସ୍ଥ ହୋଇଛି। ଡାକ୍ତର ନିର୍ଦ୍ଦିଷ୍ଟ ଦିନରେ ମନିକାକୁ ଦେଖାଇବା ପାଇଁ ସ୍ଥିର କରିଛନ୍ତି। ନିଃଶବ୍ଦରେ ମନିକା ଶୁଭଶଙ୍କରର କକ୍ଷ ମଧ୍ୟରେ ପ୍ରବେଶ କଲା।

"ଆଃ, ମନିକା, ତୁମ ଆଖିରେ ସିଭିୟର ଇନ୍‌ଫେକ୍‌ସନ୍। ଅପରେସନ୍ ପରେ ମନେହୁଏ ଆଦୌ ଯତ୍ନ ନେଇନ। ଆଉ ଆମ୍ ସରି, ଏବେ ତୁମେ ଶୁଭଶଙ୍କର ପାଖକୁ ଯାଇ ପାରିବ ନାହିଁ। ଯଥାଶୀଘ୍ର ତୁମ ଆଖି ବାହାର ନ କଲେ ଏ ଇନ୍‌ଫେକ୍‌ସନ୍ ବ୍ରେନ୍‌କୁ ଆଫେକ୍ଟ କରିବ।"

ଅଭୁତ ମନିକା। ଏ ସବୁ ଶୁଣିବା ପରେ ତା' ମନରେ କାଣିଚାଏ ବି ଦୁଃଖ ନ ଥିଲା। ସେ ଭାବୁଥିଲା, ଏ ପରିଶ୍ରମ ତେବେ ସାର୍ଥକ ହୋଇଛି। କର୍ଣ୍ଣିୟା ସେଲ୍ ଦେବା ପରେ ସେ ଯଦି ଶୋଇ ରହିଥାଆନ୍ତା, ଏତେ ବେଶୀ

Digitized by srujanika@gmail.com

ଅର୍ଥ କେଉଁଠୁ ବ୍ୟବସ୍ଥା ହୋଇପାରିଥାଆନ୍ତା ?

କନ୍‌ସେଣ୍ଟଫର୍ମରେ ସ୍ୱାକ୍ଷର କରିବା ସମୟରେ ସେ ବେଶ୍ ଶାନ୍ତ, ନିଶ୍ଚିନ୍ତ ମନେ ହେଉଥିଲା । ମନେ ମନେ ହୁଏତ ଡାକ୍ତରଙ୍କୁ କହୁଥିଲା, 'ଶୁଭଶଙ୍କରର ଯେ ଦୃଷ୍ଟିଶକ୍ତି ଫେରି ଆସିଛି, ତା' ମୋ ପାଇଁ ଯଥେଷ୍ଟ ।'

''ମନିକା, ତୁମେ ଏବେ ଶୁଭଶଙ୍କର ପାଖକୁ ଯାଇପାରିବ । ଆଉ କିଛି ଅସୁବିଧା ନାହିଁ ।'' ଡାକ୍ତରଙ୍କର ଏଇ କଥା କେତେପଦକୁ ଅତ୍ୟନ୍ତ ଆଗ୍ରହରେ ଅପେକ୍ଷା କରିଥିଲା ସେ । କିଏ ଯେପରି ଧୀରେ ଧୀରେ କହୁଛି, ସୁଖର ଦିନ ଆସୁଛି ମନିକା । ଅପେକ୍ଷା କର୍ । ଶୁଭଶଙ୍କରକୁ ଦେଖୁନୁ କେତେ ନିରୀହ ମନେ ହେଉଛନ୍ତି । ଝରକା ବାହାର ଆକାଶ, ସବୁଜ ଲନ୍, ଫୁଲଭର୍ତ୍ତି ବଗିଚା ସବୁ ସେ ଉପଭୋଗ କରି ପାରୁଛନ୍ତି । ଡାକ୍ତରଙ୍କୁ ସେ ଆନନ୍ଦରେ କହୁଥିବାର ଶୁଣିଲା ମନିକା-

''ଓଃ ଅଶେଷ ଧନ୍ୟବାଦ୍, ଡାକ୍ତର । ଏବେ ମୁଁ ସବୁ ସ୍ପଷ୍ଟ ଦେଖିପାରୁଛି ।''

''ଦେଖ ତ ଶୁଭଶଙ୍କର କିଏ ଆସିଛି । ମନିକା ଭଳି ପତ୍ନୀ, ବାସ୍ତବିକ ଏ କୃତିତ୍ୱ ତାଙ୍କର ପ୍ରାପ୍ୟ ।''

ଶୁଭଶଙ୍କର ଆଖି ଫେରାଇ ଚାହିଁଲା । ସାମନାରେ ସକାଳର ସଜଫୁଲତୋଡ଼ା ନେଇ ଠିଆ ହୋଇଛି ଅନ୍ତରଙ୍ଗ ସହକର୍ମିଣୀ ସୌନ୍ଦର୍ଯ୍ୟମୟୀ ସୁମିତ୍ରା । ଠିକ୍ ତା' ପାଖକୁ ଲାଗି ଗୋଟିଏ ଆଖିରେ ପଟି ବାନ୍ଧି ଯିଏ ଠିଆ ହୋଇଛି ସେ କ'ଣ ମନିକା ?

''ଇସ୍ କି ରୂପ ? ଦର୍ପଣରେ ଥରେ ନିଜକୁ ଦେଖିଛ, ମନିକା ? କି କୁତ୍ସିତ ।'' ଶୁଭଶଙ୍କର ଘୃଣାରେ ଦୃଷ୍ଟି ଫେରାଇ ନେଲା ।

-ଥାଉ, ବ୍ୟସ୍ତ ହୁଅନା ଏଇ ସାମାନ୍ୟ କଥା ପାଇଁ... ।

ମନିକା ଶୁଭଶଙ୍କରର ହାତରେ ଧୀରେ ହାତ ରଖି ବୁଝାଇଲା ।

-ଏସବୁର ଆଉ ପ୍ରୟୋଜନ ନାହିଁ । ଏବେ ତୁମେ ମୁକ୍ତ । ମୋର ଏ ନୂଆ ଜୀବନରେ ତୁମର ସ୍ଥାନ ନାହିଁ, ମନିକା ।

ଚିତ୍କାର କରୁଛି ଶୁଭଶଙ୍କର ।

□□

Digitized by srujanika@gmail.com

# ନୀଳଆଖି

ଝରକା ସେପାଖରେ ସ୍ୱଚ୍ଛ ସୁନ୍ଦର ଆକାଶ । ରାତି ଶେଷର ଚନ୍ଦ୍ର ମୁହଁ ଦେଖେଇଛି । ତା' ଓଠରେ ପ୍ରହେଳିକାମୟ ହସ । ଶୋଇବା ଖଟ ସାରା ନୀଳକଇଁମାନେ ଜ୍ୟୋସ୍ନାସ୍ନାନ କରି ଉତ୍‌ଫୁଲ୍ଲ ।

ସିଦ୍ଧାନ୍ତ ବିଛଣାରେ ଉଠିବସିଛି । ଦେହ ମନରେ ଅଦ୍ଭୁତ ଶିହରଣ !

ଏମିତି ଏତେ ସବୁ କଥା ? ରାତିର ଶେଷ ପ୍ରହରରେ ଅକସ୍ମାତ୍ ନିଦ ଭାଙ୍ଗିଯିବା କ୍ୱଚିତ୍ କେବେ ହେଇଥିବ ।

ସିଦ୍ଧାନ୍ତ ! ହେ କ'ଣ ଏତେ ଶୋଇଚ ? କିଏ ତାକୁ ହଲେଇ ଦେଇ ଉଠେଇ ଦେବାଭଳି ମନେ ହେଲା ।

ସୁସଜ୍ଜିତ ଶୟନକକ୍ଷ । ତୁଳୀତଳ୍ପରେ ତନ୍ଦ୍ରା ବିଜଡ଼ିତ ସେମାନେ ଦୁହେଁ । ସ୍ପର୍ଶାତୁର ଦେହମନ, ସେଇ ସୁନ୍ଦର ଆଖି ଦୁଇଟି ସିଦ୍ଧାନ୍ତକୁ ସମ୍ମୋହିତ କରୁଥିଲେ । ଅପଲକ ନେତ୍ରରେ ସୁମନାକୁ ଦେଖୁଥିଲା ସେ । ଅନିର୍ବଚନୀୟ ଉନ୍ମାଦନା । ସମୟ ସ୍ଥିର ହୋଇ ଯାଇଥିଲା କି ସେ ମୁହୂର୍ତ୍ତରେ ?

ସ୍ୱପ୍ନ ଏମିତି ଜୀବନ୍ତ ହୋଇପାରେ ? ଏଭଳି ଅନୁଭବ ଦେଇପାରେ ? ଦୀର୍ଘବର୍ଷପରେ ହଠାତ୍ କାହିଁକି ସୁମନା ?

ନିଜକୁ ନିଜେ ବୁଝିବା ଭଳି ମାନସିକ ଅବସ୍ଥା ନ ଥିଲା ସିଦ୍ଧାନ୍ତର, ଏବେ ସିଦ୍ଧାନ୍ତ ଅନ୍ୟମନସ୍କ ଭାବରେ ସୁଇଚ ଟିପି ଲାଇଟ୍ ଜଳାଇଲା । ଏବଂ ତା'ର ଅସଜଡ଼ା ଶୋଇବା କୋଠରୀର ଚତୁଃପାର୍ଶ୍ୱକୁ ନିରୀକ୍ଷଣ କରି ପ୍ରକୃତିସ୍ଥ ହେଲା । ଟିକିଏ ହସିଲା ସ୍ୱପ୍ନ କଥା ଭାବି ।

Digitized by srujanika@gmail.com

ଶୋଇବା ଖଟର ବିଛଣାରେ ଅଧାମଇଳା, ନୀଳଫୁଲ ପକା ଚଦର। ତଳେ ଚଟାଣରେ ଖବରକାଗଜ, ପତ୍ରପତ୍ରିକାର ସ୍ତୁପ। ପାଖ ଟେବୁଲ୍‌ରେ ଡାଇରୀ, କଲମ, ପେନ୍‌ସିଲ୍, କିଛି କାଗଜ, ମୋଟା ମୋଟା କେତେଖଣ୍ଡି ବହି, ଆସ୍‌ଟ୍ରେ ଭର୍ତ୍ତି ପୋଡ଼ା ସିଗାରେଟ୍। କାନ୍ଥର ଅଳନ୍ଧୁ ସହ ଏଭଳି ପରିବେଶର ମେଳ ରହିଛି।

ଏସବୁ ନେଇ ଏବେ ଏହି ବୟସ୍କ ବିଶୃଙ୍ଖଳିତ ବ୍ୟକ୍ତି ସିଦ୍ଧାନ୍ତ ବିଚଳିତ ହୁଏ ନାହିଁ।

ସେ ନିଜ ଇଚ୍ଛାରେ ବଂଚିଛି, ଯାହା ପାଇବାକୁ ଚାହିଁ ଆସିଛି, ଏ ପର୍ଯ୍ୟନ୍ତ ତା' ହାତ ପାଖରେ ପହଞ୍ଚି ପାରିନାହିଁ। ହୁଏତ ସେଇ ଅପେକ୍ଷାରେ ସେ ରହିଛି, ଅନ୍ତତଃ ଆଉ କିଛି ଦିନ ଏଭଳି ରହିବାକୁ ହୋଇପାରେ।

ବାସ୍ତବତାକୁ ଫେରିଆସିବା ପାଇଁ ଗାଧୋଇବା ଘରେ ପାଣିରେ ମୁହଁଟା ଭଲ ଭାବରେ ଧୋଇନେଇଥିଲା ସିଦ୍ଧାନ୍ତ। ଏବେ ଟେବୁଲ୍‌ଲ୍ୟାମ୍ପର ଆଲୋକରେ ତା'ର ସେଇ ତୀକ୍ଷ୍ଣ ଗଢ଼ଣର ମୁହଁଟି ସ୍ପଷ୍ଟ ଦେଖା ଯାଉଥିଲା। ବିଷଣ୍ଣତା ଏବଂ ଘନ ଘନ ଦୀର୍ଘଶ୍ୱାସ। ସିଦ୍ଧାନ୍ତ କ'ଣ ଭାବି ହେଉଥିଲା।

ଗତ ରାତିରେ ପାଖ ଫୋନ୍ ବୁଥ୍‌ରୁ ପିଲାଟିଏ ଆସି ତା'କୁ ଡାକି ନେଲା। ଅନୁପମାର ଫୋନ୍। ତା'କୁ 'ଅପାରଗ' କହି ବାପଘରକୁ ଚାଲିଯାଇଥିବା ସ୍ତ୍ରୀ କ'ଣ ଅଧିକ କହିବାକୁ ଚାହେଁ?

କୋଉ ପରିସ୍ଥିତିର ସମ୍ମୁଖୀନ ହୋଇ 'ସମ୍ରାଟ ହାଉସ୍' ଭଳି ପ୍ରକାଶନ ସଂସ୍ଥାର ଉଚ୍ଚ ପଦବୀ ସମ୍ପନ୍ନ ଚାକିରିକୁ ପାଦରେ ଠେଲି ବମ୍ବେରୁ ଫେରି ଆସିଲା ସିଦ୍ଧାନ୍ତ?

ଥରେ ନୁହଁ, ଦୁଇ ତିନିଥର ଏମିତି କେତୋଟି ନାମକରା ସଂସ୍ଥାରୁ ନିଜେ ନିଜେ ଚାଲିଆସିଛି ସିଦ୍ଧାନ୍ତ। ସେମାନଙ୍କ କାରବାର ସହ ସେ ସହମତ ହୋଇପାରିଲା ନାହିଁ।

ସାଧାରଣ ଦୃଷ୍ଟିରେ ଦେଖିଲେ ଅନୁପମାର ଅସନ୍ତୋଷ ଅକାରଣ ନୁହେଁ। ଏସବୁ ଫାଙ୍କା ଆଦର୍ଶବାଦର କଥା। ସିଦ୍ଧାନ୍ତର ମାନସିକତା ବୁଝିବା ପାଇଁ ତା' ପାଖରେ ସମୟ କାହିଁ?

ସେ ଚାହିଁଥିଲା ସ୍ୱାମୀ ସଂତାନ ନେଇ ସୁଖର ସଂସାର, ସାମାଜିକ ପ୍ରତିଷ୍ଠା।

Digitized by srujanika@gmail.com

ଏବେ କିଶୋର ବୟସର ପୁଅ ଝିଅଙ୍କର ମନସ୍ତତ୍ତ୍ୱ ପ୍ରତି ଧ୍ୟାନ ଦେବ, ନିଜ ଚାକିରିର ସୁରକ୍ଷା ବିଷୟ ଚିନ୍ତା କରିବ ନା ସିଦ୍ଧାନ୍ତ ପାଖରୁ ବୃଥା ଆଦର୍ଶବାଦର ବକ୍ତୃତା ଶୁଣିବ ?

ଅନୁପମାର ଚିନ୍ତାଧାରା ଭୁଲ - ଏକଥା କେହି ଆତ୍ମୀୟ ଭାବି ପାରନ୍ତି ନାହିଁ। ପିଲା ଦୁହିଁଙ୍କୁ ହଷ୍ଟେଲରେ ଛାଡ଼ିଦେଇ ଅନ୍ତତଃ ନିଜକୁ ଦୁଶ୍ଚିନ୍ତା ମୁକ୍ତ, ଆର୍ଥିକ ଦିଗରୁ ସକ୍ଷମ କରିବା ପାଇଁ ସରକାରୀ କର୍‌ପୋରେସନ୍‌ର ନିଜ ସ୍ଥାୟୀ ଚାକିରି ପ୍ରତି ଯଥେଷ୍ଟ ଯତ୍ନଶୀଳ ଥିଲା ଅନୁପମା।

-ଫୋନ୍ ପାଖକୁ ଆସିବାକୁ ଏତେ ସମୟ ?

ସେପାଖରେ ଉତ୍ତର ନାହିଁ।

-ଘର ଫୋନ୍‌ର ବିଲ୍ କାହିଁକି ପେମେଣ୍ଟ୍ କରୁନ ?

-ସୁବିଧାରେ ଦେବି।

-ମୁନ୍‌ମୁନ୍, ଜୟଦୀପ୍‌ର ବାର୍ଥଡ଼େ କାର୍ଡ଼ ପଠାଇଛ ? ବାର୍ଥଡ଼େ'ର ତାରିଖ ମନେଥିଲା ତ ?

-ନା। କାର୍ଡ଼ ପଠାଇ ନାହିଁ। ନିଜେ ମୁଁ...।

-ଗୋ ଟୁ ହେଲ୍ !

ସେପାଖରେ ଫୋନ୍ କଚାଡ଼ିବାର ଶବ୍ଦ।

ନିରୁପାୟ ସିଦ୍ଧାନ୍ତ। ଅନୁପମାର ଏଭଳି ଅପମାନଜନକ କଥା ଏବଂ ହିଂସ୍ର ବ୍ୟବହାର ସହ ଜୀବନ ଆରମ୍ଭରୁ ସେ ଅଭ୍ୟସ୍ତ। ପିଲା ଦୁହିଁଙ୍କୁ ଜନ୍ମଦିନମାନଙ୍କରେ କାର୍ଡ଼ ନ ଦେଇ ସୁନ୍ଦର ଉପହାର ନେଇ ଦେଖି ଆସିଛି ସିଦ୍ଧାନ୍ତ। ଏସବୁ ଖୁସିରେ କହିବାକୁ ଆରମ୍ଭ କରିଥିଲା ସିଦ୍ଧାନ୍ତ। ଅଥଚ ଅନୁପମା ଫୋନ୍ ରଖିଦେଲା !

ସିଦ୍ଧାନ୍ତକୁ ଏମାନେ କେହି ବୁଝନ୍ତି ନାହିଁ। ସାରା ଜୀବନ ସେ କେତେ ଏକା, କେତେ ଅସହାୟ !

ଫୋନ୍ ବୁଥ୍ ପାଖ ରେଷ୍ଟୋରାଁରେ ରାତି ଖାଇବା ଶେଷ କରି ଆସିବାର ଥିଲା ସିଦ୍ଧାନ୍ତର। ମାତ୍ର ଅନୁପମା ସହ କଥା କହିବା ପରେ ତା'ର ଆଉ ଖାଇବାର ଆଗ୍ରହ ହେଲା ନାହିଁ।

ବାହାରେ ଅନ୍ଧାର ପୋଛି ହୋଇ ଆସୁଛି। ରାତି ଡ୍ୟୁଟି ଶେଷ କରି ରାସ୍ତାରେ

Digitized by srujanika@gmail.com

ଯାଉଥିବା ପୋଲିସ୍ କେତେଜଣଙ୍କର କଥାବାର୍ତ୍ତା ଶୁଣାଯାଉଛି ।

ସିଦ୍ଧାନ୍ତ ନିଜପାଇଁ ଚା' କପ୍‌ଟିଏ ପ୍ରସ୍ତୁତ କରି ଆଣିଲା ।

କାହାର ଏ ଫଟୋ ? ସୁମନା ?

ସୁମନାର ବିସ୍ମୟ ବିହ୍ୱଳ ଦୃଷ୍ଟି ।

ସୁମନା ଫେରିଛି ? ବରୁଣ, ସୁମନା ଦେଶକୁ ଫେରି ଆସିଛନ୍ତି ଅନେକ ବର୍ଷ ପରେ ।

ଏ ରାଜ୍ୟର ଏହି ସହରଟି ହେବ ସେମାନଙ୍କର ମୁଖ୍ୟ କାର୍ଯ୍ୟସ୍ଥଳୀ । ଖୁବ୍ ଶୀଘ୍ର ସେମାନେ ଆରମ୍ଭ କରିବେ ଏକ ସୁପରିକଳ୍ପିତ ପ୍ରକାଶନ ସଂସ୍ଥା । ବହୁ ପୂର୍ବରୁ ଏ ସହରର ଶେଷ ପ୍ରାନ୍ତରେ ଏକ ବିସ୍ତୃତ, ଚାରି ପାଞ୍ଚ ଏକର ଜମି କ୍ରୟ କରି ରଖିଛି ସୁମନା ।

ସୁମନା, ବରୁଣ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନିକଟ ଭବିଷ୍ୟତର ଏହି କାର୍ଯ୍ୟକ୍ରମର ସାମାନ୍ୟ ଆଭାସ ମାତ୍ର ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ସହ ସେମାନଙ୍କର ଫଟୋ ଏବଂ ସେମାନଙ୍କର ଏହି ଯୋଜନାର ସଂକ୍ଷିପ୍ତ ସୂଚନା ସଂବାଦ ଭାବରେ ପ୍ରକାଶ ପାଇଛି ଖବର କାଗଜଟିରେ ।

ସିଦ୍ଧାନ୍ତ ଖୁବ୍ ପଛକୁ ଫେରିଯାଇଥିଲା ।

ସେ, ସୁମନା ଅନେକ ଥର କ୍ଲାସ୍ ଶେଷ ହେବା ପରେ କଲେଜ୍ କ୍ୟାଣ୍ଟିନ୍‌ରେ ସନ୍ଧ୍ୟାରେ, ଏମିତିକି ବିଳମ୍ବ ରାତିରେ ମଧ୍ୟ ଅସରନ୍ତି ଗପରେ ହଜିଯାଆନ୍ତି ।

ବେଶୀ ଭାଗ କଥାବାର୍ତ୍ତା ସାହିତ୍ୟ ସଂପର୍କୀୟ ।

ସିଦ୍ଧାନ୍ତ, ସୁମନା ଉଭୟ ଇଂରେଜୀ ସାହିତ୍ୟର ଛାତ୍ରଛାତ୍ରୀ । ସେ ସମୟର ଯୁବ ଲେଖକ ଲେଖିକାଙ୍କ ମଧ୍ୟରେ ସେମାନେ ବେଶ୍ ନାଁ କରିଥିଲେ ।

ସୁମନା କହେ, ''ତୁମର ଏ ଫିଚର୍‌ଟା କାଲି ମୁଁ ବାପାଙ୍କୁ ଦେଖାଇଲି । କ'ଣ କହିଲେ ଜାଣ ? 'ବ୍ରାଇଟ୍ ଫ୍ୟୁଚର୍ !' ବାସ୍ତବିକ କ'ଣ ଯେ ଲେଖୁଚ ତୁମେ ?''

''ଆରେ ରୁହ, ଦେଖିବ, ଏସବୁ କିଛି ନୁହଁ । ମୋର ଖାଲି ପଢ଼ାପଢ଼ିଟା ଶେଷ ହେଉ, ଲୁଟି କରିଦେବି ସମସ୍ତଙ୍କୁ ।''

ସିଦ୍ଧାନ୍ତ, ସୁମନାଙ୍କର ହସ ଶେଷ ହୁଏ ନାହିଁ ।

ଜାତୀୟ ସ୍ତରରେ ନାମ କମେଇଥିବା ବଡ଼ ବଡ଼ ଲେଖକ, ସାଂବାଦିକମାନଙ୍କ

Digitized by srujanika@gmail.com

ନାମ ଉଚ୍ଚାରଣ କରି ଦୁହେଁ ଭବିଷ୍ୟତ ପାଇଁ ଅନେକ ଯୋଜନା କରନ୍ତି ସେତେବେଳେ।

କଥା କହୁ କହୁ ନିରବ ହୋଇଯାଏ ସିଦ୍ଧାନ୍ତ। ଅପରାହ୍ନର ପବନ ଦୁହିଁଙ୍କୁ ଛୁଇଁ ଦେଇଯାଏ।

କ୍ଲାସ୍ ଶେଷ ପରେ ଦୁଇଘଣ୍ଟା ବିତିଗଲାଣି। କ୍ୟାଣ୍ଟିନ୍‌ରୁ ଫେରି ବଗିଚାର ସେଇ ଏକାନ୍ତ ସ୍ଥାନଟିରେ ସିଦ୍ଧାନ୍ତ ପାଖରେ ବସି ପ୍ରଗଳ୍ଭ ଭାବରେ ଏତେ କଥା କହିପାରେ ସୁମନା। ଅଥଚ ଥରଟିଏ କହେ ନାହିଁ, 'ସିଦ୍ଧାନ୍ତ, ତୁମେ ଏକାନ୍ତ ଭାବରେ ମୋର।'

ଧେତ୍ ସିଦ୍ଧାନ୍ତ ବି ଶେଷ ପର୍ଯ୍ୟନ୍ତ କହିପାରିଲା ନାହିଁ।

ସେମାନଙ୍କର ପରସ୍ପର ପ୍ରତି ଏତେ ବେଶୀ ଆକର୍ଷଣ। ସୁମନାକୁ ଦିନଟିଏ ନ ଦେଖିଲେ ବ୍ୟସ୍ତ ବିବ୍ରତ ହୋଇ ଉଠୁଥିଲା ସିଦ୍ଧାନ୍ତ। ପରୀକ୍ଷା, ପଢ଼ାପଢ଼ି ଛାଡ଼ି ଧାଇଁ ଯାଉଥିଲା ସୁମନା ପାଖକୁ।

ସୁମନା କ'ଣ କିଛି ବୁଝୁ ନ ଥିଲା ?

ଅନେକ ଥର କହିବାକୁ ଥିବା କଥା ଅବ୍ୟକ୍ତ ରହିଯାଏ। ସିଦ୍ଧାନ୍ତ ବୋକାଙ୍କ ଭଳି ଚାହିଁ ରହେ। ମନେ ମନେ କହେ,

'ତୁମେ ମୋତେ ଅପେକ୍ଷା କରିବ, ସୁମନା ? ମାତ୍ର କେତେଟା ବର୍ଷର କଥା। ଏ ଅପଦାର୍ଥକୁ ଏବେ କିଏ ଝିଅ ଦେବ ? ମୋତେ ପ୍ରତିଷ୍ଠିତ ହେବାକୁ ସମୟ ତ ଲାଗିବ। ତୁମ ଭଳି ବ୍ରାଇଟ୍ ଝିଅର କ'ଣ ଏତେ ତରତର ପଡ଼ିଛି ?'

କିଛି ବି ହେଲା ନାହିଁ। ସିଦ୍ଧାନ୍ତ କିଛି କହିପାରିଲା ନାହିଁ। ବରୁଣଙ୍କ ଘରୁ ପ୍ରସ୍ତାବ ଆସିବା ପରେ କେତେ ଶୀଘ୍ର ସୁମନାର ବିବାହ ସ୍ଥିର ହୋଇଗଲା।

ବିବାହ ପୂର୍ବରୁ ଶେଷଥର ପାଇଁ ଦେଖା ହୋଇଥିଲା। ସୁମନା ମୁହଁରେ ହସ ପରିବର୍ତ୍ତେ ଗାମ୍ଭୀର୍ଯ୍ୟ। ଅନ୍ୟ କଥା କହୁ କହୁ ସେ ଖୁବ୍ କାନ୍ଦିଥିଲା।

ସିଦ୍ଧାନ୍ତ ତା'କୁ ବୁଝାଇବାକୁ ଯାଇ ନିଜେ ବି କାନ୍ଦି ପକାଇଲା।

ଏହାପରେ ଦୁହେଁ ଦୁହିଁଙ୍କୁ ବୁଝିବାରେ ଏବଂ ନିଜ ମନକଥା କହିବାରେ କ'ଣ ବାକି ଥିଲା ?

ସୁମନାର ସ୍ୱାମୀ ବରୁଣ ବିଦେଶରେ ଜଣେ ପ୍ରତିଷ୍ଠିତ ଇଂଜିନିୟର, ସଂଭ୍ରାନ୍ତ ବଂଶର ପିଲା। ଅପଦାର୍ଥ ସିଦ୍ଧାନ୍ତ ପାଇଁ ସୁମନାର ବାପା, ମା ଅନିଶ୍ଚିତ ଆଶା ନେଇ କେତେ ଦିନ ଅବା ଅପେକ୍ଷା କରି ବସି ଥାଆନ୍ତେ ?

Digitized by srujanika@gmail.com

ସ୍ନେହ, ଶ୍ରଦ୍ଧା, ଭଲପାଇବା, ଏ ସଂପର୍କର ଚିରନ୍ତନ ମୂଲ୍ୟ ରହିଛି। ଯିଏ ଯେଉଁଠି ଥାଆନ୍ତୁ, ପରସ୍ପରକୁ କେବେ ହେଲେ ଅଭିନ୍ନ ଭାବି ପାରିବେ ନାହିଁ।

ଏବେ ଏସବୁ ନେଇ ଚିନ୍ତା କରିବାର ବେଳ କାହିଁ? ବରଂ ସେ ନିଜେ ଯିବ। ସୁମନା, ବରୁଣ ତା'ର ବନ୍ଧୁ। ସେମାନଙ୍କ ସହ କୃଷ୍ଣ ସୁଦାମା ସଂପର୍କ।

ସିଦ୍ଧାନ୍ତ ସହଜ ଭାବରେ ପଚାରିବ, "ମୋତେ ଚିହ୍ନି ପାରୁଛନ୍ତି, ମ୍ୟାଡ଼ମ୍? ମୁଁ ସିଦ୍ଧାନ୍ତ, ଆପଣଙ୍କ ସଂସ୍ଥାରେ ଖଣ୍ଡେ କାମ ପାଇଁ ଆପ୍ଲିକେଶନ୍ ଦେଇଛି।"

ସୁମନା ତା'କୁ ମନାକରି ପାରିବ ନାହିଁ। ନା- ଆଦୌ ନୁହେଁ।

ଅତୀତରେ ସେଇ ଅଳ୍ପ ବୟସ୍କ ପୁଅ, ଝିଅ ଦୁହିଁଙ୍କର ସ୍ୱପ୍ନ ସାକାର ହେବାକୁ ଯାଉଛି। ସିଦ୍ଧାନ୍ତ ସୁଯୋଗ ପାଇଲେ ଏ ସଂସ୍ଥା ପାଇଁ ନିଜର ବୁଦ୍ଧି ଜ୍ଞାନର ସଦୁପଯୋଗ କରିବ। ହୁଏତ ସେ ସମୟ ଆସିଛି ଅନେକ ବର୍ଷ ପରେ।

ବାହାରେ ଘନ ଘନ କଲିଂବେଲ୍ ଶବ୍ଦ।

ଏତେ ସକାଳୁ କିଏ ଆସିଲା?

କବାଟ ଖୋଲି ହତବାକ୍ ସିଦ୍ଧାନ୍ତ।

ସୁମନା ହସୁଛି। ଠିକ୍ ସେଇଦିନ ଭଳି ଦିଶୁଛି। ହୁଏତ ସେଦିନଠାରୁ ଅଧିକ ସୌନ୍ଦର୍ଯ୍ୟମୟୀ।

"ଚିହ୍ନି ପାରୁନ କି? ଓଃ ବହୁତ କଷ୍ଟରେ ତୁମର ଫୋନ୍ ନମ୍ବର ଯୋଗାଡ଼ କଲି। ଅଥଚ..."

"ଫୋନ୍ ହେଲା ନାହିଁ।" ବାକି କଥା ହସି ହସି କହିଲା ସିଦ୍ଧାନ୍ତ। "ଫୋନ୍ ଖରାପ ଅଛି କେତେ ଦିନରୁ।"

"ଅନ୍ୟମାନେ ଆଡ୍ରେସ୍ ଠିକ୍ କହି ପାରିଲେ ନାହିଁ। ଯାହାହେଉ ସକାଳୁ ଅଳ୍ପ ଖୋଜା ଖୋଜି କରି ମୁଁ ପାଇଗଲି। ତୁମେ କିଛି ବଦଳିନ, ସିଦ୍ଧାନ୍ତ। ଏତେ ବର୍ଷ ପରେ ବି।"

"ମୁଁ ବି ସେଇକଥା ତୁମକୁ କହିବାକୁ ଯାଉଥିଲି।"

"ସିଦ୍ଧାନ୍ତ, ତୁମର ମନେଥିବ ସେଇ ଅଳ୍ପ ବୟସରେ ଆମେ କେତେ ବଡ଼ ବଡ଼ କଥା ଚିନ୍ତା କରୁଥିଲେ, ଆଲୋଚନା କରୁଥିଲେ। ଏବେ ସେ ସବୁ କାର୍ଯ୍ୟକାରୀ ହେବାକୁ ଯାଉଛି। ଠିକ୍ ଏମିତି ସମୟରେ ତୁମର ସହଯୋଗ କିନ୍ତୁ ଖୁବ୍ ଦରକାର।"

Digitized by srujanika@gmail.com

ସିଦ୍ଧାନ୍ତ ଓଠରୁ ହସ ଲିଭିଗଲା। ସେ ନିରବ ରହିଲା। ସମ୍ଭବତଃ ବୟସର ଗାମ୍ଭୀର୍ଯ୍ୟ।

''ଭିତରକୁ ଆସ।''

ସୁମନା ସିଦ୍ଧାନ୍ତ ସହ ଘର ଭିତରକୁ ପାଦ ଦେଲା।

ସୁମନା! ଏବେ? ଏତେ ବର୍ଷ ପରେ? ମନେପଡ଼ିଲା ସିଦ୍ଧାନ୍ତ କଥା? ତୁମ ମୋ'ର ଏଇ କ'ଣ ଏକ ମାତ୍ର କଥା ଥିଲା? ଆଉ କିଛି ନୁହଁ? ନିଜକୁ ଥରେ ପଚାରିଛ କେବେ ଆମେ ଆଉ କିଛି ଚାହୁଁଥିଲେ କି ନାହିଁ?

ସିଦ୍ଧାନ୍ତର କଣ୍ଠ ଅବରୋଧ ହେଇ ଆସୁଛି। ସମୟ, ସମାଜ, ପରିବାର, ପରିସ୍ଥିତି - ଏସବୁ ଅତିକ୍ରମ କରି ସିଦ୍ଧା ମନରେ ପ୍ରସ୍ଥ ପ୍ରସ୍ଥ ଅଭିମାନ ଏକତ୍ରିତ ହେଉଛି।

ନିଜେ ତିଆରି କରି ଦୁଇକପ୍ ଚା' ଧରି ଆସୁଥିଲା ସିଦ୍ଧାନ୍ତ। ସୁମନା ଖବରକାଗଜରୁ ମୁହଁ ଉଠାଇ ଚା' କପ୍‌ଟି ତା' ହାତରୁ ନେଲା। ଅନୁପମା, ପୁଅଝିଅଙ୍କ ବିଷୟରେ ସାଧାରଣ ଭାବରେ ପଚାରିଲା। ଶେଷରେ ଯିବା ପାଇଁ ବାହାରିବା ବେଳେ କହିଲା, ''ତୁମକୁ ସାଙ୍ଗରେ ନେଇ ଆସିବାକୁ କ ନ୍ତି ବରୁଣ। ଆମକୁ ଅନେକ ପ୍ଲାନ୍ କରିବାକୁ ହେବ। ଏକମାତ୍ର ତୁମେ! ତୁମ କଥା ଅନେକ ପୂର୍ବରୁ ମୁଁ ଚିନ୍ତା କରିଛି...।''

ସୁମନା ଅଧିକ କିଛି କହିପାରିଲା ନାହିଁ।

ସିଦ୍ଧାନ୍ତ ଆଶ୍ଚର୍ଯ୍ୟ। ତଥାପି ଅତ୍ୟନ୍ତ ଶାନ୍ତ ସ୍ୱରରେ ସେ ଉତ୍ତର ଦେଲା,

''ସରି, ସୁମନା। ମୁଁ ଏସବୁ ପାରିବି ନାହିଁ।''

□□

Digitized by srujanika@gmail.com

# ଅନ୍ୟ ଜଣେ ଆଉରଙ୍ଗଜେବ୍

ବହୁଦିନରୁ ପରିତ୍ୟକ୍ତ ଡାକବଙ୍ଗଳାଟିଏ ଭଳି ଘରଟି ଦେଖାଯାଉଥିଲା । ସାମନା ବଗିଚାର ଲନ୍‌ରେ ଘାସମାନେ, ଫୁଲମାନେ ଝାଉଁଳି ପଡ଼ିଥିଲେ । ସନ୍ଧ୍ୟା ନହେଉଣୁ ଅନ୍ଧାର ଓହ୍ଲେଇ ଆସିଥିଲା ସେଇ ପରିସରକୁ ।

ସୁରଞ୍ଜିତା ଏବେ ରଙ୍ଗଛଡ଼ା, କଳଙ୍କି ଲାଗିଯାଇଥିବା ଫାଟକଟି ଖୋଲି ବିସ୍ମୟଶଙ୍କିତ ଦୃଷ୍ଟିରେ ଏସବୁ ଦେଖୁଛି । ବାହାର କବାଟ ପାଖରେ କଲିଂବେଲ୍‌ର ସୁଇଚ୍‌ଟା ତଥାପି ଦେଖାଯାଉନାହିଁ । ସେମାନେ କେହି ଫାଟକ ଖୋଲା ହେବାର ଶବ୍ଦ ଶୁଣିବାର ସମ୍ଭାବନା ନାହିଁ ।

ଘର ଭିତରେ ଟି.ଭି.ରେ ପପ୍ ମ୍ୟୁଜିକ୍ । ଏ ବୟସରେ ଏମିତି ହୋ'ହଲ୍ଲା, ନାଚ ଗୀତ ପସନ୍ଦ କରିବା ଭଳି ଲୋକ ଏମାନେ ନୁହଁନ୍ତି । ତେବେ କ'ଣ ଅନୁରାଧା, ଅଭୟ ଏଠି ରହୁ ନାହାଁନ୍ତି ? ସେଦିନ ଲେଡ଼ିଜ୍ କ୍ଲବ୍ ମିଟିଂରେ କେହି କେହି ଜଣେ ଦୁଇଜଣ ଏମିତି କିଛି କଥାବାର୍ତ୍ତା କରୁଥିବାର କାନରେ ପଡ଼ିଥିଲା । ଏଇ ପାଖାପାଖିରେ ରହୁଥିବା ସ୍ୱାତୀ ସାହୁ ଯାହା କହିଲା, ସୁରଞ୍ଜିତା ବିଶ୍ୱାସ କରିପାରିଲା ନାହିଁ । ତେବେ ସ୍ୱାତୀର ସ୍ୱଭାବ ଚିରକାଳ ଏମିତି । କାହାଣୀ ଗଢ଼ି ଅନ୍ୟନାମରେ କହିବାରେ ତା'ର ଆନନ୍ଦ । ଏଭଳି ଲୋକମାନଙ୍କ ସହ କଥା କହିବାପାଇଁ ଭୟ ଲାଗେ । ନିଜ ସମ୍ମାନ ଲୁଟିଯିବା ପରି ମନେହୁଏ ।

ଏଇ କାରଣରୁ ସ୍ୱାତୀର କଥାରେ ବିଶେଷ ଗୁରୁତ୍ୱ ନ ଦେଇ ଅନ୍ୟ ଆଲୋଚନା ଆରମ୍ଭ କରିଥିଲା ସୁରଞ୍ଜିତା । ରାତିରେ ଅନିମେଷ ସବୁକଥା ହସରେ ଉଡ଼େଇ ଦେଲେ । ବିଶ୍ୱାସ ଅବିଶ୍ୱାସର କଥା ନୁହେଁ, ସୁରଞ୍ଜିତା ଥରେ ଯାଇ

Digitized by srujanika@gmail.com

ସେମାନଙ୍କୁ ଦେଖି ଆସିବା ବିଷୟ କହିଲା । ଅନିମେଷ, ସୁରଜିତା ଦୀର୍ଘ ଚାରି ପାଞ୍ଚ ମାସ ନିଜ ପିଲାମାନଙ୍କ ପାଖକୁ ଚାଲିଯାଇଥିଲେ । ସେଠାରୁ ଫେରି ବିଭିନ୍ନ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଅଭୟ, ଅନୁରାଧାଙ୍କ ସହ ସମ୍ପର୍କ ରଖିପାରି ନାହାଁନ୍ତି । ଏ ମଧ୍ୟରେ ସାତ, ଆଠ ମାସ ବିତି ଯାଇଛି । ଅନିମେଷ କହିଲେ, ''କ'ଣ କରାଯିବ ? ଅଧିକାଂଶ ଦିନ ତା'ର ଫୋନ୍ ଖରାପ । ଅପଦାର୍ଥ ! ଫୋନ୍ ବିଲ୍ ଦେବାକୁ ପଇସା ନଥିବ । ଗାଡ଼ିରେ ପେଟ୍ରୋଲ ପାଇଁ ଟଙ୍କା ନାହିଁ । ସବୁବେଳେ ଦେଖିବ, ଘର ଭିତରେ ବସି ରହି ପଢୁଛି, ନଚେତ୍ ସ୍ତ୍ରୀ ସହ ମୁହଁ ଯୋଡ଼ି ଗପୁଛି ।''

ସୁରଜିତା ହସିଲା ଅନିମେଷର ମନ୍ତବ୍ୟ ମନେ ପକାଇ । ଶେଷରେ ସେମାନେ ସ୍ଥିର କଲେ ସେଇ ନିର୍ଦ୍ଦିଷ୍ଟ ଦିନରେ ହଠାତ୍ ପହଞ୍ଚି ସେମାନଙ୍କୁ ଚମକାଇ ଦେବେ । ଅନୁରାଧା, ଅଭୟଙ୍କର ବିବାହବାର୍ଷିକୀ । କେତେଥର ତ ଏମିତି ହେଇଛି । ବନ୍ଧୁତାର ଅଧିକାରରେ ଚୁକ୍ତିଟିଏ ବି ହୋଇଯାଇଛି । ଯିଏ ଯେଉଁଠି ଥାଆନ୍ତୁ ଆସିବାକୁ ହେବ ନିଶ୍ଚୟ । ଏବେ ନିଜ ନିଜ ବ୍ୟସ୍ତତାର ସଫେଇ ଦେବେ ଉଭୟ ପକ୍ଷ ।

ବିବାହ ପରେ ପରେ ଦୂରରାଜ୍ୟର ପକ୍ଷୀ ଦୁଇଟି ଭଳି ଉଡ଼ିଆସିଥିଲେ ସେମାନେ ଏ ସହରକୁ । ପଦସ୍ଥ ସରକାରୀ ଚାକିରି, କ୍ୱାଟର୍ସ ମିଳିନାହିଁ । ସେମାନେ ଘରଭଡ଼ା ନେଇ ରହନ୍ତି ଅନିମେଷ, ସୁରଜିତାଙ୍କ ଘର ପାଖରେ । ବନ୍ଧୁତା ଗଢ଼ି ଉଠେ ସେଇଦିନରୁ ।

ଚାକିରିରୁ ଅବସର ନେବାପରେ ଏ ଘର ଖଣ୍ଡିକ ତିଆରି କରନ୍ତି ଅଭୟ ବର୍ମା ।

''କ'ଣ ହେଲା ? ଠିଆ ହୋଇ ରହିଛ ଯେ ?'' ଗାଡ଼ି ପାର୍କକରି ଆସିଲେ ଅନିମେଷ ।

ସୁରଜିତା କିଛି କହିବାକୁ ଯାଉଥିଲା, ଉପର ଘରର ଝରକା ସେପାଖରେ କେହିଜଣେ ସେମାନଙ୍କୁ ଚାହିଁ ରହିଥିବା ଭଳି ମନେହେଲା ତା'ର ।

''ଏପାଖ ପାହାଚରେ ଉପରକୁ ଆସ ।'' ପରିଚିତ ଅଥଚ ଅସ୍ପଷ୍ଟ ସ୍ୱର । କିଏ ଯେପରି ଓଜନିଆ ପଥର ଲଦି ହୋଇ କଥା କହୁଛି ।

ସୁରଜିତା ନିଜ ଅଜାଣତରେ ଆତଙ୍କିତ ହେଉଥିଲା । ସେ ଓ ଅନିମେଷ ନିରବରେ ପାହାଚରେ ଉଠିବାରେ ଲାଗିଲେ । ଧୂଳିଧୂସରିତ ଅଧା ଭଂଗା ପାହାଚ,

Digitized by srujanika@gmail.com

କିଛି ପ୍ରାୟ ଦେଖାଯାଉ ନ ଥିଲା, ତଥାପି ପୋଛି ହୋଇ ଆସୁଥିବା ଦିନର ଆଲୁଅ ଉପର କାଛର କାଚ ଭେଦି ପଶି ଆସିଛି। ତାକୁ ଅନୁସରଣ କରି ଅତି ସାବଧାନରେ ପାହାଚରେ ଉଠୁଛନ୍ତି ସୁରଜିତା, ଅନିମେଷ।

ସତେଜ ଗୋଲାପ କେତୋଟି ଯତ୍ନରେ ଧରିଛି ସୁରଜିତା। ଏମିତି ସତେଜ ଫୁଲ ଭଳି ସେମାନଙ୍କ ଜୀବନ। ଚିର ସୁଖୀ ଅଭୟ, ଅନୁରାଧା। ଶାନ୍ତ, ସୁନ୍ଦର ବୁଦ୍ଧିମାନ ପୁଅ, ଆକାଶ। ସେଇ ତ ଗୋଟିଏ ମାତ୍ର ପିଲା।

ବିଦେଶୀ ଫାର୍ମର ଚାକିରି। ମୋଟା ଅଙ୍କର ଦରମା। ଦିଲ୍ଲୀ, ବାଙ୍ଗାଲୋର୍‌ରେ ମଡ଼ର୍ଣ୍ଣ ଫ୍ଲାଟ୍ ଦୁଇଟି କିଣିଛି। ଭବିଷ୍ୟତ ପାଇଁ ଅଛି ବେଶ୍ କିଛି ବ୍ୟାଙ୍କ୍ ବାଲାନ୍ସ୍ ତା'ର।

ବୋହୂଟି ତ ସାକ୍ଷାତ ଲକ୍ଷ୍ମୀ। ଆଉ ନାତି? ତା' କଥା କହିବାରେ ଅଭୟ, ଅନୁରାଧା ପ୍ରଗଳ୍ଭ ହୋଇ ଉଠନ୍ତି।

ଅଥଚ ପୁଅ ପାଖକୁ ଯାଇ ବୁଲି ଆସିବାକୁ ସାହସ କରି ପାରନ୍ତି ନାହିଁ।

''ଘର ବାହାରକୁ ପାଦ ବଢ଼େଇଲେ ଟଙ୍କା ଖର୍ଚ୍ଚର ସୀମା ରହେ ନାହିଁ। କୋଉଠୁ ଆସିବ? ସବୁ ସଂଚୟ ପୁଅ ପାଠ ପଢ଼ାରେ, ଘର ତିଆରିରେ ଶେଷ ହେଲା।''

''ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କଲେ, ଯାହା କୁହ, ଦୁଶ୍ଚିନ୍ତା ବଢ଼ିବ। ବରଂ ଏମିତି ଭଲ।''

ସ୍ୱାମୀ, ସ୍ତ୍ରୀଙ୍କର ଏ ବିଚାର ଅନିମେଷ, ସୁରଜିତାଙ୍କର ମନ ଛୁଏଁ।

ଅଳ୍ପ ଅର୍ଥରେ ଜୀବନକୁ କିପରି ସୁଶୃଙ୍ଖଳିତ କରାଯାଇପାରେ ତା'ର ଜ୍ୱଳନ୍ତ ଉଦାହରଣ ଅଭୟ, ଅନୁରାଧା।

ଗତଥର ଯେବେ ଦେଖା ହୋଇଥିଲା, ଅଭୟ କିଛି ଖୁସୀ ଖବର ଦେବାଭଳି କଥାଟା କହିଥିଲା।

''ଘରଟା ବିକି ଦବୁ! ଏ ସହରରେ ଏତେ ସୁନ୍ଦର ଘରଟା!!'' ଅନିମେଷ ବିରକ୍ତ ହେଲେ।

''ଖାଲି ଖାଇ ପିଇ ଚଳିଗଲେ ହେବ? ବୁଢ଼ାକାଳ ଆସୁଛି। ରୋଗ ବଇରାଗ ହେଲେ? ଏଠି ରହି କ'ଣ କରିବୁ?'' ନିଜ ଚିନ୍ତା, ବିଚାରର ଆଭାସ ଶୁଣେଇଥିଲା ଅଭୟ ବର୍ମା।

Digitized by srujanika@gmail.com

ବମ୍ବେ ପାଖାପାଖିରେ ଅଭୟ, ଅନୁରାଧାଙ୍କର ପୈତୃକସ୍ଥାନ। ସେଇଠି ରହନ୍ତି ନିଜର ଲୋକମାନେ। ଉଭୟଙ୍କର ଭାଇ, ଭଉଣୀ ଗୋଟିଏ ବଡ଼ ବିଲ୍ଡିଂରେ ନିଜ ନିଜ ପାଇଁ ଫ୍ଲାଟ୍ କିଣି ରହିବାକୁ ସ୍ଥିର କରିଛନ୍ତି। ପରସ୍ପରର ପାଖରେ ରହି ସୁଖ ଦୁଃଖରେ ଭାଗୀଦାର ହୋଇ ହାତ ବଢ଼େଇବାର ସୁଯୋଗ ମିଳିବ। ନିଜପିଲାମାନଙ୍କୁ ହଇରାଣ ନ କରିବା ସଭିଙ୍କର ଇଚ୍ଛା। ନିହାତି ଆବଶ୍ୟକ ନହେଲେ ବାପା, ମା'ଙ୍କୁ ନେଇ ଘାଣ୍ଟି ହେବେ କାହିଁକି ?

"ତୁମେ କ'ଣ ଶୁଣିଚ ମୁଁ ଜାଣିନି। ଏଇ ଆକାଶ, ଯାହାକୁ ଗେହ୍ଲାରେ ଗେହ୍ଲାରେ ମଣିଷ କରିଛନ୍ତି, ସେ ପରା ବାପା, ମାଆଙ୍କୁ ଘରୁ ତଡ଼ି ଦଉଚି।"

ଅନ୍ୟର ସୁଖ ସହିପାରୁ ନ ଥିବା ସ୍ୱାତୀ ସାହୁଙ୍କର କଥା କେତେ ପଦରେ ସେଦିନ ବିଷଣ୍ଣ ହେଲା ସୁରଛିତା। ଯାହା ପାଟିକୁ ଆସୁଚି କହିଦେଇଯାଉଛନ୍ତି !

କିଏ ? ଅନ୍ଧାରରେ ଉପର ପାହାଚରେ ଅଭୟ ! ହସ ହସ ମୁହଁରେ ସେମାନଙ୍କୁ ପାଛୋଟି ନେବାକୁ ଠିଆ ହେଇଛନ୍ତି କି ?

ଅଧା ଖୋଲା କବାଟ ଖୋଲି ଯାଉଛି। ଅଭୟ କାହିଁ ? ନା- କେହି ନାହାଁନ୍ତି !

"ଏଠି କାହିଁକି ଠିଆ ହେଲ ? ଉପରକୁ ଚାଲ।" ଅନିମେଷ ଧୀରେ କହିଲେ।

ସାମନା କବାଟ ପାଖରେ କଙ୍କାଳସାର ନାରୀମୂର୍ତ୍ତିଟିଏ।

"ଅଭୟ ନାହାଁନ୍ତି। ଆଉ କ'ଣ ଦେଖିବାକୁ ଆସିଲ ?" ମାତ୍ର ଏତିକି କହି ଖୁବ୍ ଜୋର୍‌ରେ କାନ୍ଦି ଉଠିଲା ଅନୁରାଧା।

ପଛକୁ ହାତ ନେଇ ଲୁଚେଇ ଧରିଥିବା ଗୋଲାପ କେତୋଟି ସୁରଛିତାର ଅଜାଣତରେ ହାତରୁ ଖସିଯାଇ ଅବହେଳିତ ଭାବରେ ପାହାଚରେ ପଡ଼ିରହିଲା।

ସେଇ ଧୂଳି ଧୂସରିତ ଚଟାଣରେ କାନ୍ଦି କାନ୍ଦି ଗଡୁଥିଲା ଅନୁରାଧା। ଅନ୍ତରର ସଂଚିତ କୋହ ଧୋଇ ହେଇଗଲା ଅଶ୍ରୁର ଝରଣାରେ।

ଅନୁରାଧାକୁ ତଳୁ ଉଠେଇ ପାଖ କୋଠରୀର ଖଟରେ ବସାଇଲେ ଅନିମେଷ, ସୁରଛିତା।

"କୁଆଡ଼େ ଥିଲ ଏତେଦିନ ? କେତେ ବିକଳରେ ଖୋଜିଛି ତୁମମାନଙ୍କୁ ! ଆଉ ଦଣ୍ଡେ ବଂଚିବାକୁ ଇଚ୍ଛା ନାହିଁ। ମୁଁ କ'ଣ କରିବି କୁହତ ?"

Digitized by srujanika@gmail.com

ଅନୁରାଧାର ଏଭଳି କଥା ପାଇଁ କାହାର କିଛି ଉତ୍ତର ଦେବାର ନ ଥିଲା। ଅନୁରାଧା, ଅନିମେଷ, ସୁରଜିତା। କେହି କାହାକୁ ନଚାହିଁ ନିରବରେ ବସି ରହିଲେ ବେଶ୍ କିଛି ସମୟ।

ବର୍ଷା ବିନ୍ଦୁ ଭଳି ଆଖିରୁ ଝରି ପଡୁଥିବା ଟୋପା ଟୋପା ଲୁହକୁ ଲୁଗାକାନିରେ ବାରମ୍ବାର ପୋଛି ନେଇ ନିଜକୁ ପ୍ରକୃତିସ୍ଥ କରୁଥିଲା ଅନୁରାଧା।

ଅଭୟ ଏମିତି ଦିନେ ଆକସ୍ମିକ ଭାବରେ ଚାଲିଯିବ! ତା'ର ବିବାହ ବାର୍ଷିକୀ ଦିନଟି ଏକାଠି ପାଳନ କରିବାର ଇଚ୍ଛା ନେଇ ଆସି ଏ ଦୁଃସଂବାଦର ସମ୍ମୁଖୀନ ହେବେ ସେମାନେ! ତା' କିଏ ଜାଣିଥିଲା?

ଉଭୟ ଅନିମେଷ, ସୁରଜିତା ପରସ୍ପରକୁ ଥରେ ଥରେ ନିରବରେ ଚାହିଁନେଇ ନିଜ ଦୀର୍ଘଶ୍ୱାସର ସ୍ୱରରେ ବ୍ୟଥିତ ହୋଇ ଉଠୁଥିଲେ।

କିଛି କଥା କହିବା ପାଇଁ ନିଜକୁ ପ୍ରସ୍ତୁତ କରି ଅନୁରାଧା ଆରମ୍ଭକଲା, "ମୋ ପୁଅ ଖବର ଶୁଣିଛ?"

"କ'ଣ ହେଲା?" ଆଶ୍ଚର୍ଯ୍ୟରେ ପଚାରିଲା ସୁରଜିତା।

"କିଛି ନାହିଁ, ଭଲ ଅଛି। ତା' ସ୍ତ୍ରୀ ପିଲା ନେଇ ଖୁସିରେ ଅଛି।" ଏତେ ଦୁଃଖରେ ହସିଲା ଅନୁରାଧା।

: ଅଭୟ ଯେବେ ତାକୁ ଏଘର ବିକ୍ରି କରିବା କଥା କହୁଥିଲେ, ସେ ଟିକିଏ ନିରବ ରହି ପଚାରିଲା, 'ମା' ପାଖରେ ଟଙ୍କା ଅଛି କି ନାହିଁ ପଚାରୁନ? ସେ ତ କିଛି ଟଙ୍କା ସଂଚି ରଖିଥିବ, ଅଯଥାରେ ଘର ବିକ୍ରୀ କଥା ଭାବୁଚ କାହିଁକି?'

ଅଭୟ ହସି ହସି କହିଲେ, 'ମା'କୁ ମୁଁ ଟଙ୍କା ଦେଲେ ସେ ଖର୍ଚ୍ଚ କରେ। ତା' ପାଖରେ ପଇସାଟିଏ ନାହିଁରେ।'

'ଠିକ୍ ଯଦି ଭାବୁଚ, ଭଲ ଟଙ୍କା ପାଇଲେ ଦେଇଦିଅ। ମୋର କିଛି କହିବାର ନାହିଁ।' ଆକାଶ ଆଦୌ ବିଚଳିତ ନହୋଇ ଉତ୍ତରଦେଲା, ଆମେ ଭାବିଲୁ ସତ କଥା। ପୁଅ ବୁଝିବା ପିଲା। ସେ ବଡ଼ ଘର ଦୁଇଟା କିଣିସାରିଛି। ଏମିତିରେ ପୈତୃକ ସ୍ଥାନରେ ତା' ପାଇଁ ଆଉ ଖଣ୍ଡେ ଘର ବି ରହିବ। ଆମର ତ ଆଉ କିଛି ଦିନ ଜୀବନ ଅଛି। ଚଳିବୁ କେମିତି?

ଭଲ ଦାମ୍‌ରେ ସ୍ଥିର ହେଲା। ଘର ନେବା ଲୋକ ଲକ୍ଷେ ଟଙ୍କା ଆଡ୍‌ଭାନ୍ସ

Digitized by srujanika@gmail.com

ଦେଇଗଲେ ।

ଖବର ନଦେଇ ଆକାଶ ଦିନେ ପହଞ୍ଚିଲା । କହିଲା, 'ଘରଟା ମୋତେ ବିକି ଦିଅ ।' ଆମେ ପରସ୍ପରକୁ ଚାହିଁଲୁ । ପୁଅର ତ ସବୁ । ତାକୁ ବିକିବୁ କ'ଣ ?

ସେ ଯଦି ଚାହୁଁଚି ଘର ବିକ୍ରୀ ବନ୍ଦ ରହୁ ।

ଆକାଶ ମୋତେ ପଚିଶ ହଜାର ଟଙ୍କା ଦେଇ କହିଲା, 'ଚାଲ, ଟଙ୍କାଟା ବ୍ୟାଙ୍କ୍‌ରେ ରଖି ଆସିବା । ପରେ ମୁଁ ସବୁ ଟଙ୍କା ଦେଇଦେବି ।'

ଆମେ ଦୁହେଁ ଖୁବ୍ ଖୁସୀ ଥିଲୁ । ପୁଅ ଯଦି ଘରଟା ରଖୁଛି ତ ଭଲ । ତା' ହାତରୁ ଟଙ୍କା କେତେଟା ନବାକୁ ତ ହବ । ଉପାୟ ବା କ'ଣ ଅଛି ?

ପୁଅ ବୋହୂ ଆସନ୍ତି । ବୁଲାବୁଲି କରି ଯାଆନ୍ତି । ଆଉ ଟଙ୍କା ଦେବା, ଗାଁରେ ଅନ୍ୟ ଘର କିଣିବା ବିଷୟ କିଛି ପଚାରେ ନାହିଁ ଆକାଶ । ବରଂ ଟଙ୍କା ଦରକାର ଅଛି କହି ସେ ଦେଇଥିବା ପଚିଶ ହଜାର ଟଙ୍କା ଦୁଇ ତିନି ଥରରେ ନେଇଥିଲା ମୋଠୁଁ ।

ପୁଅକୁ କିଛି କହିପାରୁ ନ ଥିଲୁ । ଯିବାବେଳେ ଘୋଷଣା କରିବା ଭଳି ସେ କହିଗଲା, 'ମୁଁ ଚାକିରି ଛାଡ଼ି ଦେଇଛି । ଏ ନୂଆ ଫାର୍ମର ଟର୍ମ, କଣ୍ଡିସନ୍ ଠିକ୍ ଲାଗିଲା ନାହିଁ । ବରଂ ଏଠି ପ୍ରାଇଭେଟ୍ କନ୍‌ସଲ୍‌ଟାନ୍ସି ଭଲ ଚାଲିବ । ଖୁବ୍ ଶୀଘ୍ର ଆମେ ସବୁ ଚାଲି ଆସୁଛୁ ।'

ଅଭୟ, ମୁଁ ଖୁସୀ ହେଲୁ । ପୁଅ, ବୋହୂ, ନାତି ପାଖରେ ରହିଲେ କିଏ ଆନନ୍ଦିତ ନ ହେବ ?

ଏ ଆକାଶ କ'ଣ ମୋ ପୁଅ ! ଯାହାକୁ ଜନ୍ମ ଦେଇ କୋଳରେ କାଖରେ ମୁଁ ମଣିଷ କରିଥିଲି !

କାହିଁକି କେଜାଣି ଏମିତି ଏକ ଭାବନା ସବୁବେଳେ ମୋତେ ଛୁଇଁ ଦେଇଯାଏ ।

ପ୍ରତି ମୁହୂର୍ତ୍ତରେ ସେ ମୋର ପ୍ରତିଟି କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେଉଥିଲା । ଏମିତି ତ ସେ କେବେ ନଥିଲା !

ଅଭୟ ନାତିକୁ ନେଇ ବ୍ୟସ୍ତ ରହନ୍ତି, ମୁଁ ରୋଷେଇ ଘରେ, ନଚେତ୍ ଅନ୍ୟାନ୍ୟ ଝଂଝାଳରେ ଥାଏ । ତାଙ୍କ ନିରୋଳା ସମୟରେ ପହଞ୍ଚିପାରେ ନାହିଁ ।

ଅଭୟ କହନ୍ତି, 'ବୋହୂ ତ ଅଛି । ତୁମର ଏବେ କ'ଣ ଏତେ କାମ

Digitized by srujanika@gmail.com

ଲାଗିଛି ?’

କାହାକୁ କ’ଣ ବୁଝେଇବି ? ଆକାଶ କହେ, ‘ମା’, ଘରେ କେତେଟା ଜିନିଷ ଥିଲା ବହୁଦିନରୁ। ସେ ସବୁ କୁଆଡ଼େ ଗଲା ? ବିକ୍ରୀ କରିଦେଇ ? ନା କାହାକୁ ଦେଇଦେଇ ?’

କି ଜିନିଷ ? ମୋର ତ କିଛି ମନେପଡୁନାହିଁ ? ସତକଥା, ଆକାଶ କ’ଣ କହୁଛି ? ମୁଁ ବହୁତ ଭାବି ହେଲେ ବି ମନେ ପକାଇ ପାରେ ନାହିଁ।

ବୋହୂ କହେ, ‘ମା’, ଆପଣଙ୍କର ସେଇ ସୁନ୍ଦର ହାରଟା ? ଟିକେ ଦେବେ, ମୁଁ ଆଜି ପାର୍ଟିକୁ ପିନ୍ଧି ଯିବି। ଆପଣଙ୍କ ଗହଣା ବାକ୍ସ ଦେଖାନ୍ତୁ ତ ମୁଁ ଟିକେ ଦେଖେ।’

ମୋ ଗହଣା ବାକ୍ସ କାହିଁ ? ସେସବୁ କିଛି ନାହିଁ ଲୋ ମା’। ଏଇ ଯାହା ମୁଁ ପିନ୍ଧିଛି ଚୁଡ଼ି ଦି’ପଟ, ମଙ୍ଗଳସୂତ୍ର, ହୀରା କାନର, ଦୁଇଟା ମୁଦି।

‘ତୁମେ ଗହଣା କ’ଣ କଲ ? ସବୁ ଖାଲି ବିକ୍ରି ଏ ଘରେ।’ ଆକାଶ ବିରକ୍ତିରେ ପଚାରିଲା ଜେରା କଲାଭଳି।

ମୁଁ ଚୁପ୍ ରହିଗଲି। ମନଖରାପ ହେଲା। ଅଭୟ କିନ୍ତୁ ହସି ହସି କହିଲେ, ‘କ’ଣ ବିକ୍ରି କଲେ ରେ ତୋ ମା’ ? କେତେ ବାହାଘର ତୋ କକା, ପିଉସୀ, ମାମୁ, ମାଉସୀଙ୍କ ପିଲାମାନଙ୍କର ହଉଛି, ତୋ’ ମା’ ତ ସବୁ ସମ୍ଭାଳିଛି। ଏସବୁ ଦେଇ ଆମ ସମ୍ମାନ ରଖୁଛି।’

ଆକାଶ, ବୋହୂ ଯା’ପରେ କିଛି କହି ନ ଥିଲେ। କିନ୍ତୁ କିଛି ଅଶାନ୍ତି ଯେମିତି କୁହୁଳି ଉଠୁଥିଲା। ଅଭୟ ବି ଅସୁସ୍ଥ ରହୁଥିଲେ କେବେ କେବେ। ଆମେ ସ୍ଥିର କଲୁ, ସେ ଲୋକ ଫୋନ୍ କଲାଣି, ଆଡ୍‌ଭାନ୍ସ ଟଙ୍କା ସୁଧ ସହ ତା’କୁ ଶୀଘ୍ର ଫେରେଇ ଦେଲେ ଆମେ ନିଶ୍ଚିନ୍ତ ହେବୁ।

କିନ୍ତୁ ଏକଥା କିମିତି ହେଲା ! ବ୍ୟାଙ୍କ୍‌ରୁ ମୋର ଜାଲ୍ ଦସ୍ତଖତ କରି ଟଙ୍କା କିଏ ଉଠେଇ ନେଲା ? ଏତେଗୁଡ଼ାଏ ଟଙ୍କା ! ଏବେ କ’ଣ କରିବା ?

ଆକାଶ ସବୁ ଶୁଣି ଚିତ୍କାର କରିଉଠିଲା, ‘ମୁଁ ଜାଣେ, ଏମିତି ସବୁ ହବ। ଏବେ ଟଙ୍କା କୋଉଠୁ ଆସିବ, ବାପା ? ମୁଁ କିଛି ଦେଇ ପାରିବି ନାହିଁ। ସେଇ ମା’ ଯାହା ଯେଉଁଠି ରଖିଥିବ ଦଉ।’

‘ମୋ ପାଖରେ ଟଙ୍କା କାହିଁ ? ମୁଁ କ’ଣ ରୋଜଗାର କରୁଚି ?’ ମୁଁ

Digitized by srujanika@gmail.com

ଟିକିଏ ଜୋର୍‌ରେ କହିଲି।

ଅଭୟ ରାଗିଯାଇ କ'ଣ ସବୁ କହିଗଲେ ମତେ। ଆଶ୍ଚର୍ଯ୍ୟରେ ତାଙ୍କୁ ଚାହିଁ ରହିଥିଲି ମୁଁ।

'ଏତେ ଅଶାନ୍ତି ଠିକ୍ ନୁହଁ। ତୁମେ ଉପର ଘରେ ରହିଯାଅ। ସେ ଘର ମୁଁ ସଫା କରେଇ ଦେଇଛି। ବାପାଙ୍କର ତ ଦେହ ଠିକ୍ ରହୁ ନାହିଁ। ସେ ଆମ ପାଖରେ ରହନ୍ତୁ।'

ଆମ ପାଖରେ ! ମୁଁ ଅଭୟଙ୍କୁ ଚାହିଁଲି।

ସେ ଟ୍ରାଙ୍କୁଲାଇଜର୍ ଖାଇଥିବା ଭଳି ମୁଣ୍ଡ ଝୁଙ୍କାଇ ବସି ଥାଆନ୍ତି। ଏସବୁ ବ୍ୟାପାରରେ ପଦଟିଏ କଥା ତାଙ୍କ ପାଟିରୁ ବାହାରିଲା ନାହିଁ।

ଭୁଲ କଲି କି ଠିକ୍ କଲି ମୁଁ ଜାଣି ନାହିଁ। ଉପର ଘରକୁ ଧାଇଁ ଯାଇ ସେଇ ବିଛଣା ନଥିବା ଖଟର କାଠପଟାରେ ଗଡ଼ି ପଡ଼ିଲି। ରାଗ ଅଭିମାନରେ ମୋ ଦେହ ଥରୁଥାଏ। ଏଇ ମୋର ସ୍ୱାମୀ, ପୁଅ ! ଏମାନଙ୍କୁ ନେଇ ସୁଖୀ ହୋଇଥିବାର ଗର୍ବ କରୁଥିଲି ମୁଁ ! ତା'ପରେ ଏମିତି ତାଙ୍କଠୁଁ ଅଲଗା ହୋଇ ଏକା ଏକା ରହିବା ମୋ ଅଭ୍ୟାସରେ ପଡ଼ିଗଲା।

ଭାବିଲି, ଠାକୁର ଭଲ କଲେ। ପୁଅ ଯଦି ଆମ ଦୁହିଁଙ୍କୁ ଅଲଗା କରି ଦେଇଥାଆନ୍ତା ? ସେ ତ ଅସୁସ୍ଥ ରହୁଛନ୍ତି କେବେ କେବେ। ମୁଁ ଏକା କ'ଣ କରିପାରନ୍ତି ? ବରଂ ପୁଅ, ବୋହୂ, ନାତିଙ୍କ ପାଖରେ ସେ ସୁଖରେ ଥାଆନ୍ତୁ। ସେଇମାନଙ୍କ ସେବା ତ ଏବେ ଦରକାର ଅଭୟଙ୍କ ପାଇଁ। କ୍ଷଣକୋପୀ ପୁଅ ମୋର। ରାଗ, ରୁଷାରେ କ'ଣ ଟିକେ କହିଦେଇଛି। କେବେ ଆସି କ୍ଷମା ମାଗି କହିବ, 'ମା' ତୁମେ ଏଠି ଏକା ରହିବା ଠିକ୍ ନୁହେଁ। ଆସ ତ। ଭଲ ଲାଗୁନାହିଁ ଆମକୁ।'

ନା- ତା' କେବେ ବି ହେଲାନାହିଁ। ସେଦିନ ପୁଅ, ବୋହୂ, ନାତି ଘରେ ନଥିଲେ। ମୁଁ ବଗିଚାରେ ଘେରାଏ ବୁଲିବା ଇଚ୍ଛାରେ ତଳକୁ ଆସିଥିଲି।

ତାଲା ପଡ଼ିଥିବା ଗ୍ରୀଲ୍ ଗେଟ୍ ସେପାଖରେ ଠିଆହୋଇ ଅଭୟ ମୋତେ ଡାକିଲେ। କହିଲେ, ''ଅନୁ, ତୁମଠୁଁ ଅଲଗା ରହି ମୋତେ କ'ଣ ଭଲ ଲାଗୁଛି ଭାବୁଛ ? ପ୍ରତି ମୁହୂର୍ତ୍ତରେ ତୁମକୁ ଥରେ ଦେଖିବାକୁ ଚାହୁଁଛି ?''

ତାଙ୍କ ଉପରେ ରାଗି ପାରିଲିନି। ଥରେ ତାଙ୍କୁ ନିରବରେ ଚାହିଁ ଦେଇ

Digitized by srujanika@gmail.com

ଆଖିରେ ଲୁହ ଲୁଚେଇ ଉପରକୁ ଚାଲିଆସିଲି।

ଅନ୍ୟଦିନେ ସେଇ ଏକାକଥା। ଆମେ ଦୁହେଁ ପରସ୍ପରକୁ ଭେଟିବାକୁ, ଥରେ ଦେଖିବାକୁ ଅସ୍ଥିର ହେଇ ପଡୁଥିଲୁ। ଦେଖାହେବା ମାତ୍ରକେ ସେ କହନ୍ତି, 'ଡେରି କଲ, କେତେବେଳଠୁଁ ମୁଁ ଅପେକ୍ଷା କରିଛି ତୁମକୁ। ଆହା, ମୁଁ ଭୁଲିଗଲି କାଲି କହିବାକୁ। ଆଜି ସେମାନେ ବେଶ୍ ଡେରିରେ ଫେରିବେ କ୍ଲବ୍‌ରୁ।'

'ମନ ଖରାପ କରନା। ଆମ ପିଲାଙ୍କର ଅମଙ୍ଗଳ ହେବ। ମୁହଁ କାହିଁକି ଶୁଖେଇଚ? ମୁଁ ପରା ତୁମ ପାଖରେ ଅଛି।'

'ଶୁଣ, କାଲି ଟିକେ ପ୍ରେସ୍ ହେଇ ଆସିବ। ସେଇ ଶାଢ଼ିଟା, ମନେପଡୁଚି? ସେଦିନ ପିନ୍ଧି ବଗିଚାରେ ବୁଲୁଥିଲ, ହାତୀ, ପଦ୍ମର ଧାଡ଼ି, ଗଛ, ପତ୍ର ସଙ୍ଗେ ମିଶିଯିବା ଭଳି ଗ୍ରୀନ୍। କାଲି ପିନ୍ଧି ଆସିବ ତ। ଖୁବ୍ ସୁନ୍ଦର ମାନେ ତୁମକୁ।'

ମୁଁ ତାଙ୍କ ନିଷ୍ପ୍ରଭ ଆଖି ଦୁଇଟିରେ ସେଇ ମୁହୂର୍ତ୍ତର ଉଜ୍ଜ୍ୱଳତା ମାପିବାକୁ ଚେଷ୍ଟା କରୁଥିଲି। ଅନ୍ୟଦିନ ହୋଇଥିଲେ ପଚାରିଥାଆନ୍ତି, ଲାଜ ମାଡୁନି। ଏ ବୟସରେ କ'ଣ ଏମିତି ହଉଚ କିଓ? ନା- ଜିତା, ତୃଷାର୍ତ୍ତ ଚାତକ ଭଳି ତାଙ୍କର ପ୍ରତିଟି ସ୍ନେହପୂର୍ଣ୍ଣ ଆଳାପ ମୁଁ ଧରିରଖୁଥିଲି ମୋର ଏକାକୀ ବିତୁଥିବା ସମୟ ପାଇଁ।

ପରସ୍ପର ପାଇଁ ପ୍ରତୀକ୍ଷାରେ ଯେମିତି ଦିନ ବିତୁଥିଲା। ସେ କ'ଣ ଏମିତି ହେଉଥିଲେ? ମୁଁ ବି ତ ଦଶଥର ବାହାରକୁ ଚାହିଁଦେଇ ଆସୁଥିଲି, ସଂଧ୍ୟା ହେବାକୁ ଅପେକ୍ଷା କରି।

କଥାବାର୍ତ୍ତା କରୁଥିଲୁ। ଦିନେ ସେ କହିଲେ, ଟିକେ କ୍ଷୀରି ତିଆରି କରିବ? ଅନେକ ଦିନ ହେଲା ତୁମ ହାତ ରନ୍ଧା ଖାଇ ନାହିଁ।

ମୁଁ ଦୌଡ଼ିଯାଇ ମୋପାଇଁ ଯାହା କ୍ଷୀର ରଖିଥିଲି ଶୀଘ୍ର ଶୀଘ୍ର ସେଥିରେ ସୁଜି କ୍ଷୀରି ଟିକେ ପ୍ରସ୍ତୁତ କରି ନେଇ ଆସିଲି। ଥଣ୍ଡା କରିବାକୁ ବେଳ ପାଇଲିନି। ଖୋଜି ଖୋଜି ଗୋଟିଏ ସରୁ କାଚଗ୍ଲାସ୍‌ରେ ଗରମ କ୍ଷୀରି ନେଇ ଲୁହା ଗ୍ରିଲ୍ ଗେଟ୍‌ରେ ହାତ ଗଳାଇ ଫୁଙ୍କି ଫୁଙ୍କି ତାଙ୍କୁ ପିଆଇବାରେ ଲାଗିଲି। ଲୁଗାକାନିରେ ତାଙ୍କ ମୁହଁ ପୋଛି ଦେଲି।

ସେ ତୃପ୍ତିରେ ମୋତେ ଚାହିଁ ହସିଲେ।

ପଛ କଥା ସବୁ ଭୁଲିଗଲି। ମୋତେ ସଂସାରଯାକର ସୁଖ ପାଇବା ଭଳି

Digitized by srujanika@gmail.com

ଲାଗିଲା।

ସେ କହିଲେ, 'ମୋତେ କ୍ଷମା କରିଦିଅ, ଅନୁ। ସୁନାଟା ପରା, ସବୁ ଖରାପ କଥା ଭୁଲି ଯାଅ। ଆମ ପୁଅ ଆକାଶ। ତା' ପାଇଁ ମନରେ କିଛି ରଖନା। ତାକୁ ତୁମେ ଆଶୀର୍ବାଦ କର, ସେ ସୁଖରେ ଥାଉ, ସେ ସୁଖରେ ଥାଉ।'

ଅଭୟ ଥରି ଥରି ଭିତରକୁ ଚାଲିଗଲେ, ସମ୍ଭବତଃ ତାଙ୍କ ଦେହ ଭଲ ଲାଗୁ ନ ଥିଲା।

ମୁଁ ଦୀର୍ଘଶ୍ୱାସ ନେଇ ଫେରି ଆସିଲି। ସେଇ ଶେଷ ଦେଖା।

ସକାଳେ ଆକାଶ ଆସି ମୋତେ ଡାକିଲା, ''ତଳକୁ ଆସ। ବାପାଙ୍କର ଦେହ ଭଲ ନାହିଁ।''

ମୁଁ ବିଛଣାରୁ ଉଠି ଧାଇଁ ଗଲି। ସେ ଶାନ୍ତିରେ ଶୋଇ ରହିଥିଲେ। ଶୁଣିଲି, ସେ ରାତି ଖାଇବା ଖାଇ ପିଲାମାନଙ୍କ ସହ ଖୁସିଗପ କରି ବିଛଣାକୁ ଗଲେ। ସକାଳ ଆଠଟାରେ ଚା' ନେଇ ଆସି ଆକାଶ ତାଙ୍କୁ ଉଠେଇଲା। ଅଥଚ ନିଦ ଭାଙ୍ଗିଲାନାହିଁ।

ଡାକ୍ତର ନିରବରେ ଫେରି ଯାଉଥିଲେ। ମୁଁ ଅଭୟଙ୍କର ପାଦ ଛୁଇଁଲି। ଆଖି ବୁଜି ଠାକୁରଙ୍କୁ ଟିକେ ପ୍ରାର୍ଥନା କଲି। ଉପର ଘରକୁ ମିଆଦ ଶେଷ ନ ହୋଇଥିବା କଇଦୀଟି ଭଳି ଫେରି ଆସିଲି।

''କହ ଜିତା, ଯାହା କେବେ କୋଉଠି କାହା ଜୀବନରେ ଘଟି ନାହିଁ, ତା' ମୋର କାହିଁକି ହେଲା? ମୁଁ କି ପାପ କରିଥିଲି?''

ଜୀବନକୁ ତଥାପି ନଚିହ୍ନିବାର ବିସ୍ମୟ ନେଇ ସୁରଜିତା ଅନିର୍ଦ୍ଦିଷ୍ଟ ଦୃଷ୍ଟିରେ ଚାହିଁ ରହିଥିଲା।

□□

Digitized by srujanika@gmail.com

# ଦେବଭୂମି

ସକାଳର ପ୍ରଥମ ଚା'କପ୍‌ଟା ହାତରେ ନେଇ ବଗିଚାକୁ ବାହାରିଆସିଲା ଦେବୀଦତ୍ତ। ସତେଜ ଫୁଲଭର୍ତ୍ତି ବଗିଚା। ଛୋଟ ସୁନ୍ଦର ଘରଟି ଗଛ ପତ୍ର ମଧ୍ୟରେ ଋଷିଆଶ୍ରମର ଭ୍ରମ ସୃଷ୍ଟି କରୁଛି। ଗହଳ ପତ୍ରମାନଙ୍କରେ କିଏ ଯେପରି ସବୁଜରଂଗ ବୋଳି ଦେଇଛି! ମାଟିରୁ ଆକାଶ ଛୁଇଁବା ଭଳି ଛାତ ପର୍ଯ୍ୟନ୍ତ ମାଡ଼ିଛି ଯୂଇଲତା। ସେଇଠି ଉପରତଳ ହୋଇ ମୁହଁକୁ ଚାହିଁ ବସିରହିଛନ୍ତି ଦୁଇଟି ବୁଲ୍‌ବୁଲ୍। ସଂଗୀତରେ କଥାବାର୍ତ୍ତା ଚାଲିଛି। ପକ୍ଷୀ ଦୁଇଟି ଆସିଛନ୍ତି ଆଜିର ବାର୍ତ୍ତାବହ ହୋଇ।

ଦୀର୍ଘଦିନର ଅପେକ୍ଷା ଶେଷ ହେଲା। ସୁନ୍ଦର ସକାଳ ଆସିଛି। ଦେବୀଦତ୍ତର ଏବେ ଅନେକ ଦାୟିତ୍ୱ। ଚାଳିଶ, ଏକଚାଳିଶ ବର୍ଷ ବୟସରେ ଏସବୁ ଗୁରୁତ୍ୱପୂର୍ଣ୍ଣ କାମର ଭାର ନିଜ କାନ୍ଧକୁ ଉଠେଇନେଇଛି ସେ। କେହି କେହି କହନ୍ତି, ''ଏ ତୁମର ଦୁଃସାହସ। ଦେଖ କ'ଣ କରିପାରୁଛ।''

ଅନ୍ୟମାନେ ସାଧାରଣ ଭାବରେ କଥାବାର୍ତ୍ତା କରୁଥିବାର କାନରେ ପଡ଼େ, ''ଆଦର୍ଶବାଦର କଥା କହି ନୂଆ ନୂଆ କିଛି ଆରମ୍ଭ କରି ଦେଖାଇଦିଅନ୍ତି କେତେକ ଲୋକ, ପରେ ସେ କଥାର ମୂଲ୍ୟ ରହେ ନାହିଁ। ସବୁ ନଷ୍ଟ ହୋଇଯାଏ। ସେ ଉଦ୍ଦୀପନା କ୍ଷଣସ୍ଥାୟୀ।''

''ସଦ୍‌ଇଚ୍ଛା, ମହତ୍ ଉଦ୍ଦେଶ୍ୟ ନେଇ ନିଷ୍ଠାପର କର୍ମ କରିବାକୁ ଆଗେଇ ଆସିଲେ ନିଜେ ମହାନକର୍ତ୍ତା ତୁମର ସହାୟତା କରିବେ।''

ଏଇ ସ୍ୱର, ଏଭଳି ଅନେକ କଥା ପାଞ୍ଚବର୍ଷ ହେବ ପ୍ରତିଧ୍ୱନିତ ହେଉଛି।

Digitized by srujanika@gmail.com

ଦେବୀଦତ୍ତ ଶୁଣି ପାରୁଛି, ଶିହରିତ ହେଉଛି। ମଣିଷ ଚାଲିଯାଏ, ଦେହ ମାଟିରେ ମିଶି ମୁଠାଏ ପାଉଁଶ ହୁଏ। ଆତ୍ମା ରହିଯାଏ ପ୍ରିୟଜନଙ୍କ ପାଖେ ପାଖେ।

ଦେବୀଦତ୍ତର ମନେହୁଏ ସେମାନେ କେହି ହଜିଯାଇନାହାଁନ୍ତି। ସେ ଦୁହେଁ ତା'ର ଶକ୍ତି, ତା'ର ମନୋବଳ। ସେହି ଅଦୃଶ୍ୟ ସ୍ୱରୂପ କାୟାର ଛାୟା ଭଳି ଛପି ଯାଇଛନ୍ତି ଏଇଠି କେଉଁଠି।

"ଅଜା, ତୁମେ ବୈଜ୍ଞାନିକ। ସ୍ପେସ୍ ବିଜ୍ଞାନୀ। ଏସବୁ ଆଧ୍ୟାତ୍ମିକବାଦ, ଆମ ସଂସ୍କାର କଥା କ'ଣ କହିଚାଲିଛ? ଏତେ ବିଷୟ ଜାଣିଲ କେମିତି?"

"ପ୍ରତ୍ୟେକ ଭାରତୀୟ ଧର୍ମ, କର୍ମ ତା'ର ସଂସ୍କୃତିକୁ ନେଇ ଗର୍ବକରେ। ଆମ ହିନ୍ଦୁଧର୍ମର ରୀତିନୀତି ବହୁ ପୁରାତନ। ତାହା ଭୁଲିଗଲେ ହେବ? ଆ ମୋ ସାଙ୍ଗରେ। ବହି ସବୁ ରଖିଛି, ତୋତେ ଦେଖେଇବି।"

ସିଦ୍ଧେଶ୍ୱର ନାତି ଦେବୀଦତ୍ତର ହାତ ଧରି ତାଙ୍କ ପଢ଼ାଘରକୁ ନେଇ ଯାଆନ୍ତି। ସେଇଠି ବସି ବହି ଖୋଲାଇ, କିଏ କ'ଣ ପ୍ରସିଦ୍ଧ ଲେଖକ, ତତ୍ତ୍ୱବିଦ୍‌ମାନେ ଲେଖିଯାଇଛନ୍ତି ଦେବୀଦତ୍ତକୁ ପଢ଼ି ଶୁଣାନ୍ତି। ଆଲୋଚନା ଶେଷ ହୁଏ ନାହିଁ, ଦିନ ଯାଇ ରାତି ହୁଏ। ନନ୍ଦିନୀ ଜଳଖିଆ ପ୍ଲେଟ୍, ଚା', କ୍ଷୀର ଗ୍ଲାସ ଧରେଇ ଦେଇ ଠାକୁର ଘରକୁ ଯାଇ ସନ୍ଧ୍ୟା ଦୀପ ଜାଳିଲେଣି। ବଇଠି ଉପରେ ଭାଗବତ ପୋଥି ଖୋଲାହୋଇ ରହିଛି। ସେପାଖ ଥାକଟିରେ ଭଗବତ୍‌ଗୀତା, ବିଷ୍ଣୁପୁରାଣ, ରାମାୟଣ, ମହାଭାରତ, ଅନ୍ୟାନ୍ୟ କେତେକ ଧର୍ମଗ୍ରନ୍ଥ। କେତେବେଳେ ସମୟ ପାଇ ଖୋଲି ବସନ୍ତି ସେ।

ଦେବୀଦତ୍ତ ଆଈଙ୍କୁ ଚାହିଁଛି। ତୋଫାଗୋରା, ଭଲ ଗଢ଼ଣ। ତା'ଙ୍କ ଶାନ୍ତ ସ୍ୱଭାବ ସେ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରେ। କପାଳରେ ସିନ୍ଦୂରଟୋପା, ହାତରେ ପିନ୍ଧିଛନ୍ତି ସୁନାଖଡୁ ସଙ୍ଗେ ମୁଠାଏ ନାଲିକାଚ ଚୁଡ଼ି, ଦେହରେ ନାଲି କୁମ୍ଭଧଡ଼ିର ମଠାଶାଢ଼ି। ଦୀପ ଆଲୁଅ ସିଂହାସନରେ ବସିଥିବା ଠାକୁରଙ୍କୁ ଆଲୋକିତ କରି ତା'ଙ୍କ ମୁହଁର କିଛି ଅଂଶରେ ସ୍ଥିର ହୋଇ ରହିଯାଇଛି। ସେ ଏକାଗ୍ର ଚିତ୍ତରେ ପୋଥି ପଢୁଥାଆନ୍ତି, ଶ୍ଲୋକ ଆବୃତ୍ତି କରନ୍ତି ଆଖିବୁଜି, ଧ୍ୟାନସ୍ଥ ହୋଇ ବସି ରହନ୍ତି କିଛି ସମୟ। ପୂଜାପାଠରେ ମଜ୍ଜିରହି ସମୟ ବିତିଯାଏ। ସେ ସଂସାର ଭୁଲନ୍ତି, ଭୁଲି ଯାଆନ୍ତି ଗେହ୍ଲାରେ ବଢ଼ାଇଥିବା ଏକମାତ୍ର ଝିଅ ସୁବର୍ଣ୍ଣାକୁ।

ଅନେକ ଦିନ ପର୍ଯ୍ୟନ୍ତ ଦେବୀଦତ୍ତ ସ୍କୁଲ୍‌ରେ ପଢୁଥିବାବେଳେ କେବେ କେବେ

Digitized by srujanika@gmail.com

ଅଜା ଘରେ ଅକସ୍ମାତ୍ ପହଞ୍ଚିଯାଏ।

ସିଦ୍ଧେଶ୍ୱର ପ୍ରଥମେ ଭୟ ପାଇଯିବା ଭଳି ମନେ ହୁଅନ୍ତି। ଆସ୍ତେ ପଚାରନ୍ତି, ''ଦେବୀ, ତୋ ମା' ଜାଣିଛି ତୋ ଆସିବା କଥା? ସ୍କୁଲ୍‌ରୁ ପଳାଇ ଆସିନୁ ତ?''

ଅଜା, ଆଈ, ବାପା, ମା'ଙ୍କ ସଂପର୍କର ପ୍ରହେଳିକା ମଧ୍ୟରେ ଶିଶୁ ଦେବୀଦତ୍ତ କମ୍ କଷ୍ଟ ପାଇନାହିଁ।

ସେତେବେଳେ ସେ ଖୁବ୍ ସାନ ହୋଇଥାଏ। ସିଦ୍ଧେଶ୍ୱର ଓ ନନ୍ଦିନୀ ନାତି, ନାତୁଣୀ ଦୁଇଟିଙ୍କୁ ଦେଖିଯିବାକୁ କେବେ କିପରି ଚାଲି ଆସୁଥିଲେ ଝିଅ ଘରକୁ।

ଦେବୀଦତ୍ତ ପଚାରେ, ''ଅଜା, ମା' ତୁମ ଉପରେ ରାଗୁଛି କାହିଁକି? ତୁମେ କ'ଣ ଆଜି ଚାଲିଯିବ ତୁମ ଘରକୁ?''

ସିଦ୍ଧେଶ୍ୱର କିଛି କହି ପାରନ୍ତି ନାହିଁ। ତା'ଙ୍କ ଆଖି ଛଳ ଛଳ ହେବା ଶିଶୁଟିର ତୀକ୍ଷ୍ଣ ଆଖିରୁ ବାଦ୍ ଯାଏ ନାହିଁ। ଢ଼େର୍ ରାତି ଯାଏ କେତେ ପଶୁ ପକ୍ଷୀ, ଗ୍ରହ, ନକ୍ଷତ୍ର, ମର୍ତ୍ତ୍ୟରୁ ସ୍ୱର୍ଗପୁର ପର୍ଯ୍ୟନ୍ତ କାହାଣୀର ଲମ୍ୱା ତାଲିକା ନେଇ ଆସିଥିବା ସିଦ୍ଧେଶ୍ୱରଙ୍କଠାରୁ ସେ ଗଳ୍ପ ଶୁଣେ। ସୁବର୍ଣ୍ଣାଙ୍କ ଡାକ ତା'କୁ ଶୁଣାଯାଏ ନାହିଁ। ଆଖିବୁଜି ପଡ଼ିରହେ ନନ୍ଦିନୀଙ୍କ କୋଳରେ। ବାଧ୍ୟ କରି ତା' ହାତ ଟାଣି ଘୋଷାରିବା ଭଳି ନେଇଯିବାବେଳେ ସୁବର୍ଣ୍ଣା କହେ, ''ପିଲାଟାର ଯେ ପରୀକ୍ଷା ଚାଲୁଛି, ତା' ତୁମେମାନେ ବୁଝନାହିଁ କେମିତି?''

ପରଦିନ ସିଦ୍ଧେଶ୍ୱର, ନନ୍ଦିନୀ ଫେରିଯିବା ପରେ ଘରର ସହଜଭାବ ଫେରି ଆସେ। ସାତବର୍ଷର ଦେବୀଦତ୍ତ ମା'କୁ ବିସ୍ମୟରେ ଚାହିଁ ରହେ କିଛି କ୍ଷଣ। ପଚାରିବାକୁ ଚାହୁଁଥିବା କଥାଟି ପଚାରି ପାରେ ନାହିଁ।

ବିଶ୍ୱନାଥ କଲେଜରୁ ଫେରି ଆସି ଦେଖନ୍ତି, ଦେବୀଦତ୍ତ ଅଧା ଅନ୍ଧାର ଘରଟାରେ ବସି ଚିତ୍ର ଆଙ୍କୁଛି। ସମ୍ଭବତଃ ବାହାରକୁ ଖେଳି ଯାଇନାହିଁ। ସ୍ନେହରେ ତା' ମୁଣ୍ଡ ଆଉଁଶି ଦେଇ କହନ୍ତି, ''ତୋ ପାଇଁ ଚକୋଲେଟ୍ ରଖିଛି।''

ଦେବୀଦତ୍ତ ସାହସ ପାଇ ପଚାରେ, ''ବାପା, ମୋ ପରୀକ୍ଷା କଥା କହି ମା' ତା'ର ବାପାବୋଉଙ୍କୁ କାହିଁକି ତାଙ୍କ ଘରକୁ ପଠେଇ ଦେଲା?''

ବିଶ୍ୱନାଥ ନିଜ ଓଠ ପାଖରେ ଆଙ୍ଗୁଠି ଦେଖାଇ ଦେବୀଦତ୍ତକୁ ଚୁପ୍ କରାନ୍ତି। ସୁବର୍ଣ୍ଣାଙ୍କ ବିରକ୍ତି, ଅସନ୍ତୋଷକୁ ତାଙ୍କର ଖୁବ୍ ଭୟ। ସାଧାରଣ ସ୍ୱଭାବର ବ୍ୟକ୍ତିଟିଏ,

Digitized by srujanika@gmail.com

ଦୈନନ୍ଦିନ ଜୀବନରେ ଦୁଇଟି ବିଷୟରେ ସେ ଗୁରୁତ୍ୱ ଦିଅନ୍ତି। ନିୟମିତ କଲେଜ ଯାଇ ତାଙ୍କ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେବା ଏବଂ ଘରେ ପତ୍ନୀ ସୁବର୍ଣ୍ଣାଙ୍କୁ ଖୁସୀ କରାଇବା।

ପରବର୍ତ୍ତୀ ସମୟରେ ଦେବୀଦତ୍ତ ଅନୁଭବ କରିଛି, ସେ କିପରି ସିଦ୍ଧେଶ୍ୱର, ନନ୍ଦିନୀଙ୍କ ସହ ଅଧିକ ବାନ୍ଧି ହୋଇଯାଉଛି। କଲେଜ ଛୁଟି ନହେଉଣୁ ଥରେ ସେମାନଙ୍କ ପାଖରେ ବୁଲି ନ ଆସିଲେ ଭଲ ଲାଗେ ନାହିଁ। ସିଦ୍ଧେଶ୍ୱର ଏବେ ଦେବୀଦତ୍ତଙ୍କୁ ବନ୍ଧୁଟିଏ ଭଳି କଥା କହନ୍ତି। କେବେ କେବେ ଝିଅ ସୁବର୍ଣ୍ଣାର କଥା କହୁ କହୁ ଅଧାରେ ସେ ରହିଯାଆନ୍ତି।

"ତୋ ମା'ର ଆମ ପ୍ରତି ଆଦୌ ଶ୍ରଦ୍ଧା ନାହିଁ ଭାବୁଥିବୁ। ନା ବାବୁ, ତା' ଠିକ୍ ନୁହେଁ। ସେ ସବୁ ଆମର କର୍ମ ଦୋଷ।"

ଦେବୀଦତ୍ତ ସେ ଘରେ କାମ କରିବାକୁଥିବା ପୁରୁଣା ଲୋକ ରଘୁନାଥଠାରୁ କାହାଣୀଟିଏ ଭଳି ପଛଦିନର କଥା ସବୁ ଶୁଣେ।

ସହରଠାରୁ ବେଶ୍ ଦୂରରେ ବିଜ୍ଞାନ ଗବେଷଣାଗାରରେ ସିଦ୍ଧେଶ୍ୱରଙ୍କର ଚାକିରି। ସୁବର୍ଣ୍ଣାକୁ ଭଲ ସ୍କୁଲ୍ କଲେଜ୍‌ରେ ପଢ଼ାଇବାର ଇଚ୍ଛା। ହଷ୍ଟେଲ୍‌ରେ ରହି ପାଠ ପଢ଼େ ସୁବର୍ଣ୍ଣା। ଛୁଟି ଦିନରେ ଗେହ୍ଲାଝିଅର ଫେରିବା ବାଟକୁ ଚାହିଁ ବସନ୍ତି ବାପା, ମା' ଦୁହେଁ।

ସୁବର୍ଣ୍ଣାର ଏମ୍.ଏ ଶେଷ ବର୍ଷ। ସିଦ୍ଧେଶ୍ୱରଙ୍କର ଅବସର ନେବା ସମୟର ଅଳ୍ପ କେତେ ବର୍ଷ ପୂର୍ବରୁ ସେ ଫେରି ଆସିଲେ ନିଜ ରାଜ୍ୟକୁ। ବହୁଦିନରୁ ପକାଇ ରଖିଥିବା ବଡ଼ ଜମିଟିରେ ଛବି ଭଳି ସୁନ୍ଦର ଘରଟିଏ ତୋଳିବାର ଇଚ୍ଛା ଥିଲା।

ଘର ତିଆରି ହେବ, ଝିଅ ବାହାଘର କରିବେ, ଭବିଷ୍ୟତ ପାଇଁ କେତେ ପରିକଳ୍ପନା ସେମାନଙ୍କର।

ଝିଅ ପାଇଁ ମନଲାଖି ଗହଣା, ଶାଢ଼ି, ଆବଶ୍ୟକୀୟ ଜିନିଷମାନ ସଂଗ୍ରହ କରି ରଖୁଥିଲେ ନନ୍ଦିନୀ।

ଅଥଚ ମା' ବାପାଙ୍କଠାରୁ ଅବାଧ ସ୍ୱାଧୀନତା ପାଇଥିବା ଝିଅଟି ପାଠ ନାଁରେ ବେଶ୍ କିଛିଦିନ ରହିଗଲା ଦୂରରେ। ନନ୍ଦିନୀ ବ୍ୟସ୍ତ ହେଲେ ସିଦ୍ଧେଶ୍ୱର ବୁଝେଇ ଦେଇ କହନ୍ତି, "ବିଚାରୀ ଭଲ କ୍ଲାସ୍ ପାଇଲା ନାହିଁ ଏମ୍.ଏ.ରେ।

Digitized by srujanika@gmail.com

ମନ ଖରାପରେ ଆଉ କିଛି ପଢ଼ାପଢ଼ିର ପ୍ଲାନ୍ କରୁଥିବ। ସେଇସବୁ ବୁଝାବୁଝି ପାଇଁ ରହିଯାଇଛି।''

ଚିଠି ଖଣ୍ଡେ ବି ଆସିଲା ନାହିଁ ଝିଅଠାରୁ। ଦିନେ ହଠାତ୍ ନାଲି ବନାରସୀପାଟ, ଶଂଖା, ସିନ୍ଦୂର ପିନ୍ଧି, ସାଙ୍ଗରେ ବିଶ୍ୱନାଥଙ୍କୁ ନେଇ ସୁବର୍ଣ୍ଣା ଘରେ ପହଞ୍ଚିଲା। ଘୋଷଣା କଲା ଭଳି ଜଣାଇଲା, ''କୋର୍ଟ୍‌ରେ ୟା'ଙ୍କ ସହ ମୋର ବିବାହ ହୋଇଯାଇଛି।''

ବାପା, ମା'ଙ୍କୁ ଟିକିଏ ମନ ଦୁଃଖ କରିବା ପାଇଁ ମଧ୍ୟ ସେ ସମୟ ଦେଲାନାହିଁ। ସିଦ୍ଧେଶ୍ୱର, ନନ୍ଦିନୀ ନିଷ୍ପନ୍ଦ ଦୃଷ୍ଟିରେ ସୁବର୍ଣ୍ଣାକୁ ଏବଂ ତା' ସହ ଆଦୌ ଚେହେରାର ମେଳନଥିବା ଅଚିହ୍ନା ବୟସ୍କ ଯୁବକଟିକୁ ଚାହିଁ ରହିଥିଲେ କିଛି ସମୟ।

ସିଦ୍ଧେଶ୍ୱର କହିଲେ, ''ତୁ ଠିକ୍ ବିଚାର କଲୁ ନାହିଁ, ଝିଅ। ବାହାହେବା ପାଇଁ ସିଦ୍ଧାନ୍ତ ନେବା ପୂର୍ବରୁ ଆମକୁ ଥରେ ଜଣାଇଥିଲେ କିଛି ଅସୁବିଧା ହୋଇନଥାନ୍ତା।''

ଅନେକ ଦିନର ସ୍ୱପ୍ନ ତାସ୍‌ଘର ପରି ଅକସ୍ମାତ୍ ଧୂଳିସାତ୍ ହେବାର ଦୃଶ୍ୟରେ ହତ୍‌ବାକ୍ ହେଲେ ନନ୍ଦିନୀ।

ସୁବର୍ଣ୍ଣା ଭାବିଥିଲା, ମା' ବାପାଙ୍କଠାରୁ କ୍ଷମା ମାଗିନେବା ପରେ ଆଉ କିଛି ସମସ୍ୟା ରହିବି ନାହିଁ। ମାତ୍ର ସେଇ ମୁହୂର୍ତ୍ତରେ ମା' ବାପା, ଘର, ପିଲାଦିନରୁ ଏ ପର୍ଯ୍ୟନ୍ତ ସମସ୍ତ ସୁନ୍ଦରଦିନର ସ୍ମୃତିସହ ତା'ର ସଂପର୍କ ଛିନ୍ନ କରି ବିଶ୍ୱନାଥ ସହ ଆସିଥିବା ସେଇ ଟ୍ୟାକ୍ସିରେ ଫେରିଗଲା ସୁବର୍ଣ୍ଣା। ଅଧିକ କିଛି ସମୟ ଅପେକ୍ଷା କରିବାପାଇଁ ତା'ର ଧୈର୍ଯ୍ୟ ନ ଥିଲା।

ବର୍ଷଟିଏ ଯୁଗ ବିତିଯିବା ପରି ମନେ ହୋଇଛି। ଅନ୍ୟଠାରୁ ବହୁ କଷ୍ଟରେ ଠିକଣା ଖୋଜି ସୁବର୍ଣ୍ଣାକୁ ଚିଠି ଲେଖିଛନ୍ତି ସିଦ୍ଧେଶ୍ୱର, ନନ୍ଦିନୀ।

''ଏ ଚିଠି ପାଇ ଲେଖିବୁ ଆମେ ଯାଇ ତୋତେ ନେଇ ଆସିବୁ, ମା'। ଅନେକଦିନ ହେବ ତୋତେ ନ ଦେଖି ଭଲ ଲାଗୁ ନାହିଁ।''

ଉତ୍ତର ଆସିଲା ବର୍ଷକ ପରେ। ସୁବର୍ଣ୍ଣାଠାରୁ ନୁହେଁ, ଜ୍ୱାଇଁ ବିଶ୍ୱନାଥଙ୍କ ଠାରୁ,

''ଦୟାକରି ଆପଣମାନେ ଆସନ୍ତୁ। ମାସେ ଦୁଇମାସ ନିଶ୍ଚୟ ରହିବେ।

Digitized by srujanika@gmail.com

ସୁବର୍ଣ୍ଣା ଏବେ ସାତଦିନର ପିଲାଟିର ଯତ୍ନ ନେବାକୁ ଅକ୍ଷମ। ଖୁବ୍ ଦୁର୍ବଳ ହୋଇଛି ସେ।''

ସୁବର୍ଣ୍ଣା କେବେ ଶ୍ୱଶୁରଘର ଲୋକଙ୍କ ସାହାଯ୍ୟ ଆଶା କରିନାହିଁ। କେଉଁ ଦୂର ଗାଁର ସେଇ ବହୁକୁଟୁମ୍ବୀ ପରିବାରରେ ତା'ର ଶ୍ୱାସରୁଦ୍ଧ ହୁଏ। ବିଶ୍ୱନାଥଙ୍କର ଭାଇ ଭଉଣୀମାନେ ଅଶିକ୍ଷା, ଦାରିଦ୍ର୍ୟ, ରୋଗରେ ପୀଡ଼ିତ ହୋଇ ଅଧିକ ବା କ'ଣ କରିପାରନ୍ତେ ? ଅବଶ୍ୟ ବିଶ୍ୱନାଥଙ୍କର ବାପା, ମା' ବଞ୍ଚିଥିଲେ ଅଲଗା କଥା।

ସିଦ୍ଧେଶ୍ୱର, ନନ୍ଦିନୀ ଝିଅର ଖାପଛଡ଼ା ବ୍ୟବହାର ସତ୍ତ୍ୱେ ବେଶ୍ କିଛିଦିନ ରହିଗଲେ। ନ ରହି ଉପାୟ ନ ଥିଲା। ଦେବୀଦତ୍ତର ଜନ୍ମ ପରେ ସୁବର୍ଣ୍ଣା ଅସୁସ୍ଥ ରହିଥିଲା। ନନ୍ଦିନୀ ନାତିର ଖୁବ୍ ଯତ୍ନ କଲେ।

ସିଦ୍ଧେଶ୍ୱର ଆଶଙ୍କା କରନ୍ତି। ବୃଦ୍ଧାବସ୍ଥାର ଦୁର୍ବଳତା ତାଙ୍କୁ ଭୟ ଦେଖାଏ, ନିଜକୁ ସେ ଅସହାୟ ମଣନ୍ତି। ଯଦି ସେ ଆଗ ଚାଲିଯାଆନ୍ତି କ'ଣ ହେବ ନନ୍ଦିନୀଙ୍କ ଅବସ୍ଥା ! ହୁଏତ ସେମାନଙ୍କ ମଧ୍ୟରୁ ଜଣେ ହେଲେ କିଏ ପ୍ରଥମେ ସଂସାର ଛାଡ଼ିବ। ତା'ପରେ ? ପ୍ରଚୁର ଟଙ୍କା ସୁନା ନ ଥାଇପାରେ, ମାତ୍ର ବିସ୍ତୃତ ଫୁଲ ଫଳର ବଗିଚା ମଧ୍ୟରେ ଶିଳ୍ପୀର ତୁଳୀରେ ଅଙ୍କା ହୋଇଥିବା ଭଳି ତାଙ୍କର ଏଇ ସୁନ୍ଦର ଘରଟିର ହେପାଜତ୍ କିଏ କରିବ ?

ପଚିଶ ଏକର ଧାନ ଜମି, ଆମ୍ବ, ନଡ଼ିଆ ବଗିଚା ! ସହରଠାରୁ ଅଳ୍ପ ଦୂରରେ ଥିବା ଗାଁଟି ! ସୁବର୍ଣ୍ଣା, ବିଶ୍ୱନାଥଙ୍କୁ ଏସବୁର ଆଭାସ ସେ ଦେଇଛନ୍ତି। ଅଥଚ ସୁବର୍ଣ୍ଣା ଏସବୁ ବିଷୟରେ ଗୁରୁତ୍ୱ ଦେବାଭଳି ମନେହୁଏ ନାହିଁ। ସେ ଯେପରି ତାଙ୍କର ନିଜ ଝିଅ ନୁହଁ, ଅନ୍ୟ କେହି ଜଣେ। ମାସେ, ଦୁଇ ମାସରେ ଥରେ ଆସି ମା' ବାପାଙ୍କୁ ଚାହିଁଦେଇ ଯିବା ବ୍ୟତୀତ ତା'ର ଆଉ କିଛି କରିବାର ନ ଥାଏ। ହୁଏତ ସିଦ୍ଧେଶ୍ୱର, ନନ୍ଦିନୀଙ୍କ ଉପରେ ଅତୀତର ରାଗ, ଅଭିମାନରୁ ସେ ମୁକ୍ତ ହୋଇ ପାରେନାହିଁ।

ପାଞ୍ଚ ସାତବର୍ଷ ବୟସରୁ ଦେବୀଦତ୍ତ ଯେପରି ଏସବୁ ବୁଝିପାରେ। ସିଦ୍ଧେଶ୍ୱରଙ୍କର ମନ ତଳର ବ୍ୟଥା ସେ ବୁଝିବାକୁ ସମର୍ଥ ହୁଏ। ସେଥିପାଇଁ ତ କଲେଜ ଛୁଟି ହେଲେ ଧାଇଁ ଆସେ ଅଜା ଆଈଙ୍କ ସାଙ୍ଗରେ କିଛି ଦିନ ବିତାଇବା

Digitized by srujanika@gmail.com

ପାଇଁ। ଦେବୀଦତ୍ତଙ୍କୁ ଦେଖିଲେ ସେ ଦୁହିଁଙ୍କ ପ୍ରାଣରେ ଜୀବନୀଶକ୍ତି ସଂଚାର ହୁଏ। ଆଶାୟୀ ଚାତକ ପକ୍ଷୀ ଦୁଇଟିଙ୍କ ପାଖରେ ତା'ର ଆବଶ୍ୟକତା ଯେ ଏତେ ବେଶୀ, ଏସବୁ ଭାବିଲେ ବ୍ୟସ୍ତ ହୋଇଉଠେ ଦେବୀଦତ୍ତ।

ପାଠପଢ଼ା, ପଦସ୍ଥ ଚାକିରିର ବ୍ୟସ୍ତତା ସତ୍ତ୍ୱେ ସେ ଚାଲି ଆସେ। କହେ, "ଅଚ୍ଛା, ଏବେ ଆଉ ଏଠି ରୁହ ନାହିଁ। ଚାଲ ମୋ ପାଖକୁ। ତୁମର ନାତୁଣୀ ବୋହୂ ତୁମ ଦୁହିଁଙ୍କ ସେବା କରିବ।"

ବୃଦ୍ଧ ସିଦ୍ଧେଶ୍ୱର ପ୍ରସନ୍ନ ଚିତ୍ତରେ ତା'କୁ ଆଶୀର୍ବାଦ କରନ୍ତି। କହନ୍ତି, "ଆମେ ଚଳିଯାଉଛୁ, ବାବୁ। ତୁ ମଧୁମିତାକୁ ନେଇ ଥରେ ଥରେ ଆସି ଆମକୁ ଦେଖିଦେଇଯିବୁ। ନିଶ୍ଚୟ ଆସିବୁ। ତୋ'ର ଏଇ ଦୁଇଟା ପିଲାଙ୍କୁ ନ ଦେଖିଲେ ତୁ କ'ଣ ରହିପାରିବୁ ?" ଦେବୀଦତ୍ତର ମନ ସହଜ କରି ନେବାକୁ ଏଭଳି କିଛି କହିବାକୁ ହୁଏ ତାଙ୍କୁ।

ଝିଅ ସୁବର୍ଣ୍ଣାକୁ ପାଖରେ ପାଇବାକୁ ବ୍ୟସ୍ତ ହେଲେ ବି ସେ ତ ଆସିପାରେ ନାହିଁ।

ଦେବୀଦତ୍ତ ଯାହା ବୁଝେ, ମା'ର ତା' ବାପା, ମା'ଙ୍କ ପାଇଁ ଅଶ୍ରଦ୍ଧା ନାହିଁ ବରଂ ପୂର୍ବର ମନୋଭାବ ଓ ତା'ର ସ୍ୱଭାବ ସ୍ୱାର୍ଥପରତାରେ ପରିଣତ ହୋଇଛି। ନିଜ ଘରକରଣା, ସ୍ୱାମୀ ଝିଅ ପୁଅଙ୍କୁ ନେଇ ଅଯଥା ଦାୟିତ୍ୱରେ ସେ ଜଂଜାଳି ହେବା ଦେଖିଲେ, ଦେବୀଦତ୍ତ ମନେ ମନେ ମା'କୁ ସ୍ୱାର୍ଥପର ହିଁ କହେ।

ଆଶ୍ଚର୍ଯ୍ୟ କଥା। ନନ୍ଦିନୀଙ୍କର ଶେଷ ସମୟ ପାଖେଇ ଆସିବାବେଳେ ସୁବର୍ଣ୍ଣା ଠିକ୍ ପହଞ୍ଚିଥିଲା ଖବର ପାଇ। ବିଛଣା ପାଖରେ ବସି ବିଶ୍ୱନାଥଙ୍କୁ କିଛି ଦାୟିତ୍ୱ ବୁଝାଇ ଥିଲା। ଦେବୀଦତ୍ତ ସିଦ୍ଧେଶ୍ୱରଙ୍କୁ ପାଖେ ପାଖେ ରହି ସାନ୍ତ୍ୱନା ଦେଉଥିଲା।

ସିଦ୍ଧେଶ୍ୱର ଦୁଃଖୀ ହେଉଥିଲେ ମଧ ଭାଙ୍ଗି ପଡ଼ି ନ ଥିଲେ। ବରଂ କହୁଥିଲେ, "ମାତ୍ର କେତେଟା ଦିନର କଥା ତ, ମୋର ଆଉ ଚିନ୍ତା ନାହିଁ।"

ନନ୍ଦିନୀଙ୍କର କ୍ରିୟାକର୍ମ ପରେ ସୁବର୍ଣ୍ଣା ବିଶ୍ୱନାଥଙ୍କ ସହ ନିଜଘରକୁ ଫେରିଗଲେ ମଧ ବାପାଙ୍କୁ ସାଙ୍ଗରେ ନେବାକଥା ଭାବିପାରିଲା ନାହିଁ। ମା'ର ଏଭଳି ମନୋଭାବ ଦେଖି ଦେବୀଦତ୍ତ ଜିଦ୍‌କରି ସାଙ୍ଗରେ ନେଇ ଯାଇଥିଲା ସିଦ୍ଧେଶ୍ୱରଙ୍କୁ। ଏହାପରେ

Digitized by srujanika@gmail.com

ସିଦ୍ଧେଶ୍ୱର ଯେତେଦିନ ବଞ୍ଚିଲେ ବେଶ୍ ଶାନ୍ତିରେ ଥିଲେ।

ଠିକ୍ ମନେ ପଡ଼ୁଛି ସେ ଦିନଟି ଦେବୀଦତ୍ତର। ସକାଳୁ ମଧୁମିତା ତାଙ୍କୁ ଚା' ଦେଇଗଲା। ଦେବୀଦତ୍ତଙ୍କୁ ଡକାଇ ପଠେଇଲେ ସେ। କହିଲେ,

''ଦେବୀ, କାଲି ତୋ ଆଈର ଜନ୍ମଦିନ। ଗାଁକୁ ନ ଗଲେ ସେ ମନ କଷ୍ଟ କରିବ।''

''ଆଈ ?''

ମଧୁମିତା କ'ଣ କହିଆସୁଥିଲା। ଦେବୀଦତ୍ତ ତାକୁ ଇଶାରାରେ ମନା କଲା। ସିଦ୍ଧେଶ୍ୱରଙ୍କୁ କହିଲା, ''ନିଶ୍ଚୟ ଯିବା, ଅଜା। ଅସୁବିଧା କ'ଣ ? ତୁମେ ତ ଖୁବ୍ ସୁସ୍ଥ ଅଛ।'' ବୃଦ୍ଧ ସିଦ୍ଧେଶ୍ୱରଙ୍କର ଆଖି ଉଜ୍ଜ୍ୱଳ ଦେଖାଗଲା ଖୁସିରେ।

ସେଇ ଯେ ଗାଁକୁ ଗଲେ ସିଦ୍ଧେଶ୍ୱର, ଆଉ ଫେରିଲେ ନାହିଁ। ନନ୍ଦିନୀ ତାଙ୍କୁ ଡକାଇ ନେଲେ ଆର ପାରିକୁ।

ଘରେ ପହଞ୍ଚି ବାଚାଳଙ୍କ ଭଳି ସ୍ମୃତିଚାରଣ କଲେ ସିଦ୍ଧେଶ୍ୱର। ନନ୍ଦିନୀଙ୍କ ସହ ବିତାଇଥିବା ସୁନ୍ଦର ସ୍ମୃତି ସବୁ ସେ ମନେପକାଉଥିଲେ। କେତେବେଳେ ସେମାନଙ୍କୁ ପରକରି ସୁବର୍ଣ୍ଣା ତା'ର ସ୍ୱାମୀ ସହ ଫେରିଯିବା ଦିନଟି ମନକୁ ଆଣି ଶିଶୁଟିଏ ଭଳି ବିକଳ ହୋଇ କାନ୍ଦିପକାଉଥିଲେ।

ଦେବୀଦତ୍ତର ଦୀର୍ଘଶ୍ୱାସର ଅର୍ଥ ବୁଝିଲା ମଧୁମିତା।

ଏ ତ ମାତ୍ର ଦୁଇଟି ଦିନର କଥା। ତୃତୀୟ ଦିନର ସକାଳ। ମଧୁମିତା ଗାଧୋଇ ସାରି ଅଜାଶ୍ୱଶୁରଙ୍କୁ ଚା' ଦେଇ ଚାଲି ଯାଉଥିଲା। ତାକୁ ଡାକି ସିଦ୍ଧେଶ୍ୱର କହିଲେ, ''ମା', ଏ କି ଶାଢ଼ିଟା ପିନ୍ଧିଛୁ ? ଆଈର ସେ ସମ୍ବଲପୁରୀ ମଠାଟା ଆଲମାରୀରୁ କାଢ଼ି ପିନ୍ଧି କରି ଆ ତ ମୋ ପାଖକୁ।''

ଦେବୀଦତ୍ତ ନିଦରୁ ଉଠି ବିଛଣାରେ ପଡ଼ିରହିଥିଲା। ସିଦ୍ଧେଶ୍ୱରଙ୍କର କଥା କାନରେ ପଡ଼ିବାରୁ ସେ ଉଠିଆସିଲା ପାଖ ଘରକୁ।

ଦେବୀଦତ୍ତକୁ କିଛି କହିବାକୁ ନ ଦେଇ ନାତୁଣୀବୋହୂକୁ ତା'ଙ୍କ ପାଖରେ ବସି ଗୀତା ପଢ଼ିବାକୁ ନିର୍ଦ୍ଦେଶ ଦେଲେ ସିଦ୍ଧେଶ୍ୱର।

ଏହି ଦୁଇ, ତିନିଦିନ ମଧ୍ୟରେ ଏଇଭଳି କେତେ କେବେ କହୁନଥିବା ନୂଆ ନୂଆ କଥାମାନ ଖୁବ୍ ଚାହୁଁଥିଲେ ସେ।

ମଧୁମିତା ଅଜାଶ୍ୱଶୁରଙ୍କୁ ଗୀତା ଆବୃତ୍ତି କରି ଶୁଣାଉଥାଏ। ସିଦ୍ଧେଶ୍ୱର କହିଲେ,

Digitized by srujanika@gmail.com

"ଦେବୀ, ବସିଲୁ କାହିଁକି ? ସମୟ ଆସିଗଲା । ଯା' ତୋ ମା'କୁ ଫୋନ୍‌ରେ କହ, ସେ ଆସୁ । ସେମାନଙ୍କୁ ଥରେ ନ ଦେଖିଲେ ମୁଁ ଯିବି ନାହିଁ । ତୁ ମୋ ପାଖରେ ବସ ଚ ।"

ସିଦ୍ଧେଶ୍ୱରଙ୍କର ସ୍ୱର କ୍ଷୀଣ, କଥା ଅସ୍ପଷ୍ଟ । ଦେବୀଦତ୍ତ ତାଙ୍କୁ ଛାଡ଼ି ଯାଇ ପାରିଲା ନାହିଁ ।

ରଘୁନାଥଙ୍କୁ ପାଖ ପୋଷ୍ଟଅଫିସ୍‌କୁ ପଠାଇ ଦେଲା ମଧୁମିତା ବିଶ୍ୱନାଥଙ୍କୁ ଫୋନ୍‌ରେ ଖବର ଦେବାକୁ ।

ସିଦ୍ଧେଶ୍ୱରଙ୍କ ଶେଷଯାତ୍ରାର ମାତ୍ର କେତେ ମିନିଟ୍ ପୂର୍ବରୁ ପହଞ୍ଚିଥିଲା ସୁବର୍ଣ୍ଣା ।

ସିଦ୍ଧେଶ୍ୱର ଚାହିଁଲେ ଅଭିମାନୀ ଝିଅକୁ, ତା'ପରେ ଅନ୍ୟ ପାଖରେ କାନ୍ଥରେ ପ୍ରଭୁ ଜଗନ୍ନାଥଙ୍କର ଫଟୋକୁ । ତାଙ୍କ ମୁଣ୍ଡ ଟଳକୁ ସାମାନ୍ୟ ବାଙ୍କି ଗଲା । ତାଙ୍କର ସମସ୍ତ ଆଶଙ୍କାକୁ ଏଡାଇ ଦେଇ ସୁଖରେ ଚାଲିଗଲେ ସେ ନନ୍ଦିନୀଙ୍କ ପାଖକୁ । ଦେବୀଦତ୍ତ ନିର୍ବାକ୍ ହୋଇ ବସି ରହିଥିଲା ବେଶ୍ କିଛି ସମୟ ।

ଦୀର୍ଘ ବର୍ଷର ସଂଚିତ କୋହ ତରଳି ଯାଇଥିଲା ସୁବର୍ଣ୍ଣାର । ସିଦ୍ଧେଶ୍ୱରଙ୍କୁ ଜଡ଼ାଇଧରି 'ମୋ ବାପା', 'ମୋ ବାପା' କହି ଖୁବ୍ କାନ୍ଦୁଥିଲା ସେ ।

ଅନେକ ଦିନ ପରେ ଦେବୀଦତ୍ତ ଏସବୁ ମନେ ପକାଇ ମଧୁମିତାକୁ କହେ, "ମା' ଯଦି ସେଦିନ କାନ୍ଦି ନ ଥାନ୍ତା, ସେ ସହଜରେ ବଞ୍ଚି ପାରି ନଥାନ୍ତା ? ସେ ବି ତ ନିଜ ଗୁଣରୁ କମ୍ ଅଶାନ୍ତି ପାଇନାହିଁ ।"

ଜୀବନର ପ୍ରସ୍ତ ପ୍ରସ୍ତ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଛି ପଛ ଦିନର ଆଲେଖ୍ୟ । ଆଜି ହୋଇଯାଇଛି ସେମାନଙ୍କ ଆଶା, ଅବଶୋଷର ରେଖାଚିତ୍ରମାନ ।

ଦେବୀଦତ୍ତ ସେମାନଙ୍କୁ ଝୁରି ହୋଇଛି ଖୁବ୍ । ଅଥଚ ନିଜର ଇଚ୍ଛାକୁ ଦୃଢ଼ କରିନେଇଛି । ଏବେ ସୁବର୍ଣ୍ଣା ଏସବୁ ସଂପତ୍ତିର ସୁରକ୍ଷା ବିଷୟ ପୁଅକୁ କହେ । ସିଦ୍ଧେଶ୍ୱରଙ୍କର ନାତୁଣୀବୋହୂ ମଧୁମିତା ପ୍ରସ୍ତାବ ଦିଏ, "ଅଜାଙ୍କର ଏଇ ସୁନ୍ଦର ଘରଟି ଆମର ଫାର୍ମ ହାଉସ୍ କରାଯାଉ ।"

ସାନଭଉଣୀ ଶ୍ରୀଲତା ଭାଉଜର ପ୍ରସ୍ତାବକୁ ଅନୁମୋଦନ କରି କହେ, "କି ବ୍ରିଲିୟାଣ୍ଟ୍ ଆଇଡ଼ିଆ ! ବାସ୍ତବିକ ଏ ସ୍ଥାନର ସିନିକ୍ ବିଉଟି ଯାହା ଭବିଷ୍ୟତରେ ଏ ଘର, ଏକର ଏକର କେନାଲକୂଳର ଧାନଜମି ଆମର ଆସେଟ୍ ।"

Digitized by srujanika@gmail.com

ଦେବୀଦତ୍ତ ନିରବରେ ସବୁ ଶୁଣେ। ଉତ୍ତର ଦିଏ ନାହିଁ। ଆଇନତଃ ସେ ହିଁ ସବୁ ସଂପତ୍ତିର ଉତ୍ତରାଧିକାରୀ। ସିଦ୍ଧେଶ୍ୱର କାଗଜପତ୍ରରେ ତା' ଉଲ୍ଲେଖ କରିଯାଇଛନ୍ତି। ତେଣୁ ତା'ର କଳ୍ପିତ ଯୋଜନାଟି କାର୍ଯ୍ୟକାରୀ ହୋଇପାରିବାର ସେ ବିଶ୍ୱାସ ରଖେ।

ଦିନେ ଘରେ ଖାଇବା ଟେବୁଲ ପାଖରେ ମା' ବାପା, ସାନଭଉଣୀ, ମଧୁମିତା, ସେ ନିଜେ ଏକାଠି ବସିଥିଲେ। ଖାଇବା ପ୍ରାୟ ଶେଷ ହୋଇ ଆସିଥିଲା। ଅନ୍ୟାନ୍ୟ କଥାବାର୍ତ୍ତା ମଧ୍ୟରେ ଏହି ପ୍ରସଙ୍ଗଟି କହି ସେମାନଙ୍କୁ ସ୍ତବ୍ଧ କରିଦେଲା ଦେବୀଦତ୍ତ।

ସବୁକଥା ଶୁଣିବା ପରେ ଦେବୀଦତ୍ତକୁ ଏକା ରଖି ବିଭିନ୍ନ କାମର ଆଳ ଦେଖାଇ ସେମାନେ ସମସ୍ତେ ସେ ସ୍ଥାନରୁ ଚାଲିଯାଆନ୍ତି। ତଥାପି ମନୋବଳ ହରେଇ ଦେଇ ନାହିଁ ଦେବୀଦତ୍ତ। ସିଦ୍ଧେଶ୍ୱରଙ୍କର ସେହି ସୁବିସ୍ତୀର୍ଣ୍ଣ ବଗିଚା ମଧ୍ୟରେ ଏହି ସୁଦୃଶ୍ୟ ଆଧୁନିକ ପ୍ରାସାଦଟି ନିଜ ରୁଚିରେ ନିର୍ମିତ କରାଇଛି ସେ।

'ଦେବାଶ୍ରୟ'ର ନିର୍ମାଣ ଶୈଳୀ ଆଧୁନିକ ରୁଚିସମ୍ପନ୍ନ। ରାଜ୍ୟ ବାହାରୁ ଆସି ସ୍ୱେଚ୍ଛାରେ ନିଜର ବୁଦ୍ଧି ଖଟାଇ ଶ୍ରମଦାନ କରିଛନ୍ତି ଦେବୀଦତ୍ତର ଆର୍କିଟେକ୍ଟ, ଇଂଜିନିୟର ବନ୍ଧୁମାନେ।

ଅର୍ଥର ଅଭାବ ଯେ ଆଦୌ ନାହିଁ ତା' ବୁଝେଇ ଦେଇଛି ଦେବୀଦତ୍ତ। ସିଦ୍ଧେଶ୍ୱରଙ୍କର ଭଲ ଫସଲ ଦେଉଥିବା ଜମି ସବୁ ବିକ୍ରୀ ହେବାପରେ ନିଶ୍ଚିତ ଭାବରେ ସୁବିଧାରେ ସବୁକାମ ହୋଇପାରିବ, ଏ ବିଶ୍ୱାସ ଥିଲା ତା'ର। କାହା କାହାର ଅର୍ଥର ପ୍ରାଚୁର୍ଯ୍ୟ ଥିଲେ ମଧ୍ୟ ସେହି ପୂଜ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ତଥାପି ଖୁବ୍ ଏକା। ଶିଶୁଟି ଭଳି ଅସହାୟ, ନିର୍ଭରଶୀଳ। ସେମାନଙ୍କର ଖାଦ୍ୟ, ସ୍ୱାସ୍ଥ୍ୟ, ମାନସିକ ଶାନ୍ତି, ମନୋରଂଜନ ଇତ୍ୟାଦି ଇତ୍ୟାଦି ବହୁ ବିଷୟ ପ୍ରତି ଦୃଷ୍ଟିଦେଇ ଯତ୍ନ କରିବାକୁ ହେବ। ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଦେବୀଦତ୍ତ କହିଛି, "ସେମାନଙ୍କଠାରୁ କିମ୍ବା ସେମାନଙ୍କ ଆତ୍ମୀୟମାନଙ୍କ ପ୍ରଦତ୍ତ ଅର୍ଥ ଆମେ ନିଶ୍ଚିତ ଭାବରେ ଗ୍ରହଣ କରିବୁ। କାରଣ ଏହା ଏକ ଦାତବ୍ୟ ଅନୁଷ୍ଠାନ କହି ସଂଭ୍ରାନ୍ତ ବ୍ୟକ୍ତିବିଶେଷଙ୍କର ଅବମାନନା କରିବାର ଇଚ୍ଛା ଆମର ନାହିଁ। ମାତ୍ର ଧନୀ, ଦରିଦ୍ର ନିର୍ବିଶେଷରେ ସମସ୍ତଙ୍କ ପ୍ରତି ଏକ ପ୍ରକାର

Digitized by srujanika@gmail.com

ଯତ୍ନ ହିଁ କରାଯିବ ।''

ପ୍ରତିଷ୍ଠା ଉତ୍ସବର ଦିନଟିରେ ନିଜର ସମସ୍ତ ଆତ୍ମୀୟସ୍ୱଜନ, ବନ୍ଧୁମାନଙ୍କୁ ଆସିବା ପାଇଁ ଅନୁରୋଧ କରିଥିଲା ଦେବୀଦତ୍ତ । କେହି ଆସନ୍ତୁ ବା ନ ଆସନ୍ତୁ କାହାପାଇଁ ଶୁଭ କାମ ବନ୍ଦ ହୋଇ ରହିଯିବ ନାହିଁ। ଚାକିରିରୁ ଛୁଟିନେଇ ମଧୁମିତା ଓ ପିଲାମାନଙ୍କ ସହ ସେ ସପ୍ତାହେ ହେବ ଆସି ରହିଛି ଅନ୍ୟାନ୍ୟ ବ୍ୟବସ୍ଥା ଦେଖିବାପାଇଁ ।

ଏବେ ଦେବୀଦତ୍ତ ନିଜେ ଗାଧୋଇସାରି ପ୍ରସ୍ତୁତ ହୋଇ ଅପେକ୍ଷା କରିଛି ପୂଜା ପାଖରେ ବସିବା ପାଇଁ। ହୋମଯଜ୍ଞାଦିର ବ୍ୟବସ୍ଥା ହୋଇସାରିଛି ।

ସିଦ୍ଧେଶ୍ୱରଙ୍କର ରହିବା ଘର, ବଗିଚାଠାରୁ ଅଳ୍ପ ଦୂରରେ ସଜ୍ଜିତ ଭଙ୍ଗୀରେ ଠିଆ ହୋଇ ରହିଛି 'ଦେବାଶ୍ରୟ', ସିଦ୍ଧେଶ୍ୱରଙ୍କର ବ୍ୟକ୍ତିତ୍ୱର ପ୍ରତିଛବି ।

ଅନେକ ସମୟ ହେବ ତା'କୁ ଚାହିଁ ରହିଛି ଦେବୀଦତ୍ତ । ଶଙ୍ଖ, ଘଣ୍ଟଧ୍ୱନି, ପୁରୋହିତଙ୍କର ମନ୍ତ୍ର ଉଚ୍ଚାରଣ ଏକ ଅପୂର୍ବ ପରିବେଶ ସୃଷ୍ଟି କରିଛି । ଦେବୀଦତ୍ତ ଆତ୍ମବିସ୍ମୃତ, ସମ୍ମୋହିତ ହୋଇ ପୂଜାସ୍ଥାନକୁ ଆଗେଇ ଯାଉଛି ।

□□

Digitized by srujanika@gmail.com

# ସୁବର୍ଣ୍ଣବେଳା

କୋଉଠୁ ମାଡ଼ି ଆସିଛି ଏ ବତାସିଆ ସୁ ସୁ ପବନ! ସାତମେଘ ଏକାଠି ହୋଇ ବର୍ଷୁଛି। ରାତି କେତେ ଘଡ଼ି କେଜାଣି? ଅଦିନ ଜାଡ଼ରେ ଗୋଡ଼ ହାତ କୋଲ ମାରି ଯାଉଛି, ସଞ୍ଜ ନହେଉଣୁ ସଭିଙ୍କ ତାଟି କବାଟ ପଡ଼ିଗଲାଣି। ବର୍ଷା ଟିକିଏ କମି ଆସିବା ବେଳକୁ ଏ ଘଡ଼ଘଡ଼ି ବିଜୁଳି କାନ ଅତଡ଼ା ପକଉଛି। ବେଳୁବେଳ ଅନ୍ଧାର ଘନେଇ ଆସୁଛି।

ସୁନାମାଳି ଥରି ଥରି କବାଟ ପାଖରୁ ଘୁଞ୍ଚି ଆସିଲା। ଅଜଣା ଭୟ ଗ୍ରାସ କରୁଛି ତାକୁ। ଦେଢ଼ବର୍ଷର ପୁଅ ମନୁଆ ନିଦରେ ଚମକି କାନ୍ଦୁଛି। ତା'କୁ କୋଳକୁ ଟାକି ଆଣିଲା ସୁନାମାଳି। ଆଖିପତା ପଡ଼ୁନି।

-ହେ... ହେ... କିଏ... ସେଠି? ଚୋର... ଚୋର! ମରିଗଲିଲୋ ମା'!

-ଚୁପ୍ କର୍, ଆଉ ଥରେ ପାଟି କର୍ ତ ଦେଖି?

ଠେଲାଟାଏ ଖାଇ ତଥାପି ତରତରରେ ଡିବି, ଦିଆସିଲି ଖୋଜିହେଲା ସୁନାମାଳି। ତିନିଟା କାଠି ଜଳି ଜଳି ଲିଭିଲା, ଡିବି ଲାଗିଲା ନାହିଁ।

ଶଙ୍କରା ଅନ୍ଧାରଟାରେ ଘରଟା ସାରା ଘାଣ୍ଟି ପକେଇଲାଣି। ଦଶ ପ୍ରସ୍ତ ଗୁଡ଼ାହୋଇ ଗଣ୍ଠି ପଡ଼ି ରହିଥିବା ରୂପାଖଡ଼ୁ ଦି'ପଟି ଏତେ ଦିନଯାଏ ତା' ଶ୍ୱେନ ନଜରକୁ ଆସି ନ ଥିଲା। ଓର ଉଣ୍ଡି ଏ ଅନ୍ଧାରଟାରେ କିମିତି ପାଇଲା ସେ?

-ନା.. ନା। ରଖିଦେ ମୋ ଖଡ଼ୁ।

ଓଠ କମ୍ପୁଛି। ଜଳନ୍ତା ଆଖିରୁ ପାଣି ନୁହେଁ, ସତେକି ନିଆଁ ବର୍ଷୁଛି।

Digitized by srujanika@gmail.com

ଶଙ୍କରାର ଦୁର୍ବଳିଆ ଦେହଟା ନଇଁ ଯାଉଛି । ଏ ଅନ୍ଧାରଟାରେ ସେ ସ୍ପଷ୍ଟ ଦେଖି ପାରୁଛି । ସୁନାମାଳିର ଜଳନ୍ତା ଦୃଷ୍ଟିକୁ ସାମନା କରିବା ଖୁବ୍ କଷ୍ଟ ତା' ପାଇଁ । ଏଇଥି ଲାଗି ଅଧେ ଦିନ ଘରକୁ ଆସେ ନାହିଁ ସେ । ରିକ୍ସା ନେଇ କୁଆଡ଼େ ଯେ ଯାଏ, କୋଉ ରାସ୍ତା କଡ଼ର ନର୍ଦ୍ଦମା ପାଖରେ ପଡ଼ିରହେ ସକାଳ ପହରୁ ସଞ୍ଜଯାଏ ।

ମଦପାଣି ଛଡ଼ା ପେଟରେ ଦାନା କେବେ ପଡ଼େ ତ କେବେ ନାହିଁ । ନିଶା ଛାଡ଼ିଲେ ନିଦ ଭାଙ୍ଗେ । ରାସ୍ତା ପାଖ କଳରେ ଗାଧୋଇ ପଡ଼ି ଦୋକାନରେ ବାକିରେ ଖାଏ ତା' ଜଳଖିଆ । ମାଲିକକୁ ଅଳ୍ପ କେତେଟା ଟଙ୍କା ଦିଏ ତ ଅନ୍ୟ ଦିନେ ଏଡ଼ାଇ ଚାଲେ । ବାହାରି ଯାଏ ମଦଖଟି, ଜୁଆ ଆଡ୍ଡାକୁ । ତା'ପରେ ଚାଲେ ଗାଳି ଫଜିତ୍, ମାଡ଼ ପିଟ୍, ଯାବତୀୟ ଗୁଣ୍ଡାମି । ମାଡ଼ ଖାଇ ଦେହ ହାତ ଫୁଲେ; ଘରକୁ ଆସି ରାଗ ଝଡ଼ାଏ ସୁନାମାଳି ଉପରେ ।

ଏଠି ପ୍ରାୟ ସବୁ ସୁନାମାଳିଙ୍କର ଭାଗ୍ୟ ଏମିତି ।

ସହରର କେଉଁ ଅଂଶରେ ପରିତ୍ୟକ୍ତ, ଅବହେଳିତ, ସ୍ଥାନେ ସ୍ଥାନେ ପାଣି ଜମୁଥିବା ଏକଘରକିଆ ଜମି ଖଣ୍ଡକରେ ମୁଣ୍ଡପାତି, ସମସ୍ତ ଦୁଃଖ ଦୁର୍ଦ୍ଦଶାକୁ ଗ୍ରହଣ କରି ନେବା ଭଙ୍ଗୀରେ ଗଜି ଉଠିଥିଲା ନୁଆଁଣିଆ ଚାଳଘର, କୁଡ଼ିଆ କେତୋଟି । କେଉଁଠି ଛଣ ଉଡ଼ିଗଲାଣି ତ କେଉଁଠି ଟିଣ, ଛିଣ୍ଡା ପ୍ଲାଷ୍ଟିକ ଖରା, ବର୍ଷାର ପ୍ରତିରୋଧ କରୁଛି ।

ଶଙ୍କରାର ଏସବୁ ପ୍ରତି ନିଘା ନାହିଁ । ସୁନାମାଳି ଖଟିଲେ ଖାଇବ, ଛୁଆଟାକୁ ଖୁଆଇବ । ଦେହ ପା' ଖରାପ ହେଲେ ମା' ଘରୁ ପଇସା ମାଗି ଔଷଧ ପାଣି କରିବ । ଦୁଇଟା ଘରେ ବାସନ ମାଜି କେତେଟା ବା ଟଙ୍କା ଆଣିବ ଯେ ବାପା, ମା', ପିଲା ଚଳିବେ ? ଗାଁରେ ଜମିବାଡ଼ି ଖୋଜେ ନାହିଁ । ଛୋଟ ଘର ଡିହ ଖଣ୍ଡକରେ ଭଙ୍ଗା ଚାଳିଆଟି । ତା'କୁ ସଜାଡ଼େ ନାହିଁ ଶଙ୍କରା । ଶାଶୁ, ଶ୍ୱଶୁର ଆର ପାରିକୁ ଯିବାପରେ ସେଇ ଯେ ଗାଁ ଛାଡ଼ିଛି, ମନୁଆ ଜନମ ହେବା ପରେ ବି ସେ ଯାଇ ପାରିନାହିଁ ।

ଭାଇମାନେ ଶଙ୍କରାକୁ ଭିନେ କରିଦେଲେ । ମଦୁଆ, ଗଂଜୋଡ଼ୁକୁ କିଏ ଏକାଠି ରଖନ୍ତା । ତେଣିକି ଶଙ୍କରା ତା'କୁ ଗେହ୍ଲେଇ କରି କହେ, "ସୁନାମାଳିଲୋ, ଏ ପାଣି କାଦୁଅରେ ପଡ଼ି ଚାଷବାସ କାମ ଆମେ କରି ପାରିବା ନାହିଁ ।

Digitized by srujanika@gmail.com

ଚାଲ୍, ସହରକୁ ଚାଲିଯିବା। ମୂଲଲାଗି ଖାଇବା।''

ଆଗ ଆଗ ସୁନାମାଳି ରାଜି ହଉ ନ ଥିଲା। ଏ ଲୋକକୁ କି ବିଶ୍ୱାସ? ସେଠି ବିଦେଶ ଭେଗାରେ କିଏ ସାହାରାହା ଅଛି? ଏଠି ତ ଯାହାହେଲେ ବି ଭିନେ ଘରେ ହେଉ ପଛକେ ପାଖରେ ରହନ୍ତି ଶଙ୍କରାର ବଡ଼ଭାଇ ଭାଉଜ, ସେମାନଙ୍କ ପିଲାମାନେ। ପାଖ ଗାଁରେ ବାହା ହୋଇଛନ୍ତି ନଣନ୍ଦମାନେ। ଖୋଜେ ବାଟରେ ସୁନାମାଳିର ବାପଘର। ବାପ, ମା', ବଡ଼ଭାଇ ଦୁହେଁ ଡାକଦେଲେ 'ଓ' କରିବେ।

ଶଙ୍କରା ଲୁଚି ଲୁଚି ମଦ ପାଣି କରେ। ଯାହାକରୁ ପଛକେ ସୁନାମାଳି ଉପରେ ହାତ ଉଠଉ ନଥିଲା। ଘରକୁ ନ ଆସି, ଘରେ ଭାତ ନଖାଇ କୁଆଡ଼େ ବାହାରେ ଯାଇ ରହିଯାଏ ନାହିଁ। ସେ ସାହାସ ନ ଥିଲା।

ବଡ଼ଭାଇ, ବଡ଼ବାପା, ଗାଁ ମୁଖିଆଙ୍କ ମୁରବି ପଣ, ତାଙ୍କ ନାଲିଆଖିର ଶାସନକୁ କାହାର ଡର ନାହିଁ? ସେ ତ ଚାରି ଦଉଡ଼ି କଟା ବାରବୁଲା ହେଇନି ଯେ ମଶାଣି ପଦାରେ ଥୋବରାଙ୍କ ସାଥିରେ ବସାଉଠା କରିବ?

ସୁନାମାଳିର ମା' ବାରମ୍ବାର ଏଇ କଥା କହେ। ଗାଁ ଶେଷମୁଣ୍ଡ ମହାଦେବ ମନ୍ଦିର ପାଖ ବର, ଓସ୍ତ ଚାନ୍ଦିନୀରେ ଶଙ୍କରାର ଅଧରାତି ହୁଏ। ସେଇ ଖେଳସାଥିଙ୍କୁ ନେଇ ସବୁ କାରବାର। ତାସ୍, ପଶା, ଭାଙ୍ଗ, ଗଞ୍ଜେଇ, ମଦ, କିଛି ବାଦ୍ ଯାଏନାହିଁ। ଘରକୁ ଫେରିଲେ ସୁନାମାଳି କବାଟ ଖୋଲେ ନାହିଁ। ତହିଁକି କେତେ କାକୁତି ମିନତି।

'ସାକ୍ଷାତ୍ କାର୍ତ୍ତିକେଶ୍ୱରଙ୍କ ଭଳି ଚେହେରା। ଖାଇ ପିନ୍ଧି ଚଳିବାପାଇଁ ଢେର୍ ଜମି। ପୁରୁଷ ପିଲା ଖଳ ସାଥିରେ ପଡ଼ି ନିଶାପାଣି କରିବାଟା ଆଚମ୍ବିତ କଥା ନୁହେଁ। ବାହାଘର ହେଲେ ମୋ ମାଳିଆ ସେ ଘରକୁ ଗଲେ ସବୁ ଠିକ୍ ହେଇ ଯିବ ମ।'

ମା'ର ସେଦିନର ସେଇ ନିଧଡ଼କ କଥା ଛାତିରେ ପଥର ଲଦୁଛି ସୁନାମାଳିର। ଅନ୍ଧାର ରାତିରେ ତା' କୋହ, ଲୁହ, ଏଇ ଅସହାୟ ଭିକାରୁଣୀ ଚେହେରା ଦେଖିବାକୁ କେହିନାହିଁ ଏଠି। କାହିଁ କେତେ କୋଶ ଦୂର ତା' ଗାଁ। ଥରେ ଘର ଛାଡ଼ି ଦେଲେ ଆଉ ପାଇବ କାହୁଁ? ଶଙ୍କରା ମନରେ କ'ଣ ଥିଲା ସୁନାମାଳି ବୁଝିପାରୁନଥିଲା। ଭେଣ୍ଡା ଟୋକାଟା କୁଆଡ଼େ କିଛି କାମ ନକରି

Digitized by srujanika@gmail.com

ସାଙ୍ଗ ସାଥିଙ୍କୁ ନେଇ ସମୟ କଟଉଛି। ସଭିଏଁ ଦେଖେଇ ଶିଖେଇ କେତେ କଥା କହନ୍ତି ସୁନାମାଳିକୁ।

ନଣଙ୍କୁ ଗାଧୋଇଗଲେ, ପାଣି ଆଣିବା ପାଇଁ ବାହାରକୁ ବାହାରିଲେ ତା' ମନ ଭାଙ୍ଗିଯାଏ। ଏମାନେ ନିଜ ଲୋକ! ସୁଖ, ଦୁଃଖ ବୁଝିବେ କ'ଣ? ଓଲଟ ଯାଉଣୁ ଆସୁଣୁ ସୁନାମାଳିକୁ ଖୁଣ୍ଟା ଦେବାରେ ଲାଗିଥିଲେ। ତା'ର ବା ଉପାୟ କ'ଣ ଥିଲା? ଶଙ୍କରା ତ କେତେ ଭାବିଚିନ୍ତି ବିଚାର କରି କହିଲା,

''ପେଟ ପୋଷି ନାହିଁ ଦୋଷି। ସହରକୁ ଯିବି, କାମ କରିବି।''

ସୁନାମାଳି ବିଶ୍ୱାସ କରି ଶଙ୍କରା ସଙ୍ଗେ ଚାଲି ଆସିଲା। ଏବେ ପସ୍ତଉଛି। ଖୁଣ୍ଟାଦେଇ କହନ୍ତୁ ପଛକେ ସେ ଚଳିବା ଭଲ ଥିଲା। ସେମିତି ସମୟ ଆଉ ପାଇବ କାହୁଁ? ଏବେ କ'ଣ ଅଛି ସେଠି? କୁଆଡ଼େ ଯିବ? ତାଙ୍କ ଢ଼ିଅରେ ଅଧା ଭଙ୍ଗା ଚାଳିଆ ଖଣ୍ଡକ ଦେଖିଲେ ମନ ଜଣା ହେବ! ଆସିବା ପରେ ଦୁଇ ବରଷ ଗଲାଣି। ଶଙ୍କରା ଗାଁ ମାଟି ମାଡ଼ିଲା ନାହିଁ। ବସି ଖାଇଲେ ଏତିକି ଧନ ସରିବାକୁ କେତେଦିନ? ପୁଣି ନାଳିପାଣିର ଅଭ୍ୟାସ। ଡାକ୍ତରଖାନାରେ ଅଧାଦିନ ପଡ଼ି ପଡ଼ି ଦେହ ସିନା ଭଲ ହେଲା। କିନ୍ତୁ ଏବେ ପଚିଶ, ଛବିଶ ବର୍ଷର ଯୁଆନ ଷାଠିଏ ବର୍ଷର ବୁଢ଼ା ଭଳି ଦିଶୁଛି। କଣ୍ଟାସାର ଦେହ, ହାତରେ ପଇସାଟିଏ ନାହିଁ। କାମ କରିବାକୁ ବଳ ପାଉନାହିଁ।

ତା' ପଶ୍ଚାତାପ ଦେଖି କୋଳ ଛୁଆ ମନୁଆକୁ ଛାଡ଼ି କାମ ଖୋଜି ବାହାରିଲା ସୁନାମାଳି। ସେଇ ଦୁଇଟା ଘରର ମା', ବାବୁଙ୍କ ମନ ନେଇ, ଗୋଡ଼ହାତ ଧରି ଗିଲ୍ବା ଖଣ୍ଡେ କରେଇଲା ଶଙ୍କରା ପାଇଁ।

ଦିନାକେତେ ସେ ଦୁହେଁ ବେଶ୍ ଖୁସୀ ଥିଲେ। ସାରାଦିନର କଷ୍ଟ ଅର୍ଜିତ ଅର୍ଥରେ ନିଜ ସଂସାର ଚଳାଇବାର ଅନ୍ୟ ଏକ ଆନନ୍ଦ। ସୁନାମାଳି ଭାବି ପାରି ନ ଥିଲା ଏତେ ଶୀଘ୍ର ଦୁଃସହ ଦୁର୍ଦ୍ଦିନମାନେ ତା'କୁ ଅପେକ୍ଷା କରିଥିଲେ, ଆସିବାର ସୁଯୋଗ ଖୋଜୁଥିଲେ।

କାଣ୍ଡଜ୍ଞାନଶୂନ୍ୟ ଶଙ୍କରା ଟିକିଏ ସୁସ୍ଥ ନହେଉଣୁ ପୁଣି ଚାଲିଲା ତା'ର ସେଇ ପୂର୍ବ ପରିଚିତ ସ୍ଥାନ ମଦଭାଟି, ଜୁଆ ଆଡ୍ଡାକୁ।

ସୁନାମାଳି ନିଜକୁ ଧିକ୍କାର କଲା, 'ଏଇ ମୋର ସ୍ୱାମୀ ସୁଖ? ସ୍ୱାମୀ ପିଲାନେଇ ଏଇ ମୋର ଘର କରିବା? ଯୋଉ ସପନ ଦେଖି ଆଗ ଦିନକୁ

Digitized by srujanika@gmail.com

ଚାହିଁ ବସିଥିଲି, ତା' ତ ମୁଠାଏ ପାଉଁଶ ହେଲାଣି। କ'ଣ ପାଇଁ ବଞ୍ଚିବି ଯେ?'

ସୁନାମାଳି ଚମକି ପଡ଼ିଲା। କିଏ ଏମିତି ବିକଳ ସ୍ୱରରେ କାନ୍ଦୁଛି? କଳା କଳା ଛାଇମାନେ ଧାଇଁ ଆସୁଛନ୍ତି ତା' ବାଳିଆ ଆଡ଼କୁ। ଗଛପତ୍ର କେତେ ବେଗରେ ହଲୁଛି।

ଏ ଶ୍ରାବଣ ଝଡ଼ ବନ୍ଦ ହେବାର ଦିଶୁ ନାହିଁ। ଅଦ୍ଭୁତ ଶବ୍ଦ ତା' ଚାରିପାଖେ।

ନା- କେହି କୋଉଠି ନାହିଁ। କିଏ କାହିଁକି ଆସିବ? ଦୁଇ ଚାରିଖଣ୍ଡ ଚିରାଲୁଗା, କେତେ ଖଣ୍ଡ କଣା ଫଟା ବାସନ। ବାସ୍ - ଅଧାଦିନ ଉପାସରେ ଥିବା କଙ୍କାଳସାର ଦେହଟା ପାଇଁ ତା'ର ଚିନ୍ତା ନାହିଁ। କେହି ଚୋର, ଚଣ୍ଡାଳ ତା' ଆଡ଼େ ମୁହଁ ଫେରାଇ ଚାହିଁବେ ନାହିଁ। ଏ ବେଳାରେ ଏ ଅଲୋଡ଼ା ଜୀବନର ଏତିକି ସୌଭାଗ୍ୟ କହିବାକୁ ହେବ।

-ଆଃ, ମୋ ବୁଆ।

ସୁନାମାଳିର ସତେକି ଚେତା ହଜିଯିବ। ମନୁଆର ବିକଳ ସ୍ୱର ତା'ର ଜ୍ଞାନ ଫେରାଇ ଆଣିଲା। ଭୟଙ୍କର ଏକ ଶବ୍ଦରେ ଆଉଥରେ ଚିତ୍କାର କଲା ସୁନାମାଳି। କେତେଦିନରୁ ପାଣି ମାଡ଼ ଖାଇ ବତୁରି ରହିଥିବା ଆର ପାଖର ମାଟିକାନ୍ଥଟି ଦୁଲ୍‌ଦାଲ୍ ଶବ୍ଦ କରି ଭାଙ୍ଗି ପଡ଼ିଲା ତା' ଶୋଇଲା ଛିଣ୍ଡା ମଶିଣା ଉପରେ।

ଠାକୁରେ ତା'କୁ ବେଳରେ ବୁଦ୍ଧି ଦେଲେ। ତା' ନହେଲେ କାନ୍ଦୁଥିବା ପୁଅକୁ କୋଳକୁ ନେଇ ଶୋଇଥିବା ଥାନରୁ ଉଠି ଆସି ଏପାଖରେ ସୁନାମାଳି ଶଙ୍କରା ଖେଳେଇଥିବା ଜିନିଷମାନ ଦରାଣ୍ଡି ଦେଖିଥାଆନ୍ତା କାହିଁକି? ମାଟି ତଳ ସରାଗାତରେ ତଥାପି ରହିଛି କେତେ ଟଙ୍କା। ଏଯାଏ ଶଙ୍କରା ଟେର୍ ପାଇ ନାହିଁ।

ପାହାଡ଼ ଭଳି ଦୁଃଖ ସୁନାମାଳିର ମନୋବଳ ଭାଙ୍ଗି ଦେଲା। 'ନା- ଆଉ ସହିପାରିବିନି। ଆଉ ବଞ୍ଚି ପାରିବିନି। ଠାକୁରେ! ବଡ଼ କଷ୍ଟ ପାଇଲି। ଖାଡ଼ା ଖାଡ଼ା ଉପାସରେ ରହି ଶଙ୍କରାଠୁଁ ବିଧା, ଗୋଇଠା ମାଡ଼ ଗାଳି ଖାଇ ଦରମରା ହୋଇ ବଞ୍ଚିରହିବା ଅପେକ୍ଷା ନଈ ପୋଖରୀର ଆଶ୍ରା ନେବା ଢେର ଗୁଣରେ ଭଲ।'

କେହି ଦେଖିବେ ନାହିଁ, କେହି ଜାଣିବେ ନାହିଁ। ସୁନାମାଳିର ଜୀବନ

Digitized by srujanika@gmail.com

ଶେଷ ହେଇଯିବ। ତା' ଜଡ଼ ଦେହ ଶେଷରେ ପଶୁ, ପକ୍ଷୀଙ୍କ ଆଧାର ହୋଇ ବାକିଟା ମାଟିରେ ମିଶିଯିବ।

ଶଙ୍କରା ଆସି ଦେଖିବ, ମାଟିକାନ୍ଥ ପଡ଼ି ମା' ପୁଅଙ୍କ ଜୀବନ ଯାଇଛି। ନିର୍ଜୀବ ଦେହକୁ କୁକୁର ବିଲୁଆ ଟାଣି ନେଇଥିବେ ମଶାଣିପଦାକୁ। ଏଥର ସେ ନିଶ୍ଚିନ୍ତ ହେବ। କଣ୍ଟା ଗଲା, ବାଧା ଦେବାକୁ କେହି ନାହିଁ।

ସୁନାମାଳି ଆଖି ପୋଛିଲା। ମନୁଆକୁ କାନ୍ଧରେ ପକାଇ ଘର ବାହାରକୁ ବାହାରି ଆସିଲା। ଘଡ଼ିଏ ଚାହିଁଲା ତା' ଉଜୁଡ଼ିଯାଉଥିବା ଘରକରଣାକୁ।

କିଏ ଯେପରି ଠେଲି ପକଉଛି, 'ଯା... ଯା ଡେରି କରୁଛୁ କାହିଁକି ?' ଆଉ କେହି କାହୁ ନାହିଁ। ସୁନାମାଳିର ଅନ୍ତର ଭିତରେ କିଏ ଅଧୀର ହୋଇ ଜୀବନକୁ ତୁଚ୍ଛ ମନେକରି ବିକଳ ହୋଇ ପଡୁଛି। ଡୁହାକୁ ଡୁହା ବର୍ଷା ମାଡ଼ି ଆସୁଛି। ଡ଼ର ଭୟକୁ ପଛ କରି ସୁନାମାଳି ଧାଇଁଛି ଆଗକୁ।

କେତେ ବାଟ ଆଉ ନଈବନ୍ଧ ? କେତେ ରାସ୍ତା ସେ ଆସିଲାଣି। କିଛି ଦିଶୁ ନାହିଁ ଏ ପାଗରେ। ବୁଲା କୁକୁରଟାଏ ବି ଭୁକୁ ନାହିଁ ତା' ଧପ୍ ଧପ୍ ଚାଲିବା ଶବ୍ଦରେ। କୋଉଠି ଆଶ୍ରା ନେଇଥିବ କାହା ବାରଣ୍ଡା ଉପରେ କି କୋଉ ଗଛମୂଳେ। ରାତି ଜଗୁଆଳି ବାହାଦୁରର ଠେଙ୍ଗା ଠକ୍ ଠକ୍, ହ୍ୱିସିଲ୍ ଶବ୍ଦ ପାଖେଇ ଆସୁଚି।

ନଈବନ୍ଧ କାହିଁ? ରାସ୍ତାରେ ଆଣ୍ଠିଏ ପାଣି। ଇଏ କାହା ବଗିଚା ? ଫାଟକ ଖୋଲା ପଡ଼ିଚି ? ଓଃ ମା' ଘର ପାଖରେ ପହଞ୍ଚି ଯାଇଛି ସେ। ମନୁଆଟା କମ୍ପି ଯାଉଛି ତା' ଛାତିରେ।

ସୁନାମାଳି ପାଣି ମାଡ଼ ଖାଇ ରାସ୍ତାଟାରେ କେତେ ସମୟ ଏମିତି ଠିଆ ହୋଇ ରହିବ ? ବଗିଚା ଭିତରକୁ ଆସି ଫାଟକଟା ବନ୍ଦ କରି ଦେଇ ଆଖପାଖ ବାରଣ୍ଡାକୁ ଉଠି ଆସିଲା ସେ। ଠାକୁରେ ଦେଲା ପରି ଚିରା ଶୁଖିଲା ପାଲଖଣ୍ଡେ କିଏ ତା' ପାଇଁ ରଖି ଦେଇଛି ଏଠି। ହେଇଥିବ ସାନବାବୁ ରାସ୍ତାରୁ ଗୋଟେଇ ଆଣି କୁକୁର ଛୁଆଟିଏ ଶୁଆଇଥିବେ ଏଇଠି। ତେବେ ଏ ପାଲ ଖଣ୍ଡିକ ଏବେ କାମକୁ ଆସିବ।

ମନୁଆ ଦେହରୁ ଓଦାଲୁଗା ବାହାର କରି ତା'କୁ ସେଇ ପାଲରେ ଗୁଡ଼େଇ ଶୁଆଇ ଦେଲା ସୁନାମାଳି। ନିଜ ଓଦାଲୁଗା ଖଣ୍ଡକ ଚିପୁଡ଼ିଦେଇ ବସି ରହିଲା

Digitized by srujanika@gmail.com

ପୁଅ ପାଖରେ ।

'କି ବୁଦ୍ଧି କରୁଥିଲି ରେ ଧନ? ଆଜି ତତେ ଭସେଇ ଦେଇଥାଆନ୍ତା ତୋ ମା' ଡଙ୍କୁଣୀ ।' ନା'ରେ ବାପା, ଆମେ ବସ୍‌ରେ ବସି ଗାଁକୁ ଚାଲିଯିବା । ତୋ ମାମୁ ଘରକୁ ଯିବୁ । ବାପା, ମା', ଭାଇ ଭାଉଜଙ୍କ ପାଖରେ ରହି ବିଲ ବାଡ଼ିରେ କାମଧନ୍ଦା କରି ମୋ ପୁଅକୁ ମୁଁ ମଣିଷ କରିବି । ଶଙ୍କରା ଏବେ ବୁଝୁ ତା' କଥା । ତା' ବାଟରେ ସେ ଚାଲୁ ଥାଉ । ଏଠୁଁ ପଳେଇ ଗଲେ ସର୍ଭିଙ୍କ ମଙ୍ଗଳ ।'

ସୁନାମାଳି ଆଖିରୁ ଲୁହ ଝରୁଛି । ଦୁଃଖ, ବିରହ, ପୁଣି ମନୁଆକୁ ନେଇ ଗାଁକୁ ଫେରିବାର ଆନନ୍ଦ, ତା'ର ଅଶାନ୍ତ ପ୍ରାଣକୁ ଅସ୍ଥିର କରୁଛି ।

-ହେ, ସୁନାମାଳି, ଆଜି ପୁଅ କଥା ମନେ ପଡୁନି କିଲୋ? କ'ଣ ଦେଖୁଛୁ?

ସୁନାମାଳି ହସିଲା, ମା'ଙ୍କୁ ଉତ୍ତର ଦେଲା ନାହିଁ । ପାଣି ବାଲ୍‌ଟି, କନା ନେଇ ଘର ଚଟାଣ ପୋଛୁଛି । ସେଇଠି ଚଟାଣ ଉପରେ ଓଦାକନାରେ ହାତ ଲାଖି ରହିଛି । ସେ ଚାହିଁଛି ଟେଲିଭିଜନ୍‌କୁ ।

ନାଲି, ଧଳା, ଶାଗୁଆ ପ୍ୟାଣ୍ଟ, ସାର୍ଟ ପିନ୍ଧି ସ୍କୁଲ୍, କଲେଜ ପିଲାମାନେ ଧାଡ଼ି ଧାଡ଼ି ହୋଇ ଚାଲିଛନ୍ତି । ତ୍ରିରଙ୍ଗା ପତାକା ଉଡୁଛି । ସେମାନଙ୍କ ସଂଗୀତ ତା' ଅନ୍ତର ଛୁଇଁ ଯାଉଛି ।

-ଦେଖ୍‌ଲୋ ଦେଖ୍, ତୁମରି କଥା କହୁଛନ୍ତି ନେତା । ଦେଶ ସ୍ୱାଧୀନତା ପାଇବାର ପଚାଶ ବର୍ଷ ହେଲା । କେତେ କଥା ହବ ।

ମା'ଙ୍କୁ ବଡ଼ ବଡ଼ ଆଖିରେ ଚାହିଁ ରହିଲା ସୁନାମାଳି । ଏସବୁ କଥା କିଛି ତା' ମୁଣ୍ଡରେ ପଶିଲା ନାହିଁ ।

ଏଁ? ଏଡ଼େ ଲମ୍ବା ସୁନାହାରଟାଏ ମୂଲିଆଣୀ ଝିଅଟା ବେକରେ ପିନ୍ଧେଇ ଦେଲେ ନେତା ବାବୁ? ଫାଉଡ଼ାରେ ମାଟି ଉଠେଇ କରେଇରେ ରଖି ବୋହି ନେଲା ଝିଅଟି । କେତେ ଲୋକ ଚାଲିଛନ୍ତି ତା' ସାଙ୍ଗରେ । ପଡ଼ିଆ ମଝିରେ କରେଇରୁ ମାଟି ପକେଇଲା ସେ ।

ତାଳି ମାଡ଼, ଜୟ ହିନ୍ଦ୍ ଚିତ୍କାର । ନେତାଙ୍କ ବେକରେ ଫୁଲ ମାଳ ।

Digitized by srujanika@gmail.com

-ଦେଖିଲୁ ତ, ସେଇଠି ହବ ତୁମମାନଙ୍କ ପାଇଁ ବିରାଟ ଦଶତାଲା କୋଠାଘର। ସେ ପଚା ବସ୍ତିରେ ଆଉ ରହିବ ନାଇଁ ମ ତୁମେ ସବୁ। କଳପାଣି, ଇଲେକ୍ଟ୍ରିକ୍ ଲାଇଟ୍, ସମସ୍ତଙ୍କୁ କାମଧନ୍ଦା ଦିଆଯିବ ଲୋ ସୁନାମାଳି। ଦେଶ ସ୍ୱାଧୀନ ହେଲା, ଏଇ ପରା ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ପାଳନ ହଉଚି। ବୁଝିଲୁ ତ।

ସୁନାମାଳି କ'ଣ ବୁଝିବ? ମା'ଙ୍କୁ କ'ଣ ବା ପଚାରିବ? ସ୍ୱାଧୀନତା, ଅଗଷ୍ଟ ପନ୍ଦର, କ'ଣ ଏମିତି କଥା ଯେ?

ପିଲାମାନଙ୍କ ଧାଡ଼ି ଆଗେଇ ଆସୁଛି।

ସାରେ ଯହାଁସେ ଆଚ୍ଛା.... ବନ୍ଦେ ମାତରମ୍...

ସୁନାମାଳିର ଛାଇ ଛାଇକା ନିଦ ହଠାତ୍ ଭାଙ୍ଗିଗଲା। ସପନ ଛାଏଁ ଲିଭିଗଲା। ଆଗଦିନ ଟେଲିଭିଜନ୍‌ରେ ଶୁଣିଥିବା ଗୀତ କାନରେ ବାଜୁଛି। ଫର୍ଚା ହୋଇ ଆସିଲାଣି। ପିଲାମାନେ କି ସୁନ୍ଦର ଗାଉଛନ୍ତି? ପାଖରାସ୍ତାରେ ଚାଲିଛନ୍ତି ସେମାନେ।

-ସୁନାମାଳି... ସୁନାମାଳି ଲୋ?

କାହାର ଏ ବିକଳ ସ୍ୱର? ତା' ଅନ୍ତର ମନ୍ଥି ପକଉଛି। କିଏ ତା'ର ଅଛି ଯେ ତା'କୁ ଖୋଜି ଆସିଛି?

ଫାଟକ ସେ ପାଖରେ ରିକ୍ସାଟାଏ। ଶଙ୍କରା ଫାଟକ ଧରି ଠିଆ ହୋଇଛି। ତା' ଆଖିରୁ ଝରି ଯାଉଛି ଧାର ଧାର ଲୁହ।

''ତୁ ବଞ୍ଚିଛୁ? ମୋ ମନୁଆ କାହିଁ ଲୋ? ଆଉ ଦିନେ ଏ କାମ କରିବି ନାହିଁ। ନା, ମଦପାଣି ଛୁଇଁବି ନାହିଁ। ହେଇଟି ମୋ ରାଣ। ମୋ ପୁଅ ମୁଣ୍ଡ ଛୁଉଁଛି।''

ଶଙ୍କରା ଅଧିକ କିଛି କହିପାରୁନାହିଁ। ତା'ଠୁଁ ସୋର୍ ଶବଦ ହଜି ଯାଉଛି କି? ଏମିତି ଚାହିଁଛି କାହିଁକି? ସୁନାମାଳି ତା' ଆଖିର ଭାଷା ବୁଝି ପାରୁଛି।

ଏବେ ଫାଟକ ଖୋଲି ସୁନାମାଳି ପାଖକୁ ଆସି ପୁଅକୁ କାନ୍ଧରେ ଶୁଆଇଲା ଶଙ୍କରା।

ସୁନାମାଳି ନିରବରେ ରିକ୍ସାରେ ବସିଲା।

□□

Digitized by srujanika@gmail.com

# ଭିନ୍ନ ଆକାଶ

ସତ୍ୟଜିତ୍ ଆସିବ। ଏ ଖବରଟି ପାଇବାପରେ ସ୍ୱରୂପା ନିଜ ଉପରୁ ସମସ୍ତ ଅଖ୍ତିୟାର ହରାଇଥିଲା। କେତେଦିନ ପର୍ଯ୍ୟନ୍ତ ସଫା ହୋଇନଥିବା ଘର ଚଟାଣର ସେଇ କାର୍ପେଟ୍‌ରେ ଶୋଇରହି ଶୂନ୍ୟ ଛାତକୁ ଚାହିଁ ରହିଥିଲା। ନିଜକୁ ନିଜେ ପ୍ରଶ୍ନ କରୁଥିଲା, ଏ କଥା କ'ଣ ସତ? ସେ ନିଶ୍ଚୟ ଆସିବ ତ?

ସେ ଆସିବା ପାଇଁ ଚବିଶ ଘଣ୍ଟା ବି ବାକି ନାହିଁ ଯେ? ସ୍ୱରୂପା ଏମିତି ଅଥର୍ବ ହେଲେ ଚଳିବ? ଏମିତି ଭାବରେ ତାକୁ ଦେଖିଲେ କ'ଣ ଭାବିବ ସତ୍ୟଜିତ୍?

ଏବେ କଫି କପ୍‌ଟି ହାତରେ ଧରି ଝରକା ପାଖକୁ ଉଠିଗଲା ସ୍ୱରୂପା। ସାମନାରେ ଲମ୍ବିଯାଇଥିବା ରାସ୍ତାକୁ ଚାହିଁ ଘନ ଘନ ଦୀର୍ଘଶ୍ୱାସ ନେଉଥିଲା।

ଚିଠି ପାଇବାପରେ ନିରୁତ୍ତର ରହିଲା କାହିଁକି? ବହୁତ ଦିନ ପରେ ତା'ଠାରୁ ଉତ୍ତର ପାଇଲା ଅଥଚ ଅତି ସଂକ୍ଷିପ୍ତ। ବିଶ୍ୱାସ ନ ଥିଲା ସେଇ ଦୀର୍ଘ ଚିଠିଟି ସେ ପଢ଼ିବ! ଧୈର୍ଯ୍ୟ ରହିଲା ନାହିଁ ସ୍ୱରୂପାର। ସେ ଫୋନ୍ ଡାୟଲ୍ କଲା। ଟେଲିଫୋନ୍‌ରେ କଥା କହିବା ସମୟରେ ସ୍ୱରୂପା ପ୍ରତି ତା'ର ମନୋଭାବ କ'ଣ ହୋଇପାରେ ଏ ବିଷୟରେ ଅନେକ ଭାବିଲା ସେ। ସତ୍ୟଜିତ୍‌ର କଥାବାର୍ତ୍ତାରୁ କିଛି ଅନୁମାନ କରିବା କଷ୍ଟକର ଥିଲା।

-ହଁ, ମୁଁ ସତ୍ୟଜିତ୍ ଶ୍ରୀବାସ୍ତବ।

ଚିଠି ପାଇଛି। ବ୍ୟସ୍ତ ଥିଲି। ଆପଣଙ୍କ ଠିକଣା, ଟେଲିଫୋନ୍ ନମ୍ବର ନୋଟ୍ କରି ରଖିଲି।

Digitized by srujanika@gmail.com

-ଶୀଘ୍ର ଦେଖାହେଲେ ଭଲ।

-ଦେଖା ହେବ ତ। ମୁଁ ଆସିବି।

ତା'ପରେ ନିର୍ଦ୍ଦିଷ୍ଟ ଦିନ, ନିର୍ଦ୍ଦିଷ୍ଟ ତାରିଖ ସହଜ ଭାବରେ ଛଣାଇଲା ସତ୍ୟଜିତ୍।

ଭାଗ୍ୟ, ଭବିତବ୍ୟ, ପାପ, ପୁଣ୍ୟ ଏମିତି କିଛି ଶବ୍ଦ ସହ ସଂପର୍କ କେବେ ବି ନ ଥିଲା ସ୍ୱରୂପାର। ଏସବୁ ପ୍ରତି ସେ ଗୁରୁତ୍ୱ ଦେଇ ନାହିଁ। ଯାହା କିଛି ଚିନ୍ତା, ବିଚାର, ପରୀକ୍ଷା, ନିରୀକ୍ଷା ତା'ର ପାଠକୁ ନେଇ। ସେଇଥିରେ ତା' ଜୀବନର ସମସ୍ତ ସମୟ ବିତିଯାଇଛି। ଏବେ ମଧ୍ୟ ଶିକ୍ଷା ଓ ଶିକ୍ଷା ଅନୁଷ୍ଠାନମାନେ ତା'କୁ ବାନ୍ଧିରଖିଛନ୍ତି। ସେ ଏସବୁ ନେଇ ଚିର ଜଂଜାଳଗ୍ରସ୍ତ।

ପଛ ଦିନମାନେ ଅତିଷ୍ଠ କରୁଛନ୍ତି ସ୍ୱରୂପାକୁ। ସତେ ଯେପରି ନିଜ ସଂପର୍କରେ ଭାବି ସୁଖ, ଦୁଃଖ ସଂଗ୍ରହ କରିବା ପାଇଁ ସମୟ ପାଇ ନ ଥିଲା ସ୍ୱରୂପା। କିନ୍ତୁ କ'ଣ ଆଉ କରିବାର ଥିଲା ? ପ୍ରବୀର ତା'ଠୁଁ ମୁହଁ ଲୁଚେଇ ବୁଲୁଥିଲା।

ସାରାଦିନର କ୍ଳାନ୍ତିପରେ ତଥାପି ଦୀର୍ଘ ରାସ୍ତା ଗାଡ଼ି ଚଳାଇ ଘରକୁ ଫେରିଆସି ସେ କ'ଣ ଦେଖେ ?

ଏ ଘର ତା'କୁ ସ୍ୱାଗତ କରେ ନାହିଁ। ହୀରା ବ୍ୟବସାୟୀ ପ୍ରବୀର ମାଲହୋତ୍ରା ଘରକୁ ଫେରିଆସି ସ୍ୱରୂପା ପହଞ୍ଚିବାର ପାଞ୍ଚମିନିଟ୍ ପୂର୍ବରୁ ବିଳମ୍ବରାତ୍ରିର କ୍ଲବ୍‌ରେ ସମୟ ବିତାଇବାକୁ ଯାଇସାରିଥାଏ। ସ୍ୱରୂପା ପୂର୍ବରୁ ଟେଲିଫୋନ୍ କରି କହିଥାଏ ସେ ପହଞ୍ଚୁଥିବା ଖବର ଏବଂ ନିର୍ଦ୍ଦିଷ୍ଟ ସମୟ ମଧ। ତଥାପି ଶୂନ୍ୟଘର ! ହଲ୍‌ଘରେ ବସି ଟେଲିଭିଜନ୍ ଦେଖୁଥିବା ପ୍ରବୀରର ମା' ସ୍ୱରୂପାକୁ ନ ଦେଖିବା ଭଳି ନିଜ ଶୋଇବା ଘରକୁ ଚାଲିଯାଆନ୍ତି।

କାହାକୁ କ'ଣ କହିବ ସ୍ୱରୂପା ? ତା' କଥା ଶୁଣିବାରେ, ସେ ପହଞ୍ଚିବାରେ ଆଗ୍ରହୀ ହେବା ମଣିଷ କିଏ ଥାଏ ସେ ଘରେ ? ଝିଅ ଦୁହେଁ ହଷ୍ଟେଲରେ। ୟୁରୋପର ସେଇ ସ୍କୁଲ୍, ଘରଠାରୁ ଅଧିକ ଯତ୍ନ ପାଇ ମଣିଷ ହେଉଥିବା, କଣ୍ଢେଇ ଭଳି ତା'ର ଅଲିଅଳ ରାଜକୁମାରୀ ଦୁଇଟିଙ୍କର ହସ ଖୁସି ଚେହେରା, ମା'କୁ ଦେଖି ବହୁଦିନର ସଂଚିତ କଥାବାର୍ତ୍ତା, ଏସବୁ ମନେ ପକାଇ ନିଜକୁ ସାନ୍ତ୍ୱନାଦିଏ ସ୍ୱରୂପା। ସେ ଖୁସିରେ ଅଛି। ଏତିକି ପ୍ରାଚୁର୍ଯ୍ୟ କାହା ଜୀବନରେ କିଏ ଅଧିକାର କରି ପାରୁଚି ?

ରାତି ଶେଷ ହୁଏ। ପ୍ରବୀର କେତେବେଳେ ବିଛଣାକୁ ଆସେ, ସକାଳେ

Digitized by srujanika@gmail.com

ଉଠି ପ୍ରସ୍ତୁତ ହୋଇ ବାହାରିଯାଏ, ତା' ଜାଣିପାରେ ନାହିଁ ସ୍ୱରୂପା ।

କ୍ୱଚିତ୍ ଏମିତି ଗାଧୋଇବା ଘରୁ ଆସୁ ଆସୁ କିମ୍ବା ତରତର ପୋଷାକ ପିନ୍ଧି ବାହାରିବା ସମୟରେ ସେମାନେ ପରସ୍ପରକୁ ଚାହିଁ ଦିଅନ୍ତି ପରିଚିତ ଲୋକ ଭଳି ।

-ହାଏ ସ୍ୱରୂପା, ଇୟୁ ଆର୍ ସୋ ଲେଟ୍ ?

-ଏ ଦୁଇଦିନ ମୋର ଛୁଟି, ଅଥଚ ତୁମେ ବ୍ୟସ୍ତ ଅଛ ଦେଖୁଚି !

-ଉପାୟ ନାହିଁ । ମମିକୁ ନେଇ ପ୍ୟାରିସ୍ ଚାଲିଯାଉଛି । ମନ୍‌ଡ଼େରେ ଫେରିବି । ସାନ ମାମା ଆସିଛନ୍ତି । ଭାଇକୁ ଦେଖିବାପାଇଁ ମମିଙ୍କ ଉତ୍କଣ୍ଠା !

ଦୀର୍ଘ ସପ୍ତାହକ ପରେ ଫେରିଛି ସ୍ୱରୂପା । ଦିନଟିଏ ଯାଇ ଝିଅ ଦୁହିଁଙ୍କୁ ଦେଖି ଆସିଛି । ପ୍ରବୀରଙ୍କର ଏ ସବୁ ଜାଣିବା ପାଇଁ କୌଣସି ଆଗ୍ରହ ଥିବା ଭଳି ମନେ ହେଲା ନାହିଁ ।

ଅନ୍ତରଂଗତାବିହୀନ ଏ ଘର । ପହଞ୍ଚିବା ପରଦିନ ହିଁ ଫେରିଆସେ ସ୍ୱରୂପା । ସେତେବେଳେ ହୃଦୟଭର୍ତ୍ତି ନୈରାଶ୍ୟ ତାକୁ ଆଚ୍ଛନ୍ନ କରି ରଖିଥାଏ ।

ପ୍ରବୀରର ବେପରୱା ଭାବ, ଖାପଛଡ଼ା କଥା । କିପରି ମନେହୁଏ ଏ ଅନ୍ୟଜଣେ ସ୍ୱରୂପା ଏବଂ ଆଉ କିଏ ପ୍ରବୀର ! ଏମିତି ସାଧାରଣ ଭାବରେ ଦୁହିଁଙ୍କ ମଧ୍ୟରେ ଆଳାପ ହୁଏ ଖୁବ୍ କ୍ୱଚିତ୍ । କୌଣସି ଏକ ବଡ଼ଛୁଟିରେ ପିଲାମାନଙ୍କୁ ନେଇ ଆସେ ସ୍ୱରୂପା । ପ୍ରବୀରକୁ ଯଥେଷ୍ଟ ପୂର୍ବରୁ କହିଥିଲେ ମଧ୍ୟ ସେ ସମୟ କରିପାରେ ନାହିଁ । ଆବଶ୍ୟକୀୟ କିଛି ଅର୍ଥ ପଠାଇଦେଇ କ୍ଷମା ମାଗିନିଏ ସ୍ୱରୂପା ପାଖରୁ ।

ବହୁତ ଦିନ ତଳେ ସ୍ୱରୂପା ଏମିତି କିଛି ଆଶଙ୍କା କରି ତାକୁ ପଚାରିଥିଲା, ସେତେବେଳେ ସ୍ୱରୂପାକୁ ନିଜର କରିବା ପାଇଁ ପ୍ରବୀର ନିଜ ଜୀବନ ଦାନ କରିବା ପ୍ରସ୍ତାବ ଦେଇଥିଲା ତାକୁ ।

-ଦେଖ ପ୍ରବୀର, ମୋର ବାପା ବ୍ୟବସାୟୀ ହ୍ୱାଇଁ କରିବାକୁ ଆଦୌ ଚାହାନ୍ତି ନାହିଁ । ସେ ମୋତେ ଜଣେ ବ୍ରିଲିୟାଣ୍ଟ୍ ସ୍କଲାର୍ ଭାବେ ଗଢ଼ିବାକୁ ଇଚ୍ଛା କରିଛନ୍ତି ପିଲାଦିନରୁ ।

-ମୁଁ ସାର୍‌ଙ୍କୁ କହିଛି, ମୁଁ ତ ବାହାରେ ପି.ଏଚ୍.ଡ଼ି କରିବାକୁ ଯିବି, ସେ ଚାନ୍ସ୍ ମୋର ଅଛି । ତୁମ ଭଳି ପ୍ରଜ୍ଞାମୟୀଙ୍କ ପାଇଁ ଅବଶ୍ୟ ସୁଯୋଗ ଅପେକ୍ଷା

Digitized by srujanika@gmail.com

କରି ରହିଛି ।

ସ୍ୱରୂପାର ବାପା ପ୍ରଫେସର୍ ଶ୍ରୀବାସ୍ତବ ପ୍ରଥମେ ସହଜରେ ଗ୍ରହଣ କରିପାରିନଥିଲେ ସ୍ୱରୂପା, ପ୍ରବୀରଙ୍କର ଏ ମିଳାମିଶା । କିନ୍ତୁ ପ୍ରବୀର ଯେ ବ୍ୟବସାୟ ନୁହେଁ, ଗବେଷଣାରେ ମନ ଦେବ, ଏ ବିଷୟ ଜାଣିବା ପରେ ତାଙ୍କର ଏବଂ ଶ୍ରୀମତୀ ଶ୍ରୀବାସ୍ତବଙ୍କର କିଛି ଭାବିବାର ନଥିଲା । ବିବାହ ବିଳମ୍ବ ହେଉଥିଲା । ସେମାନଙ୍କ ପାଠପଢ଼ା ଏବଂ ପରୀକ୍ଷା ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବାର ନିଷ୍ପତ୍ତି ନେଇଥିଲେ ଦୁଇଟି ପରିବାର । ସ୍ୱରୂପା ଜୀବନରେ ଦେଖା ଦେଇଥିବା ଏଇ ନୂଆ ସମସ୍ୟାଟିକୁ ପ୍ରବୀରର ଖାନଦାନ୍ ପରିବାର, ବିଧବା ମା' ଯେ ଆଦୌ ଗ୍ରହଣ କରିପାରିବେ ନାହିଁ, ଏହି ବିଷୟନେଇ ଚିନ୍ତିତ ହୋଇ ପଡ଼ିଲେ ପ୍ରବୀର, ସ୍ୱରୂପା ।

ଅବାଞ୍ଛିତ ମାତୃତ୍ୱ ! ଜଣେ କୁମାରୀ କନ୍ୟାର ସନ୍ତାନ ! ପ୍ରବୀରର ପରିବାରକୁ ଏଭଳି ଜଣେ ଝିଅ ନବବଧୂ ହୋଇ ଆସିବା, ସେମାନଙ୍କ ପାଇଁ ଚରମ ଅପମାନର ବିଷୟ ହୋଇ ରହିବ । ପ୍ରବୀରର ମା' ବିଶିଷ୍ଟ ସମାଜସେବୀ ଶ୍ରୀମତୀ ମାଲ୍‌ହୋତ୍ରା ଏ ସହର, ଏ ରାଜ୍ୟରେ ମୁହଁ ଦେଖାଇ ପାରିବେ ନାହିଁ।

ସ୍ୱରୂପା କିନ୍ତୁ ତା' ଜିଦ୍‌ରେ ଅଟଳ ଥିଲା ।

-ଜନ୍ମ ନେବାକୁ ଯାଉଥିବା ଦେବଶିଶୁଟି ଅବାଞ୍ଛିତ ହେଲା କିପରି ? ସେ ତ ଆମ ଦୁହିଁଙ୍କର ପିଲା !

ସ୍ୱରୂପା ଏବେ ନିଶ୍ଚିନ୍ତ ଭାବରେ ନିଜର ଯତ୍ନନେଇ ପରୀକ୍ଷା ପାଇଁ ପଢ଼ାପଢ଼ିରେ ମନ ଦେଲା । ତା'ର, ପ୍ରବୀର ମଧ୍ୟରେ କ'ଣ କଥାବାର୍ତ୍ତା ହେଲା, ସେ ବିଷୟ ଶ୍ରୀବାସ୍ତବ, ମାଲହୋତ୍ରାଙ୍କ ପରିବାରରେ କେହି ଜାଣିଲେ ନାହିଁ।

ଅବଶ୍ୟ ପରୀକ୍ଷା ପରେ ଦେଖାଦେଲା, ସ୍ୱରୂପା ଏବଂ ମିସେସ୍ ଶ୍ରୀବାସ୍ତବଙ୍କୁ ନେଇ ପ୍ରବୀର ବିଦେଶ ଭ୍ରମଣରେ ବାହାରି ଯାଉଥିଲା ।

ଏଭଳି ଗ୍ରୀଷ୍ମଋତୁରେ ସ୍ୱରୂପା, ପ୍ରବୀରଙ୍କର ବିବାହ ପୂର୍ବର ଏପରି ବିଦେଶ ଯାତ୍ରା ସାଙ୍ଗମାନଙ୍କର ଈର୍ଷାର କାରଣ ହୋଇଥିଲା ସେତେବେଳେ ।

ସେମାନେ ମନେ କରୁଥିଲେ, ସ୍ୱରୂପା ନିଶ୍ଚୟ ୟୁରୋପ ଆମେରିକାର ସୁନ୍ଦର ଗ୍ରୀଷ୍ମଋତୁ ଉପଭୋଗ କରୁଛି ବିବାହ ଜଂଜାଳ ଆସିବା ପୂର୍ବରୁ ।

ଅଥଚ ସେତେବେଳେ ? କୋଉଠି ଜନ୍ମନେଲା ସେ ଶିଶୁଟି ? ପ୍ରବୀର ପ୍ରସ୍ତାବ

Digitized by srujanika@gmail.com

ଦେଲା, ''ଯେଉଁମାନେ ନିଃସନ୍ତାନ ତାଙ୍କୁ ଦେଇ ଦିଅ।''

ସ୍ୱରୂପାର ହୃଦୟରୁ କିଏ ଯେପରି କରୁଣ ସ୍ୱରରେ ବିଳାପ କରୁଥିଲା। ତଥାପି ମନରେ ଦୃଢ଼ତା, ''ଧନରେ, ତତେ ମୁଁ ଗଢ଼ିବି ସୁନ୍ଦର ମଣିଷ କରି, ତୁ ଏ ଅପଦାର୍ଥ ଆବିଳତାମୟ ଅମଣିଷଙ୍କ ଗହଣରେ ଅଣନିଶ୍ୱାସୀ ହୋଇଯିବୁ ରେ, ବାବୁ।''

ସେମାନଙ୍କୁ ଛାଡ଼ି ଦୀର୍ଘଦିନ ପାଇଁ ପ୍ରବୀର ତା' ବ୍ୟବସାୟ କେନ୍ଦ୍ର ୟୁରୋପର ଆଣ୍ଟୱର୍ପ ସହରକୁ ଚାଲିଯାଇଥିଲା। ଏବଂ ମିସେସ୍ ଶ୍ରୀବାସ୍ତବ ଫେରିଆସିଥିଲେ ଭାରତ। ସ୍ୱରୂପା ସମସ୍ତଙ୍କ ସହ ଟେଲିଫୋନ୍‌ରେ ସଂପର୍କ ରଖିଥିଲା। ଅଥଚ ସେଇ କ୍ଷୁଦ୍ର ସହରଟିରେ ସେ ରହିଗଲା ଦୀର୍ଘ କେତେ ମାସ।

ପ୍ରବୀର ଫେରିଆସେ ତା'ର ବ୍ୟବସାୟ ସଂକ୍ରାନ୍ତୀୟ କାର୍ଯ୍ୟ ଶେଷ କରି। ସ୍ୱରୂପା ତା'ର ଜିନିଷ ସଜାଡ଼ି ଦେଶକୁ ଫେରିଯିବାର ବ୍ୟବସ୍ଥା କରି ଅପେକ୍ଷାକରି ରହିଥାଏ।

ପ୍ରବୀରର ଏଇ ରୂପଟି ପ୍ରତି ସ୍ୱରୂପାର ଶ୍ରଦ୍ଧା ପରିବର୍ତ୍ତେ କିପରି ଦୟା ଜାତ ହେଉଥିଲା। ସେ ପିଲାଟାକୁ କାହାକୁ ଦେଇ ସ୍ୱରୂପା? ଏମିତି କିଛି ପ୍ରଶ୍ନ ପଚାରି ସେ ଖୁସିରେ ଉଚ୍ଛୁଳି ଉଠି କହେ, ''ଓଃ ମମିଙ୍କ ପାଇଁ ଆଉ ଚିନ୍ତାନାହିଁ। ଆମେ ଏବେ ନିଷ୍କଳଙ୍କ, ତୁମେ କିନ୍ତୁ ନିଜର ଯତ୍ନ ନିଅ। ଆଉ କିଛି ଟଙ୍କା ଦରକାର କି?''

ସ୍ୱରୂପାର ପ୍ରଚୁର ଅର୍ଥ ଆବଶ୍ୟକ ହୋଇଥିଲା। ସେଦିନ ପ୍ରବୀରର ଏହିପ୍ରକାର ଫାଙ୍କା କଥାରେ ଆଦୌ ଗୁରୁତ୍ୱ ନଦେଇ ବରଂ ଆଗାମୀ ଭବିଷ୍ୟତର ଜୀବନରେ ଏଇ ସମସ୍ତଙ୍କ ପ୍ରତି ତା'ର କର୍ତ୍ତବ୍ୟର ତାଲିକା ପ୍ରସ୍ତୁତ କରିଥିଲା ସ୍ୱରୂପା।

ସେଦିନର ସେଇ ଶିଶୁ ସନ୍ତାନଟିର ଦାୟିତ୍ୱ କାହାକୁ ଦେଲା ସ୍ୱରୂପା? ନିଜେ କେବେ ତାକୁ ଦେଖିଆସେ କି ନା? ଏବଂ ବିଦେଶର ବିଶ୍ୱବିଦ୍ୟାଳୟରେ ଜଣେ ଅତ୍ୟନ୍ତ ପ୍ରଜ୍ଞାମୟୀ ଅଧ୍ୟାପିକା ଭାବରେ ତା'ର ଯେଉଁ ପ୍ରସିଦ୍ଧି, ଏହା ତା'ର ବାପା ପ୍ରଫେସର ଶ୍ରୀବାସ୍ତବଙ୍କୁ ସନ୍ତୋଷ ଦେବା ପାଇଁ କିମ୍ୱା ସ୍ୱରୂପାର ଆଉକିଛି ଉଦ୍ଦେଶ୍ୟ, ଯାହାକି ସେ କାହାପାଖରେ ଏ ପର୍ଯ୍ୟନ୍ତ ପ୍ରକାଶ କରିନାହିଁ, ଏସବୁ ନେଇ ଦୁଇ ପରିବାରର କେହି ଚିନ୍ତା କରି ନଥିଲେ କେବେ।

ସ୍ୱରୂପା ପାଖରେ ପ୍ରବୀର ଯେବେ ତା'ର ପରିବର୍ତ୍ତିତ ପ୍ରସ୍ତାବଟି ଉଠାଏ

Digitized by srujanika@gmail.com

ଅର୍ଥାତ୍ ଦିନେ ଏମିତି ସପ୍ତାହ ଶେଷରେ ଛୁଟିଦିନରେ ପ୍ରବୀର କହେ, ''ଯଦି କିଛି ନ ଭାବିବ, ମୁଁ କହିବି, ଏସବୁ ରିସର୍ଚ୍ଚ କାର୍ଯ୍ୟ ନ କରି ବରଂ ମୁଁ ବ୍ୟବସାୟରେ ମନ ଦେବା ଭଲ। ମମିଙ୍କୁ ତ ଜାଣ। ଖୁବ୍ ବାଧ କରୁଛନ୍ତି ସବୁବେଳେ।''

''ନା... ନା, ମୁଁ କିଛି ଭାବିବି ନାହିଁ। ତୁମେ ନିଜ ଖୁସିରେ ଯାହା କରିବ ଭଲ।'' ସ୍ୱରୂପା ପଛକଥା ସବୁ ଭୁଲିଯାଇଥିଲା। କେହି କୋଉଠି ଦୁଃଖ ନ ପାଆନ୍ତୁ। ଅନ୍ତତଃ ତା' ପାଇଁ କୋଉଠି କିଛି ଅସୁବିଧା ନ ହେଉ ତା' ସଂସାରରେ, ଏମିତି କିଛି କଥା ସେ ଖୁବ୍ ଭାବିଥିଲା ସେତେବେଳେ।

କିନ୍ତୁ ହଠାତ୍ ଦିନେ ଖବର ନଦେଇ ସ୍ୱରୂପାର ଆପାର୍ଟମେଣ୍ଟରେ ପହଞ୍ଚି ତାକୁ ଆଶ୍ଚର୍ଯ୍ୟ କରିଦେଲା ପ୍ରବୀର। ଗୋଟିଏ ମୁହୂର୍ତ୍ତରେ ସ୍ୱରୂପା କେତେ କ'ଣ ଭାବିନେଲା। ବିଚରା ପ୍ରବୀର, ନିଜ ବ୍ୟବସାୟ କାମନେଇ ଏତେ ବ୍ୟସ୍ତତା ସେଠି, ହୁଏତ ସ୍ତ୍ରୀ, ଝିଅ ଦୁହିଁଙ୍କୁ ଦେଖିଯିବାକୁ, ଟିକିଏ ସମୟ ବିତାଇବା ପାଇଁ ଧାଇଁ ଆସିଛି ଏତେଦୂର।

ସେପରି କିଛି ଉତ୍‌ଫୁଲ୍ଲ ଭାବ ପ୍ରବୀରକୁ ଆଚ୍ଛନ୍ନ କରିନଥିଲା। ସେରାତିରେ ଘରେ ଡିନର୍ ନଖାଇ 'ଚାଲ ବାହାରକୁ ଯିବା' ଏମିତି କିଛି ଧୀରେ କହିଥିଲା ପ୍ରବୀର। ସ୍ୱରୂପା କହିଲା, ''ବହୁତ ଦିନ ପରେ ଆସିଛ। ବରଂ ଆଜି ବାହାରକୁ ନଯାଇ ଘରେ ରହିବା, କାଲି ମୁଁ ଛୁଟି ନେଇଆସିବି। ଆମ ପ୍ରିନ୍‌ସେସ୍ ଦୁହେଁ ଅପେକ୍ଷା କରିଥିବେ। ମୁଁ ସକାଳେ ସେମାନଙ୍କୁ ଫୋନ୍ କରିବି, ସେଇଠିକି ଚାଲିଯିବା।''

ପ୍ରବୀର ଉତ୍ତର ଦେଲା ନାହିଁ, ରାତି ଖାଇବା ଶେଷ ହେବା ପରେ ଶେଷହୋଇ ନ ଥିବା ପାନୀୟ ଗ୍ଲାସ୍ ଦୁଇଟି ଧରି ସେ ଦୁହେଁ ପାଖ କୋଠରୀକୁ ଚାଲି ଆସିଥିଲେ।

''ତୁମେ ମୋତେ ଭୁଲ ବୁଝିବ ନାହିଁ, ସ୍ୱରୂପା। ମମି ଖୁବ୍ ଜିଦ୍ କରୁଛନ୍ତି।''

''କୋଉ ବିଷୟରେ?'' ସ୍ୱରୂପା ଆଦୌ ବିଚଳିତ ନହୋଇ ପଚାରିଲା।

''ତାଙ୍କର ଉତ୍ତରାଧିକାରୀ ନିତାନ୍ତ ଆବଶ୍ୟକ।''

''ତାଙ୍କର ନା' ତୁମର?''

''ଏ ଖାନଦାନ୍ ବଂଶର। ଯାହାକି ତୁମେ ଦେଇପାରିଲ ନାହିଁ ଏ ଯାଏ। ପୁଅଟିଏ। ବୁଝିଲ ତ? ମୁଁ ଏବେ କ'ଣ କରିବି?''

Digitized by srujanika@gmail.com

''କ'ଣ କରିବ ?'' ପ୍ରବୀରର ବିରକ୍ତି ପ୍ରତି ଆଦୌ ସଚେତନ ନ ହୋଇ ପଚାରିଲା ସ୍ୱରୂପା।

'ସାଇଲେନ୍‌ସ୍ କ୍ରିଚର୍' ସ୍ୱରୂପାର ଆତ୍ମା ନିରବରେ ମନ୍ତବ୍ୟ ଦେଲା।

ପ୍ରବୀର ହୁଏତ କିଛି ନ ଭାବି କହିଲା, ''ପେପରଟା ପ୍ରସ୍ତୁତ କରି ସାଙ୍ଗରେ ନେଇ ଆସିଛି। ତୁମେ ସାଇନ୍ କରିଦେବ, ଏମିତି ତ ଆମେ ଅଲଗା ଘରେ ପରସ୍ପରଠାରୁ ବହୁଦୂରତ୍ୱରେ ରହିଛନ୍ତି। ତେଣୁ ଡାୟଭୋର୍ସ ପାଇଁ ଟାଇମ୍ ଲାଗିବ ନାହିଁ। ମମି କହୁଥିଲେ, ଝିଅଘର ଖୁବ୍ ବ୍ୟସ୍ତ, ସେଦିନ ତାଙ୍କର ପ୍ୟାରିସ୍ ଯିବାରଥିଲା ସେଇ କାମରେ।''

ଏତେ ସବୁ ଅଚିନ୍ତନୀୟ ବିଷୟ କହିଦେଇ ସ୍ୱଚ୍ଛନ୍ଦରେ ସେଇ ରାତିରେ ଫେରିଗଲା ପ୍ରବୀର। ଅଥଚ କ'ଣ ହେଲ ସ୍ୱରୂପାର ? ନିଃଶେଷ ପାନୀୟ ଗ୍ଲାସ୍‌ଟି ପାଖ ଟେବୁଲ ଉପରେ ରଖିଦେଇ ପ୍ରବୀର ହାତରୁ କାଗଜ କେତେ ଖଣ୍ଡି ନେଇ ଦସ୍ତଖତ କରି ଧରେଇ ଦେଲା ସେ। ରାଗ, ବିରକ୍ତିରେ ଚିତ୍କାର କରି ଏହି ବ୍ୟକ୍ତିତ୍ୱବିହୀନ ଲୋକଟାକୁ ଅନେକ କିଛି ଶୁଣେଇ ପାରିଥାଆନ୍ତା ତ ସେ !

ନା- ସେ ତା' କଲା ନାହିଁ। ପ୍ରବୀର ଯିବାପରେ ହୁଏତ ନିଶ୍ଚଳ ଭାବରେ ସେ ବସିରହିଥିଲା କିଛି ସମୟ। ମନେ ମନେ ଠାକୁରଙ୍କୁ ପ୍ରାର୍ଥନା କରୁଥିଲା, ପ୍ରଭୁ ସେମନାଙ୍କୁ ଖୁସିରେ ରଖ। ଭୁଲ୍ ମୁଁ କରିଛି। ଅନେକ ଭୁଲ୍। ବିବାହ ପୂର୍ବରୁ ପ୍ରବୀରକୁ ଚିହ୍ନିବାରେ କ'ଣ ବାକିଥିଲା ? କାହିଁକି ତେବେ, କାହିଁକି ଏତେଦିନ ସ୍ନେହ, ଶ୍ରଦ୍ଧା, ଭଲପାଇବା ଭଳି ସ୍ୱର୍ଗୀୟ ଶବ୍ଦର ମାୟାରେ ମୁଁ ଅନ୍ଧ ହୋଇ ରହିଥିଲି ଏ ପର୍ଯ୍ୟନ୍ତ ? ମୋତେ ମୁକ୍ତ କର ପ୍ରଭୁ। ମୋତେ ଶକ୍ତି ଦିଅ। ଅନେକ ଶକ୍ତି। ମୁଁ ଭାଙ୍ଗି ପଡ଼ିଲେ ମୋ ପିଲାଏ ଅନାଥ ହୋଇଯିବେ।

× × × ×

ବାପାରେ, ଧନରେ ମୋର ଚିଠିପଢ଼ିବୁ। ମୁଁ ତୋର ଆଣ୍ଟି ନୁହଁ। ବୁଝିଲୁ ତ ସବୁ ? ମୁଁ ତୋର ମା'। ତୋତେ ଜନ୍ମଦେଇ ଏ ପର୍ଯ୍ୟନ୍ତ ତୋ ପାଖେ ପାଖେ ଅଛି, ତୋତେ ଗଢ଼ୁଛି ଅନିନ୍ଦ୍ୟ ସୁନ୍ଦର ମଣିଷଟିଏ କରି। ତୁ ମୋତେ କ୍ଷମା କରିଦେ, ବାବୁ।

-ମା', ମା' କ'ଣ ହେଲା ତୁମର ? ମୁଁ ତ ଆସିଯାଇଛି, କାନ୍ଦୁଛ କାହିଁକି ? ପ୍ଲିଜ୍ ଆଖି ଖୋଲ।` କ'ଣ ହୋଇଚି ତୁମର ? ଏ କାଉଚ୍ ଉପରେ ଏମିତି

Digitized by srujanika@gmail.com

ଆଖି ବୁଜି ବସିଚ କାହିଁକି ? ମା'... ମା' ?

ସ୍ୱରୂପା ପ୍ରକୃତିସ୍ଥ ହେଲା । ସତ୍ୟଜିତ୍ ? ଆସିଛୁ ଧନ ? ଆ, ମୋ କୋଳକୁ ଆ । ଏଇତ ମାତ୍ର ଆରମ୍ଭ ହେଲା । ଏବେ ନୂଆ ପ୍ରକାର ଜୀବନ ବଞ୍ଚିବା ଆମେ ।

ଷୋହଳ ସତର ବର୍ଷ ବୟସର କିଶୋର ସତ୍ୟଜିତ୍ ହସ ହସ ମୁହଁରେ ତା'ର ମା'କୁ ଚାହିଁ ରହିଥିଲା ।

□□

Digitized by srujanika@gmail.com

# ତୁଷାରଘର

ଦିଲ୍ଲୀରୁ ଭୁବନେଶ୍ୱର। ଦ୍ରୁତଗାମୀ ଏକ୍ସପ୍ରେସ୍ ଟ୍ରେନ୍‌ଟିର ଝରକା ପାଖ ସିଟ୍‌ରେ ଏକାକୀ ପ୍ରଭୁଦତ୍ତ। ସିଟ୍ ତଳେ ତା'ର ବ୍ରିଫ୍‌କେଶ୍, ହାଲ୍‌କା କିଟ୍ ବ୍ୟାଗ୍ ଖଣ୍ଡିକ। ସମୟ ବିତାଇବା ପାଇଁ ହାତରେ ଖଣ୍ଡିଏ ଇଂରାଜୀ ଉପନ୍ୟାସ।

ଅନ୍ୟ ତିନୋଟି ବର୍ଥ ଖାଲି ଅଛି। ଏ ପର୍ଯ୍ୟନ୍ତ କେହି ଆସିନାହାନ୍ତି। ପ୍ରଭୁଦତ୍ତ ହାତଘଣ୍ଟା ଦେଖିଲା। ତଥାପି ଟ୍ରେନ୍ ଛାଡ଼ିବା ପାଇଁ ଅଧଘଣ୍ଟାଏ ବାକୀ। କରିଡ଼ର୍‌ରେ କେହି କେହି ଯାତ୍ରୀ ନିଜ ସିଟ୍ ନମ୍ବର ଖୋଜି ଯିବା ଆସିବା କରୁଥିଲେ। ଠିକ୍ ଏତିକିବେଳେ କିଛି କୋଳାହଳ ତାକୁ ଚହଲାଇ ଦେଲା।

''ଡାଡ଼ି, ମୋର ଅପର୍ ବର୍ଥ।''

''ଭାଇ, ମୁଁ ଉପରେ ବସିବି। ତୋ ସାଙ୍ଗରେ ଖେଳିବି।''

''ନା, ତୁ ଚଢ଼ି ପାରିବୁ ନାହିଁ। ମାମା ପାଖରେ ବସ୍।''

ସାନ ସାନ ପୁଅ ଝିଅ ଦୁଇଟି ଉପରକୁ ଚଢ଼ିବାକୁ ଚେଷ୍ଟା କରୁଛନ୍ତି। ଭଦ୍ରମହିଳା ନିଶ୍ଚିନ୍ତରେ ପ୍ରଭୁଦତ୍ତର ସାମ୍ନା ସିଟ୍‌ରେ ବସି ପ୍ଲାଟଫର୍ମକୁ ଚାହିଁ ରହିଥିଲେ।

ଜିନିଷ ସଜେଇ ରଖିବାଠାରୁ ଅନ୍ୟ ବର୍ଥଟିରେ ବିଛଣା ପକାଇବା ପର୍ଯ୍ୟନ୍ତ ପ୍ରତ୍ୟେକଟି କାର୍ଯ୍ୟ ମେସିନ୍ ଭଳି କରି ଚାଲିଥିଲେ ଭଦ୍ରଲୋକ ଜଣକ। ବଡ଼ ସୁଟ୍‌କେଶ୍ ଦୁଇଟି, ଇଂରାଜୀରେ ଲେଖାଥିଲା : ସୌମିତ୍ରି ଦାସ ଏବଂ ଅନ୍ୟଟିରେ : ସୁପ୍ରୀତି ଦାସ।

ପ୍ଲେଜର ଟ୍ରିପ୍ ? ଖୁସିରେ ବୁଲିବାର ଋତୁ। ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ଯେ ? ନିଜକୁ ନିଜେ ପଚାରିଲା ପ୍ରଭୁଦତ୍ତ।

Digitized by srujanika@gmail.com

"ଡାଡ୍, ଆଇ ୱାଣ୍ଟ୍ ସମ୍ ୱାଟର୍।" ଚାରିବର୍ଷର ପୁଅ ରାଜ୍ ପାଣି ମାଗୁଛି। ସୁପ୍ରୀତି ଉଠୁଥିଲେ। ସୌମିତ୍ର ତାଙ୍କୁ ବସାଇଦେଇ କହିଲେ, "ନୋ ଡିଅର୍, ଆଇ ଆମ୍ କମିଙ୍ଗ୍।"

ପାଖ ଟେବୁଲରେ ପାଣିର ବଡ଼ ଫ୍ଲାସ୍କ ରଖାଯାଇଛି। ଗ୍ଲାସ୍‌ରେ ଅଳ୍ପାଡ଼ି ନେଇ ଯତ୍ନରେ ଉପର ବର୍ଥରେ ବସି ଖେଳୁଥିବା ରାଜ୍‌କୁ ପିଇବାକୁ ଦେଲେ ସୌମିତ୍ର।

"ମମ୍, ବିସ୍କୁଟ୍।" ଝିଅ ମିଲି ଜିଦ୍ କରୁଛି।

"ଆଉ ଟିକେ ଖେଳ ବସି। ଏବେ ନୁହଁ, ପନ୍ଦର ମିନିଟ୍ ଯାଉ। ଆଠଟା ବି ବାଜିନି। ଏକାଠି ବ୍ରେକ୍‌ଫାଷ୍ଟ୍ ଦେବି।" ସୁପ୍ରୀତି ପତ୍ରିକାଟିରେ ମନ ଦେଲେ।

"ଓକେ। ମୁଁ ଆରେଞ୍ଜ୍ କରୁଛି।" ସୌମିତ୍ର ବାସ୍କେଟ୍ ଖୋଲି ସାଣ୍ଡଉଇଚ୍, ସିଝାଅଣ୍ଡା, ଫଳ ଇତ୍ୟାଦି ପେପର୍ ପ୍ଲେଟ୍‌ରେ ସଜାଇ ପୁଅ, ଝିଅଙ୍କୁ ଧରାଇଲେ। ପରେ ଗୋଟିଏ ପ୍ଲେଟ୍‌ରେ ଦୁହିଁଙ୍କର ବାଢ଼ିନେଇ ସୁପ୍ରୀତିଙ୍କ ପାଖରେ ବସିଲେ। ସେମାନେ ଖାଇବାକୁ ଆରମ୍ଭ କଲେ।

ଅନ୍ୟ ଫ୍ଲାସ୍କରୁ କ୍ଷୀର ଢାଳି ପିଲା ଦୁହିଁଙ୍କୁ ଗ୍ଲାସ୍ ଧରାଇଲେ ସୁପ୍ରୀତି। ସେମାନଙ୍କର ଚା'।

ପ୍ରଭୁଦତ୍ତ ଭଦ୍ରଲୋକ ଜଣଙ୍କୁ ଅନେକ ସମୟ ହେଲା ନିରୀକ୍ଷଣ କରୁଛି। କେତେ ସହଜ ଭାବରେ ସେ କରି ଚାଲିଛନ୍ତି ପ୍ରତ୍ୟେକଟି କାର୍ଯ୍ୟ! କ୍ୱଚିତ୍ ସେ ଦେଖିଥିବେ ଏମିତି ଜଣଙ୍କୁ। ଭଲ ଉଚ୍ଚତା, ଉଜ୍ଜ୍ୱଳ ଗୌରବର୍ଣ୍ଣ। ଗଢ଼ଣ ଦେଖିଲେ ଓଡ଼ିଆ ଲୋକ ଭଳି ମନେ ହୁଏ ନାହିଁ। ସାମ୍ନୁକରା କେଶ, ଫ୍ରେଞ୍ଚକଟ୍ ଦାଢ଼ି ମୁହଁକୁ ବେଶ୍ ମାନୁଛି। ବୟସ ବତିଶ ତେତିଶ ହୋଇପାରେ। ମାତ୍ର ଏମିତି ଦେଖିଲେ ଛବିଶ, ସତେଇଶ ମନେ ହେବ।

ଅତ୍ୟାଧୁନିକ ସୁପୁରୁଷ। ପ୍ରତିଟି କଥା ସୌଜନ୍ୟପୂର୍ଣ୍ଣ। ଭଦ୍ର, ସଂଯତ, ସଂଭ୍ରାନ୍ତ। ପୁଅ, ଝିଅ ଦୁଇଟି ବାପ ମା'ଙ୍କ ଭଳି ସୁନ୍ଦର। ବେଶ୍ ସୁଖୀ ସେମାନେ। ଶିଳ୍ପୀର ତୁଳୀରେ ଅଙ୍କା ଯାଇଥିବା ସୁନ୍ଦର ଚିତ୍ରଟିଏ!

ପ୍ରଭୁଦତ୍ତ ନିଜ ମଧ୍ୟକୁ ଫେରିଲା। କ'ଣ କରୁଥିବ ଏବେ ନୀଳିମା? ପୁଅ ଜନ୍ମ ପରେ ବହୁ ଦିନ ସେ ରହିଥିଲା ତା' ମା' ବାପାଙ୍କ ପାଖରେ। ରୋହିତକୁ ଛଅ ମାସ ହେବା ପରେ ପ୍ରଭୁଦତ୍ତ ତାକୁ ନେଇ ଆସିଥିଲା। ନୀଳିମା ଏବେ

Digitized by srujanika@gmail.com

ଗାଁରେ ରହେ। ଏ ସହରରେ ମନମୁତାବକ ଘର ଖଣ୍ଡିଏ, ପାଖରେ କାମ କରିବାକୁ ପିଲାଟିଏ - ଏତିକି ଆୟରେ କେଉଁଠୁ ଯୋଗାଡ଼ କରିବ ସିଏ ? ଭାଇ ପାଠ ପଢୁଛି ଦିଲ୍ଲୀରେ। ମା' ବାପାଙ୍କୁ ମଧ ପ୍ରତିମାସ ଟଙ୍କା ପଠାଇବାକୁ ହୁଏ। ଥରେ ବି କେବେ ନୀଳିମାକୁ ବୁଲିବା ପାଇଁ ବାହାରକୁ ନେଇଯାଇ ନାହିଁ ପ୍ରଭୁଦତ୍ତ।

ସୌମିତ୍ରି ଓ ପ୍ରଭୁଦତ୍ତ - ଆକାଶ ପାତାଳ ପ୍ରଭେଦ। ବିଚାରୀ ନୀଳିମା କେତେ କାମ କରୁଥାଏ। ପ୍ରଭୁଦତ୍ତ କିଛି ବୁଝେ ନାହିଁ। କୌଣସି କାମରେ ତାକୁ ସାହାଯ୍ୟ କରେନାହିଁ। ଅଥଚ ନୀଳିମାର ଅଭିଯୋଗ ନାହିଁ। ପ୍ରଭୁଦତ୍ତ ଘରକୁ ଆସିଲେ ନୀଳିମା ନିଜ କଥା କହେ ନାହିଁ। ବରଂ ପଚାରେ,

''କେମିତି ସେଠି ଚଳ ତୁମେ ? ଏଠିକି ଆସିଲେ ଗାଧୁଆଘରେ ପଣ ତଉଲିଆ ନ ନେଇ। ଖାଇ ସାରିବା ପରେ ପାଣି ପିଇବାକୁ ମନେ ରହେନାହିଁ ପାଖରେ ପାଣି ଗ୍ଲାସ୍‌ଟି ନ ରହିଲେ। କପେ ଚା' କେବେ ମୋତେ ମନକୁ ମାଗିଛ ? ଏକା ଏକା କେମିତି କ'ଣ କର ?''

''ସେଠି ସବୁ କରିବାକୁ ବାଧ। ଜାଣିଛି, ଏଠି ଅଛି ଜଣେ ମନ ବୁଝିବାର ଲୋକ।''

''ସତେ...'' ନୀଳିମା ହସେ।

ଟ୍ରେନ୍‌ର ଗତି କମୁଛି। ଟିକିଏ ଆଗରେ ବୋଧହୁଏ କେଉଁ ଷ୍ଟେସନ। ଝର୍କା ଦେଇ ବାହାରକୁ ଚାହିଁଲା ପ୍ରଭୁଦତ୍ତ। ଶୀତତାପ ନିୟନ୍ତ୍ରିତ ଏଇ କମ୍ପାର୍ଟମେଣ୍ଟ୍‌ଟିରେ ସୌମିତ୍ରିଙ୍କ ପରିବାର ବ୍ୟତୀତ ଅନ୍ୟ ବର୍ଥରେ ଏକାକୀ ସେ। କଥା କହିବାର ନାହିଁ କାହା ସହ। ଚିହ୍ନା ପରିଚୟ ବି ହୋଇ ନାହିଁ। ଭଦ୍ର ମହିଳା ଶୋଇଗଲେଣି। ପିଲା ଦୁହେଁ କାଗଜ, କ୍ରେୟନ୍ ଧରି ଚିତ୍ର ଆଙ୍କିବାରେ ବ୍ୟସ୍ତ। ପତ୍ନୀଙ୍କ ହାତରୁ ପତ୍ରିକା ଖଣ୍ଡିକ ଆଣି ଟେବୁଲ୍‌ରେ ରଖିଲେ ସୌମିତ୍ରି। ହସହସ ମୁହଁରେ ଏପାଖ ବର୍ଥରେ ବସିଥିବା ପ୍ରଭୁଦତ୍ତ ଆଡ଼େ ଚାହିଁ ପଚାରିଲେ, ''ଏକ୍ସକ୍ୟୁଜ୍ ମି, ହାଓ ଫାର୍ ଆର୍ ୟୁ ଗୋଇଙ୍ଗ୍ ?''

''କଟକ...''

''କଟକ ? ଆଇ ମିନ୍...''

''ମୁଁ କଟକରେ ରହେ ଆଜ୍ଞା। ଓଡ଼ିଆ ଲୋକ।''

Digitized by srujanika@gmail.com

"ଓଃ ହ୍ୱାଟ୍ ଏ ସରପ୍ରାଇଜ୍! ମୁଁ ସୌମିତ୍ରି ଦାସ, ନୈନିତାଲ୍‌ର ଏକ ପବ୍ଲିକ୍ ସ୍କୁଲ୍‌ରେ ଶିକ୍ଷକତା କରେ।" ନିଜ ପରିଚୟ ଦେଇ ସୌମିତ୍ରି ପ୍ରଭୁଦତ୍ତ ସହ ହାତ ମିଳେଇଲେ।

"କୁଆଡ଼େ ଆସିଥିଲେ ?"

"ଲକ୍ଷ୍ନୌ, କବି ସମ୍ମିଳନୀ..."

"ବାଃ, କବି ଆପଣ! କବିତା ଲେଖନ୍ତି! ଭାରି ଖୁସୀ ହେଲି ଆପଣଙ୍କ ସହ ଦେଖାହୋଇ।"

"ଦୁଇଦିନ ଲକ୍ଷ୍ନୌରେ ରହି ଆସିଥିଲି ଦିଲ୍ଲୀ। କେତେଜଣ ବନ୍ଧୁଙ୍କୁ ଦେଖା କରିବାର ଥିଲା। ସାନଭାଇଟିଏ ପଢ଼େ ଦିଲ୍ଲୀ ଇଉନିଭରସିଟିରେ।"

"ମୋର ଆଜ୍ଞା ଆଠ ବର୍ଷ ପାଖାପାଖି ବିତିଗଲା ନୈନିତାଲରେ। ଘରୋଇ ସଂସ୍ଥା। ପଇସା ଭଲ। କ୍ୱାଟର୍ସଟିଏ ଦେଇଛନ୍ତି। ଅଳ୍ପ କିଛି ପିଲା ଟିଉସନ ପାଇଁ ଆସନ୍ତି। ବେଶ୍ ଛୁଟି ଥାଏ। କେବେ କିପରି ବୁଲାବୁଲି କରୁ। ଏମିତି ଚଳିଯାଏ..."

"ସୁଖୀ ଆପଣ।" କିଛି ନ ଭାବି କଥାଟା କହିଦେଲା ପ୍ରଭୁଦତ୍ତ।

ସୌମିତ୍ରି ଖୁସୀ ହେଲେ। କହିଲେ, "ପିଲା ଦୁଇଟିଙ୍କର ଶିକ୍ଷା ଚାଲିଛି ଭଲରେ। ସୁପ୍ରୀତି ସେମାନଙ୍କର ପାଠ ଦେଖେ। ଘର, ବଗିଚା ଆଉ ଆମ ସମସ୍ତଙ୍କର ଯତ୍ନ ନିଏ। ଅବଶ୍ୟ ସମୟ ମିଳିଲେ ମୁଁ କିଛିଟା ସାହାଯ୍ୟ କରେ।"

"ଖୁବ୍ ଭଲ। ଆଦର୍ଶ ସ୍ୱାମୀ ଆପଣ।"

"ଏତେ ଗୁଡ଼ାଏ ପ୍ରଶଂସାର ଯୋଗ୍ୟ ମୁଁ ନୁହେଁ। ଦେଖନ୍ତୁ, ଗୋଟିଏ କଥା ମୁଁ ଭାବେ - ଜୀବନରେ ସୁଖୀ ହେବାକୁ ସମସ୍ତେ ଚାହାନ୍ତି, ଅଥଚ କିପରି ଚଳିଲେ ବାସ୍ତବ ସୁଖ ପାଇବାକୁ ହୁଏ ସେଥି ନିମନ୍ତେ କେହି ଆଦୌ ଚେଷ୍ଟା କରନ୍ତି ନାହିଁ। ଟିକିଏ ବୁଝାମଣା... ପରସ୍ପରର ସୁଖ ଦୁଃଖର ସାଥି ଆମେ। ସୁପ୍ରୀତି ଓ ପିଲା ଦୁହିଁଙ୍କୁ ଭଲରେ ରଖିପାରିଲେ ମୋର ପରମ ସନ୍ତୋଷ। ଛୁଟି ଅଛି, ଘରକୁ ଯାଉଛି। ପୁରୀ ଜିଲ୍ଲାର ଗାଁଟିଏ। ବାପା, ମା'ଙ୍କୁ ଦେଖିବି। କିଛିଦିନ କଟେଇବି ସେମାନଙ୍କ ସହ। ପ୍ରୀତି ମଧ୍ୟ ନିଜ ମା', ବାପା, ଭାଇ ଭଉଣୀଙ୍କୁ ଦେଖି ଆସିବ। ପିଲାଏ ସେମାନଙ୍କର ସ୍ନେହ ପାଇବେ। ବାସ୍, ଫେରିଆସିବା ପରେ ଆମର ଆରମ୍ଭ ହେବ ଦୈନନ୍ଦିନର ରୁଟୀନ୍‌ବନ୍ଧା ଜୀବନ। ଆଉ ଆପଣଙ୍କର

Digitized by srujanika@gmail.com

ପିଲାମାନେ... ?''

''ମୁଁ କଟକରେ ଅଧ୍ୟାପନା କରେ। ସେମାନଙ୍କୁ ଏଯାଏଁ ପାଖକୁ ଆଣି ନାହିଁ। ମୋ ମା', ବାପା ଗାଁରେ ଥାଆନ୍ତି। ସେମାନଙ୍କ ପାଖରେ ରହନ୍ତି ମୋ ସ୍ତ୍ରୀ, ଦେଢ଼ବର୍ଷର ପୁଅଟି।''

ସୌମିତ୍ରି ଆଗ୍ରହରେ ଶୁଣୁଥିଲେ। ଅଧିକ କିଛି କହିବାର ନ ଥିଲା। ସେମାନଙ୍କର ଆଳାପ ଏଇଠି ଶେଷ ହେଲାନାହିଁ। ଏବକାର ଛାତ୍ରଛାତ୍ରୀ, ସ୍କୁଲ୍ କଲେଜର ସମସ୍ୟାଠାରୁ ଆରମ୍ଭ କରି ଦେଶର ରାଜନୀତି ପର୍ଯ୍ୟନ୍ତ କଥାର ସ୍ରୋତ ଲମ୍ବି ଚାଲିଛି। ବହୁ ବିଷୟ ଗପିଗପି କ୍ଳାନ୍ତ ସେମାନେ।

ପ୍ରଭୁଦତ୍ତ ନିଜ ବର୍ଥରେ ଆଖିବୁଜି ପଡ଼ି ରହିଛି। ଶନିବାର ରାତି - ନୀଳିମା ସହ କଥା କହି ରାତି ପାହିଯାଏ।

''ଏଥର ଟେଲିଭିଜନ୍‌ରେ ତୁମର କବିତାଟି ବେଶ୍ ଭଲ ଲାଗିଲା। ମନେହେଲା କ'ଣ ଜାଣ? ସତେ ଯେପରି ତୁମେ ମୋ ପାଖରେ ବସି କବିତା ପଢ଼ି ଶୁଣାଉଛ। ମୁଁ କ'ଣ ଭାବିଛି ଜାଣିଛ? ଆମର ଘର ତିଆରି ହେଲେ ତୁମ ପାଇଁ ଏକାନ୍ତ ଭାବରେ ଷ୍ଟଡ଼ିରୁମ୍‌ଟିଏ ସଜେଇ ଦେବି। ସେଥିରେ ରହିବ ୱାର୍ଲ୍ଡ କ୍ଲାସିକ୍‌ସ - ମିଲ୍‌ଟନ୍‌ଙ୍କଠାରୁ ଆରମ୍ଭ କରି ଏଲିୟଟ୍‌ଙ୍କ ପର୍ଯ୍ୟନ୍ତ। ଏବଂ ରମାକାନ୍ତ, ସୀତାକାନ୍ତ ମଧ୍ୟ ବାଦ୍ ଯିବେନାହିଁ।''

''କବି, କବିତା ଛଡ଼ା ତୁମର ଅନ୍ୟ କିଛି କଥା ନାହିଁ?''

ପ୍ରଭୁଦତ୍ତ ହସିଲା। ଖୁବ୍ ମନେ ପଡୁଛି ନୀଳିମା କଥା। ନାଳ, ନର୍ଦ୍ଦମା, ମଶାମାଛିଭରା ସହରଟିର ଏକ ସଂକୀର୍ଣ୍ଣ ଗଳିରେ ପୁରୁଣା ଜରାଜୀର୍ଣ୍ଣ ଭଡ଼ା ଘରଟି। ଅଧ୍ୟାପକ ଚାକିରିରେ କେତେ ବା ଟଙ୍କା? ସେଥିରେ ନୀଳିମାର ଏ ଦିବା ସ୍ୱପ୍ନ!

ପ୍ରଭୁଦତ୍ତ ଏବେ ହାତଘଣ୍ଟାକୁ ଚାହିଁଲା। ରାତି ନଅଟା ବାଜିଛି। ସୌମିତ୍ରି ଦାସଙ୍କୁ ଦୀର୍ଘ ଚଉଦଘଣ୍ଟା ହେଲାଣି ଦେଖୁଛି ସେ। ତିନୋଟି ବର୍ଥରେ ବିଛଣା କରିବାଠାରୁ ଆରମ୍ଭ କରି ସ୍ତ୍ରୀ, ପିଲାଙ୍କୁ ଡିନର୍ ପ୍ୟାକେଟ୍ ବଢ଼େଇ ଦେବା, ପରେ ପରେ ପାଣି, ପାଖରେ ଥିବା ଫଳ ଇତ୍ୟାଦି ଦେବାରେ ହେଳା କରିନାହାନ୍ତି ସେ। ଏବେ ଉପର ବର୍ଥରେ ବିଛଣାକୁ ଏତେ ଶୀଘ୍ର ସେ ହୁଏତ ଯିବେ

Digitized by srujanika@gmail.com

ନାହିଁ। ସୁପ୍ରୀତି ପାଖରେ ଲାଗିକରି ବସି କଫି ପିଉଛନ୍ତି।

"ଗୁଡ୍ ନାଇଟ୍, ଡାଡ୍। ଗୁଡ୍ ନାଇଟ୍, ମାମା।"

"ଗୁଡ୍ ନାଇଟ୍ ରାଜ୍, ମିଲି।" ଉଭୟଙ୍କର ମିଳିତ ସ୍ୱର।

ସୌମିତ୍ରି ଦାସ ସୁପୁରୁଷ। ନିଜର ପରିବାର ସହ ସୁନ୍ଦର ଭାବେ ବଞ୍ଚି ଜାଣନ୍ତି ସେ। ଅଳ୍ପ କିଛି ସମୟ ପୂର୍ବେ ପ୍ରଭୁଦତ୍ତ ସହ ବନ୍ଧୁତା ହୋଇଛି। ଅନ୍ୟ ବର୍ଥରେ ବସି ପ୍ରଭୁଦତ୍ତ ସେମାନଙ୍କର ଅନ୍ତରଙ୍ଗ ଆଳାପର କିଛି ଅଂଶ ଶୁଣି ପାରୁଛି। ସେଥିରେ ମଧ୍ୟ ସୌମିତ୍ରିଙ୍କର ଭାବିବାର କିଛି ନାହିଁ। ଅନ୍ୟ କାହାକୁ ସେ ଚାହିଁବେ କାହିଁକି? ସୁଖୀ ହେବାର କୌଶଳ ଅତି ସହଜରେ ହାସଲ କରିପାରିଥିବା ବିଷୟ ବେଶ୍ ଦମ୍ଭର ସହ ସେ ଘୋଷଣା କରିଛନ୍ତି।

ସୌମିତ୍ରି ଦାସଙ୍କୁ ଦେଖି ଦେଖି ପ୍ରଭୁଦତ୍ତର ଅଦ୍ଭୁତ ଇଚ୍ଛାଟିଏ ଜନ୍ମନିଏ ମନ ଭିତରେ। ଅନିଶ୍ଚିତ ଭବିଷ୍ୟତକୁ ନେଇ ସ୍ୱପ୍ନ ଦେଖେ ପ୍ରଭୁଦତ୍ତ। ତଥାପି ସ୍ୱାମୀ, ସ୍ତ୍ରୀଙ୍କର ବାର୍ତ୍ତାଳାପ ଶେଷ ହୋଇନାହିଁ। ଦ୍ରୁତଗାମୀ ଟ୍ରେନ୍‌ଟି ଧାଇଁଛି ଷ୍ଟେସନ୍ ପରେ ଷ୍ଟେସନ୍ ଅତିକ୍ରମ କରି।

ବର୍ଷ ବର୍ଷ ବିତି ଯାଇଛି ସେଦିନ ପରେ। ପ୍ରଭୁଦତ୍ତ ଭୁଲିଯାଇଛି କିଛିକ୍ଷଣର ବନ୍ଧୁ ସୌମିତ୍ରିଙ୍କୁ। ଏ ମଧ୍ୟରେ ବେଶ୍ ଉନ୍ନତି ହୋଇଛି ତା'ର। ବୃତ୍ତି ପାଇ ବିଦେଶରେ ତିନିବର୍ଷ ବିତାଇ ଫେରି ଆସିଛି ପ୍ରଭୁଦତ୍ତ। କବିତା ଲେଖିଛି ଖୁବ୍, ସମ୍ମାନିତ ହୋଇଛି ମଧ୍ୟ। ବିଦେଶରେ କବି ଭାବେ ସୁନାମ ଅର୍ଜନ କରିଛି ଭାରତର କବିଟି। ଇଂରାଜୀ ଭାଷାରେ ତା'ର କବିତାଗୁଡ଼ିକ ଅଧିକ ପ୍ରାଣବନ୍ତ। ପ୍ରଭୁଦତ୍ତର ବେଶ୍ ନାଁ ଦେଶରେ ଓ ଦେଶ ବାହାରେ।

ଦିଲ୍ଲୀର ଏକ ଅତ୍ୟାଧୁନିକ ସୁଦୃଶ୍ୟ ଫ୍ଲାଟ୍‌ରେ ରହନ୍ତି ପ୍ରଭୁଦତ୍ତ, ନୀଳିମା ଓ ପୁଅ ରୋହିତ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏକ କଲେଜ୍‌ରେ ଅଧ୍ୟାପନା କରେ ସେ।

ସେବର୍ଷ ଡିସେମ୍ବର ମାସରେ କୌଣସି ଏକ କନ୍‌ଫରେନ୍ସରେ ଯୋଗ ଦେବାକୁ ପ୍ରଭୁଦତ୍ତ ଯାଇଥିଲା ବମ୍ବେ। ସାଥିରେ ନୀଳିମା। ବମ୍ବେରୁ ଏମିତି ବୁଲିବା ପାଇଁ ଜାହାଜରେ ସେମାନେ ଗଲେ ଗୋଆ।

ମାତ୍ର ଦୁଇଟି ଦିନ ରହଣି କାଳ। ବୁଲିବୁଲି କ୍ଳାନ୍ତ। ସେଦିନ ଆସିଥିଲେ

Digitized by srujanika@gmail.com

ବନ୍ଧୁ ଜଣେ, ଗୋଆରେ ରହନ୍ତି । ତାଙ୍କ ଘରେ ରାତିଖାଇବାର ନିମନ୍ତ୍ରଣ । ଘଣ୍ଟାଏ ପରେ ଆସି ପ୍ରଭୁଦତ୍ତ, ନୀଳିମାକୁ ସେ ନେଇଯିବେ ।

'ହୋଟେଲ୍‌ରେ ବସି ସମୟ ନଷ୍ଟ ନ କରି ବାହାରେ ବୁଲି ଆସ' କହି ଟିକେଟ୍ ଦୁଇଟି ଧରେଇଲେ ସେ ।

ମାଣ୍ଡଭି ବକ୍ଷରେ 'ରିଭର୍ କ୍ରୁଇଜ୍' । ଉତ୍ସବ ମୁଖରିତ ସନ୍ଧ୍ୟା । ସୁସଜ୍ଜିତା 'ଶାନ୍ତା ମୋନିକା' । ପର୍ଯ୍ୟଟକମାନଙ୍କର କ୍ୟୁ ଲାଗିଛି । ଡେକ୍‌ରେ କିଛି ସ୍ଥାନ ଖାଲି ରଖାଯାଇ ବସିବାପାଇଁ ଚେୟାର୍‌ମାନ ସଜା ଯାଇଛି । ଅଳ୍ପ ଉଚ୍ଚ ପେଣ୍ଡାଲରେ ବେଶପୋଷାକ ପରିଧାନ କରି ଅପେକ୍ଷା କରିଛନ୍ତି ଗୋଆର ଯୁବକ ଯୁବତୀ କେତେଜଣ । ସୁଶ୍ରାବ୍ୟ ପ୍ରାଚ୍ୟ, ପାଶ୍ଚାତ୍ୟ ସଂଗୀତ, ନୃତ୍ୟର ବ୍ୟବସ୍ଥା ପର୍ଯ୍ୟଟକମାନଙ୍କ ପାଇଁ ।

'ଶାନ୍ତା ମୋନିକା' ଆଗେଇ ଚାଲିଛି । ନଦୀ କୂଳର ଆଲୋକ ସଜ୍ଜା ଦୂରେଇ ଗଲାଣି । ଚନ୍ଦ୍ରାୟିତ ରାତ୍ରିରେ ଅପରୂପା ମାଣ୍ଡଭି । ନୃତ୍ୟ, ସଂଗୀତର ଏ ପରିବେଶ ସେମାନଙ୍କୁ ମତୁଆଲା କରିଛି । କେହି ଜଣେ ଯୁବକ ମାଇକ୍ ପାଖରେ ପାଟିକରି ଉଠେ, ''କମ୍ ଅନ୍ ଏଭ୍ରିବଡ଼ି ।''

ସମ୍ମୋହିତ ହୋଇ ନୃତ୍ୟ କରିବାକୁ ଆଗେଇ ଯାଆନ୍ତି କେତେକ । ବିଭିନ୍ନ ପ୍ରକାର 'ସ୍ନାକ୍‌ସ', ଥଣ୍ଡା ପାନୀୟ, ଫଳରସ, ମଦ୍ୟ ପରିବେଷଣ କରୁଥିଲେ ୱେଟର୍‌ମାନେ ।

ପ୍ରଭୁଦତ୍ତ, ନୀଳିମା ମୁଗ୍ଧ ଦର୍ଶକ । ସେମାନେ ନାଚି ଚାଲିଛନ୍ତି । କେହିଜଣେ ସୌମ୍ୟକାନ୍ତ ଯୁବକ ଗ୍ଲାସ୍ ପରେ ଗ୍ଲାସ୍ 'ଫେନି' ନିଃଶେଷ କରି ୱେଟର୍‌କୁ ଖାଲିଗ୍ଲାସ୍ ବଢ଼ାଉଛି ।

ପାର୍ଟନର୍ ଝିଅଟି ମଧ ତା' ସହ ବେଶ୍ ମାନୁଛି । ସ୍କାର୍ଟ, ବ୍ଲାଉଜ୍, କାଠିହିଲ୍ ପରିହିତା ଅନିନ୍ଦ୍ୟା ସୁନ୍ଦରୀ ଭାରତୀୟ ଯୁବତୀ । ସୁନ୍ଦର ପାଦ ମିଳାଉଛନ୍ତି ସେମାନେ । ''ଚମତ୍କାର ଯୋଡ଼ି !''

ନୀଳିମାଙ୍କ କଥାରେ ଆଉଥରେ ମୁହଁ ଫେରାଇଲା ପ୍ରଭୁଦତ୍ତ । ଅନ୍ୟ କାହାକୁ ଖୋଜି ହେଲା ପରି ଚାହୁଁଥିଲା ସେ ବାରମ୍ବାର । ତଥାପି ଦୃଷ୍ଟି ନିବଦ୍ଧ ଥିଲା ସେ ଦୁହିଁଙ୍କ ଉପରେ । କୋଉଠି, କେବେ ଦେଖିଛି ?

ଜାହାଜ ଫେରି ଆସୁଛି କୂଳକୁ । ନୃତ୍ୟ ସଂଗୀତ ଶେଷ ହୋଇଛି । କେହି

Digitized by srujanika@gmail.com

କେହି କ୍ଳାନ୍ତ ହୋଇ ଚେୟାର୍‌ରେ ବସି ରହିଛନ୍ତି ।

ଝିଅଟିର ଅଣ୍ଟାରେ ହାତ ଘୂରାଇନେଇ ଅଦୂରସ୍ଥ ଟେବୁଲ୍ ପାଖକୁ ଚାଲିଯାଇଥିଲେ ଯୁବକ ଜଣକ । ହୁଏତ ଠିକ୍ ଭାବେ ଚାଲିବା ସମ୍ଭବପର ନ ଥିଲା ସେମାନଙ୍କ ପାଇଁ । ତଥାପି ଆଉ ଦୁଇଟି ଗ୍ଲାସ୍ ଉଠେଇ ନେଇ ପ୍ରାୟନ୍ଧକାର ବାଲକୋନି ପାର୍ଶ୍ବକୁ ଚାଲିଯାଇଥିଲେ ସେ ଦୁହେଁ । ପରସ୍ପରକୁ ବିହ୍ବଳ ଦୃଷ୍ଟିରେ ଚାହିଁ ରହିଥିବା ବେଳେ ଯୁବକ ଜଣକ ଝିଅଟିକୁ ବାରମ୍ବାର ନିକଟତର କରି ଓଠ ଛୁଆଁଉଥିଲେ ।

ପ୍ରଭୁଦତ୍ତ ଭୁଲ ଦେଖିଥାଇପାରେ । ଏବେ ସେମାନେ ଦୁହେଁ ସଂପୂର୍ଣ୍ଣ ଅସ୍ବସ୍ଥ ।

ପର୍ଯ୍ୟଟକମାନଙ୍କୁ ନେଇ କୂଳକୁ ଫେରିଛି 'ଶାନ୍ତା ମୋନିକା' । ସେମାନେ ଓହ୍ଲାଉଛନ୍ତି । ପ୍ରଭୁଦତ୍ତ ନୀଳିମାକୁ ଆଗରେ ଯାଇ ନିର୍ଦ୍ଦିଷ୍ଟ ସ୍ଥାନରେ ଅପେକ୍ଷା କରିବାକୁ ନିର୍ଦ୍ଦେଶ ଦେଲା ।

ଶେଷ ଧାଡ଼ିର ବ୍ୟକ୍ତି ଏହି ଯୁବକ ଯୁବତୀ ଦୁଇଜଣ ।

ସେମାନଙ୍କୁ ଅନୁସରଣ କରି କିଛିବାଟ ଆଗେଇଲା ପ୍ରଭୁଦତ୍ତ ।

"ହାଲୋ !"

"ପ୍ରଭୁଦତ୍ତ, ମୁଁ ସୌମିତ୍ରି । ମନେ ଅଛି, ଆମେ ଏକାଠି ଫେରୁଥିଲେ ନା ଦିଲ୍ଲୀରୁ ? ମିଟ୍ ମାଇଁ ଫ୍ରେଣ୍ଡ୍ ଅମିତା, ଗୋଆରେ ରହେ । ବହୁଦିନ, ବହୁବର୍ଷ ପରେ ଅମିତା ସହ ଦେଖା ।"

"କେତେ ଦିନ ରହୁଛ ଏଠି ? ଦେଖା ହେବ ନିଶ୍ଚୟ । ବାୟ ।"

ସୌମିତ୍ରିର ବିଷାଦଭରା ଅଭିବ୍ୟକ୍ତି, ପରେ ପରେ ପୂର୍ବ ଦିନ ଭଳି ହର୍ଷୋଜ୍ଜ୍ବଳ କଥା କେତେ ପଦ !

ପ୍ରଭୁଦତ୍ତ ନିରବରେ ସେମାନଙ୍କ ପ୍ରସ୍ଥାନ ପଥକୁ ଚାହିଁ ରହିଥିଲା । ଦେଖୁଥିଲା ଜୀବନ ସହ ଛକାପଂଝାର ଏ ଖେଳ ।

□□

Digitized by srujanika@gmail.com

# ମୁଁ ଫେରିଯାଉଛି

ପୂର୍ବରାତିରେ ବିଳମ୍ବରେ ଶୋଇଥିବା ସିକତାର ଭାରୀ ଆଖିପତା ଖୋଲିହୋଇଗଲା। ରବିବାର ସକାଳର ଆଳସ୍ୟ ଉପଭୋଗ କରିବାର ଇଚ୍ଛାଥିଲେ ବି ସେ ବାଧ୍ୟତଃ ବିଛଣାରୁ ଉଠି ଆସିଲା।

ଖୁବ୍ ସକାଳୁ ସ୍କୁଲ୍ ଯାଉଥିବା ଝୁମିର ନିଦ ଭାଙ୍ଗି ଯାଇଛି। ଶୋଇବା ଘରର ଝରକା ପାଖରେ ଠିଆହୋଇ ବାହାରେ କାହା ସହ ସେ କଥାବାର୍ତ୍ତା କରୁଥିବାର ଶୁଣି ପାରିଲା ସିକତା।

-ଫାଟକ ଖୋଲି ଚାଲି ଆସ। ତାଲା ଖୋଲା ହୋଇଛି। ବାପା ମର୍ଣ୍ଣିଂୱାକ୍‌ରେ ଚାଲିଗଲେଣି। ତୁମେ ଜାଣିନ, ବାଲିଅଜା। ଆଜି ସନ୍‌ଡ଼େ, ମୋର ସ୍କୁଲ ଛୁଟି। ମୁଁ କଣ୍ଢେଇ ଖେଳିବି। ଆସୁନ, ଦେଖିବ ମୋ କଣ୍ଢେଇଘର।

ବାହାର କବାଟ ଠେଲି ଧାଇଁ ଯାଉଛି ଝୁମି। ବାଲ୍ମିକୀ ତା'କୁ କାଖକରି କ'ଣ ସବୁ କହିବାରେ ଲାଗିଛି। ବାଲ୍ମିକୀ ସହ ତିନି ଚାରିବର୍ଷର ଝିଅ ଝୁମିର ବେଶ୍ ବନ୍ଧୁତା। ତା'ର ସ୍କୁଲ୍ ବସ୍ ଆସିଲେ ନିଜେ ବସ୍‌ର ମାଲିକ ବସ୍‌ରୁ ଓହ୍ଲାଇ ଆସି ବଗିଚାର ଫାଟକ ସେପାଖରେ ଅପେକ୍ଷାକରି ରହିଥିବା ସାନଝିଅଟିକୁ କାଖକରି ନେଇଯାଏ। ତା'ର ବହି ବ୍ୟାଗ୍, ଟିଫିନ୍ ବାକ୍ସ, ୱାଟର୍ ବଟଲ୍ ନିଜେ ବୋହିନିଏ।

ପ୍ରତିଟି ସାନ ସାନ ପିଲାମାନଙ୍କୁ ସାବଧାନରେ ରାସ୍ତା ପାର କରେଇ ବସ୍ ପାଖକୁ ନେଇଆସି ବସ୍ ଭିତରେ ଆରାମରେ ବସେଇ ନ ଦେବାଯାଏ ନିଶ୍ଚିନ୍ତ ହୋଇପାରେନା ବାଲ୍ମିକୀ। ନିଜେ ସେ ପାହାଚ ପାଖର ସିଟ୍‌ରେ ବସିରହେ।

Digitized by srujanika@gmail.com

ଡ୍ରାଇଭର୍ ଗାଡ଼ି ଷ୍ଟାର୍ଟ କରେ ।

ବସ୍ ଚାଲିଥାଏ । ସତେଜ କଢ଼ି ଭଳି ମନେ ହେଉଥିବା ସାନ ସାନ ଶିଶୁମାନଙ୍କୁ ବିଭୋର ଦୃଷ୍ଟିରେ ଚାହିଁ ରହେ ବୃଦ୍ଧ ବାଲ୍ମିକୀ । ସେମାନଙ୍କ ହସଖୁସିରେ ନିଜକୁ ସାମିଲ୍ କରେ ସେ ।

ବାଲ୍ମିକୀର ଅଭାବ କିଛି ନାହିଁ । ଏ ସହରରେ ତା'ର ତିନୋଟି କୋଠାଘର ଭଡ଼ାଲାଗିଛି । ନିଜେ ସେ ତା'ର ସ୍ତ୍ରୀ, ତିନିପୁଅ, ବୋହୂ, ଝିଅଟି ସହ ଏକତାଲା ଘରଟିରେ ସୁଖରେ ରହେ । ପୁଅମାନେ ଭଲ ବ୍ୟବସାୟ କରନ୍ତି । ଏଥିପାଇଁ ବାଲ୍ମିକୀ ସେମାନଙ୍କୁ ଅର୍ଥ ଯୋଗାଇ ଦେଇଛି । ବ୍ୟାଙ୍କ୍‌ରୁ ଋଣ ନେଇଛି ତା' ପିଲାମାନଙ୍କ ପାଇଁ । ବସ୍ ଚାଲେ । ଟ୍ୟାକ୍ସି କେତୋଟି ଭଡ଼ାଲାଗେ । ପୁଅମାନେ ସବୁ ବୁଝନ୍ତି । ଏ ବୟସରେ ବାଲ୍ମିକୀର ଆଉ କିଛି ଦାୟିତ୍ୱ ନାହିଁ ।

ସିକତା ଏସବୁ ଭାବିଲେ ବିସ୍ମିତ ହୁଏ । ସତ୍ୟଜିତ୍‌କୁ ପଚାରେ, "ଏବେ ବୁଢ଼ାର ଆରାମ୍ କରିବା ବେଳ । ସେ କାହିଁକି ଯେ ଏତେ କଷ୍ଟ କରେ ବୁଝି ହୁଏ ନାହିଁ । ଏହି କାମ ପାଇଁ ବସ୍‌ରେ ଆଉଜଣେ ହେଲ୍‌ପର୍ ତ ସେ ରଖି ପାରନ୍ତା ? କେତେଦିନ ଆଉ ପଇସା ପଛରେ ଧାଇଁଥିବ ?"

କଲେଜରେ ଅର୍ଥନୀତି ପଢ଼ାଉଥିବା ପତ୍ନୀ ସିକତାର କଥା ଶୁଣି ହୋ ହୋ ହୋଇ ହସିଥିଲେ ସତ୍ୟଜିତ୍ । କିଛି ସମୟ ନିରବ ରହି କହନ୍ତି, "ତୁମେ ତ ବାଲ୍ମିକୀକୁ ନୂଆ ଦେଖୁଛ । ମୁଁ କିନ୍ତୁ ତା' ରିକ୍ସାରେ ବସି ପ୍ରଥମେ ସ୍କୁଲ୍ ଯାଇଥିଲି ।"

"ରିକ୍ସା ?"

"ହଁ, ଭଙ୍ଗା ରିକ୍ସାରୁ ହିଁ ଜୀବିକା ଆରମ୍ଭ ।"

ପିଲା ଦିନର କଥା କିଛି ମନେ ପକାଇ କହନ୍ତି ସତ୍ୟଜିତ୍ । ବାପାଙ୍କ ସହ ଏଇ ବଗିଚାରେ ସେଦିନ ସକାଳେ ସେ ବଲ୍ ଖେଳୁଥିଲେ । ହଠାତ୍ ଫାଟକ ପାଖରେ ପାଟିତୁଣ୍ଡ ଶୁଣି ସତ୍ୟଜିତ୍‌ଙ୍କର ବାପା ପରିତୋଷ ବାବୁ ବାହାରକୁ ଚାଲିଗଲେ ।

"ହେ, କ'ଣ ହେଇଛି ? କାହିଁକି ମାରୁଛ ତା'କୁ ?" ପରିତୋଷଙ୍କ କଥା ନ ଶୁଣି ସାଇକେଲ୍ ଆରୋହୀ ଯୁବକ ଦୁଇଜଣ ରିକ୍ସାବାଲାକୁ ମାଡ଼ମାରି ଦୁଇ, ଚାରି ଧକ୍କା ଦେଇ ତଳେ ପକାଇଦେଲେ । ତଥାପି ସେମାନଙ୍କ ମନ ଶାନ୍ତି

Digitized by srujanika@gmail.com

ହେଲା ନାହିଁ। ଶେଷକୁ ରିକ୍ସାକୁ ମଧ ବାଡ଼େଇ ଭାଙ୍ଗି ଦେଲେ ସେମାନେ।

"ଦେଖ ବାବୁ, ତୁମେ ତା' ପିଠିରେ ପଡ଼ ନାହିଁ। ଶଳା, ବେଶୀ ରୋଜଗାର କରିବ ଭାବି ତରତର କରି ରିକ୍ସା ନେଉଥିଲା। ମଣିଷ ଦେଖାଯାଉ ନାହିଁ। ଭାବିଥିଲା ଆମକୁ ଧକ୍କା ଦେଇ ପଳେଇଯିବ। ସକାଳୁ ବଉନି ହେଲା ତ? ଯା' ଏଥର ମନ ଆନନ୍ଦରେ।"

ସେଇ ରିକ୍ସାରେ ସେମାନଙ୍କ ସାଇକେଲ୍ ବାଡ଼େଇ ହୋଇ ତଳେ ପଡ଼ିଯାଆନ୍ତି ଯୁବକ ଦ୍ୱୟ, ଅଥଚ ନିଜ ଭୁଲ ବୁଝିବା ପୂର୍ବରୁ ରିକ୍ସାବାଲାକୁ ପିଟିବା ଆରମ୍ଭ କରିଦେଲେ।

ଅସହାୟ ଅବସ୍ଥାରେ କରୁଣ ଦୃଷ୍ଟିରେ ଭଙ୍ଗାରିକ୍ସାକୁ ଚାହିଁ ତା' ରିକ୍ସା ମାଲିକର ଲାଲ ଆଖି ଏବଂ ଭୋକିଲା ସ୍ତ୍ରୀ ପିଲାଙ୍କ ପାଇଁ କିଭଳି ଖାଦ୍ୟ ବ୍ୟବସ୍ଥା କରିପାରିବ, ହୁଏତ ସେ ବିଷୟ ଚିନ୍ତା କରୁଥିଲା ବାଲ୍ମିକୀ। ତାକୁ ଘରକୁ ଡାକି ତା' ନିଜର ନୂଆ ରିକ୍ସାଟିଏ କିଣିବା ପାଇଁ ଟଙ୍କା ଧରାଇଲେ ପରିତୋଷ। ପୁଅ ସତ୍ୟଜିତ୍‌କୁ ସ୍କୁଲ୍ ନେବା ଆଣିବା କରିବା କାମଟି ପାଇଁ ମାସିକ ଭଡ଼ାର ବ୍ୟବସ୍ଥା ମଧ କରିଦେଲେ।

ଅକ୍ଲାନ୍ତ ପରିଶ୍ରମ କରିଛି ସେ ରାତି ଦିନ ଲାଗି। ସେଥିପାଇଁ ଦୁଃଖ କରି ନାହିଁ, କେବେ ବ୍ୟସ୍ତ ହୋଇନାହିଁ। କେଉଁ ବ୍ୟାଙ୍କ୍ ଅଫିସରଙ୍କ ପିଲାଙ୍କୁ ସ୍କୁଲ୍ ନେବା ଆଣିବା କରିବା ସମୟରେ କେବେ କେବେ ତାଙ୍କ ପାଖରେ ଅଳି କରିଛି ଟ୍ୟାକ୍ସିଟିଏ ପାଇଁ ଋଣ କରାଇ ଦେବାକୁ। ଗଞ୍ଜାମ ଜିଲ୍ଲାର କେଉଁ ଅଖ୍ୟାତ ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ତା'ର ଧାନ ଜମି କିଛି ବିକ୍ରୟ କରି ସଂଗ୍ରହ କରିଥିବା ଅର୍ଥ ଋଣରେ ପାଇଥିବା ଅର୍ଥ ସହ ମିଶାଇ ଟ୍ୟାକ୍ସି କିଣିଥିଲା ବାଲ୍ମିକୀ। ଧୀରେ ଧୀରେ ଲକ୍ଷ୍ମୀ ପ୍ରସନ୍ନ ହେଲେ। ବ୍ୟବସାୟ ବଢ଼ିଲା।

ଏବେ ଏତେ ବର୍ଷ ପରେ ବାଲ୍ମିକୀକୁ ଦେଖିଲେ କେହି କହିବେ ନାହିଁ, ସେ ଅଶୀବର୍ଷ ବୟସ ଅତିକ୍ରମ କରିଥିବା ଜଣେ ବୃଦ୍ଧ। ତେଜଦୀପ୍ତ, ସୁସ୍ଥ ନିରୋଗ ଶରୀର, ଶାନ୍ତ ସ୍ୱଭାବ। ବୁଦ୍ଧି, ବିଚାରସମ୍ପନ୍ନ ସଂଭ୍ରାନ୍ତ ବ୍ୟକ୍ତିଟିଏ ଭଳି ମନେହୁଏ ସେ। ସହର ସାରା ଘରେ ଘରେ 'ବାଲ୍ମିକୀ ବସ୍' ଓ ବସ୍ ମାଲିକଙ୍କର ଖୁବ୍ ଚର୍ଚ୍ଚା। ସେଇ ବସ୍‌ରେ ଅଳ୍ପ ବୟସ୍କା ମା'ମାନେ ସେମାନଙ୍କର ସାନ ସାନ ପୁଅ ଝିଅମାନଙ୍କୁ ନିର୍ଭୟରେ ସ୍କୁଲ୍ ପଠାଇ ଆଶ୍ୱସ୍ତ ହୁଅନ୍ତି। ପିଲାମାନଙ୍କୁ

Digitized by srujanika@gmail.com

ସ୍ନେହ ଶ୍ରଦ୍ଧାରେ ନିଜର କରୁଥିବା ବାଲ୍ମିକୀ ମନେହୁଏ ଏ ସହରର ଶ୍ରେଷ୍ଠ ସୁଖୀ ମଣିଷ ।

ସିକତା ଚା' କରିବା ପାଇଁ ରୋଷେଇ ଘରକୁ ଆସିଛି । ଅକସ୍ମାତ ସତ୍ୟଜିତ୍‌ଙ୍କ ଡାକରେ ସେ ଚିନ୍ତାରୁ ଫେରିଲା । ଝୁମି ବାଲ୍ମିକୀ ଠାରୁ ନୂଆ ଖେଳନା, ଦାମୀ ଚକୋଲେଟ୍ ଉପହାର ପାଇ ଚା' କଣ୍ଢେଇ ଘରେ ଏକା ଏକା ବସି ଖେଳୁଛି ।

ବାଲ୍ମିକୀ କାନ୍ଦୁଛି । କ'ଣ ହେଉଛି ? ଘରେ କ'ଣ କିଛି ଅସୁବିଧା ? ଚା' ତିନିକପ୍ ନେଇ ବାହାରକୁ ଚାଲି ଆସିଲା ସିକତା । ପଚାରିଲା, ''କ'ଣ ହେଉଛି, ମଉସା ? କେବେ ତ ତୁମକୁ ବ୍ୟସ୍ତ ହେବାର ଦେଖିନାହିଁ ।''

''ନାଇଁରେ ମା' । ସବୁ ଠିକ୍ ଚାଲିଛି । ପିଲାଏ ମୋର ଭଲ ଅଛନ୍ତି ଠାକୁରଙ୍କ ଦୟାରୁ ।''

ସତ୍ୟଜିତ୍ ଗମ୍ଭୀର ଭାବରେ ବସି ରହିଥିଲେ । ବାଲ୍ମିକୀ କାନ୍ଧରୁ ଚଦର କାଢ଼ି ଆଖି ପୋଛିଲା । ଚା' କପ୍‌ଟି ଆଗ୍ରହରେ ଉଠାଇ ନେଇ ସିକତାକୁ କହିଲା, ''ତୁ ବସ୍ ମା । ମୋ କଥା ଶୁଣାଇବାକୁ ତ ଆସିଛି । ଜୀବନରେ ବହୁକଥା ଦେଖିଲି । ସୁଖ, ଦୁଃଖ ଭୋଗିଲି । ବୁଢ଼ା ହେଲିଣି । କେବେ କାହାକୁ ନିଜକଥା କହିନାହିଁ । ଘର କଥା କାହାକୁ କହିବି, ମା' ?''

ବାଲ୍ମିକୀ କେବେ ଏତେ ବେଶୀ କଥା କହିବାର ଦେଖିନାହିଁ ସିକତା । ଜଣେ ସଫଳ ମଣିଷର ଜୀବନରେ ଲୁଚିଛପି କେଉଁଠି ଏତେ ଦୁଃଖ ଥାଇପାରେ ଚିନ୍ତା କରୁଥିଲା ସେ ।

''ପୁଅ କାହିଁ ? ଉଠିନାହିଁ ଏ ପର୍ଯ୍ୟନ୍ତ ।''

''ନା, ସେ ଘରେ ନାହିଁ । ବାପାଙ୍କ ସଙ୍ଗେ ଯାଇଛି । ଏବେ ଦୁଇ, ତିନିଦିନ ତା'ର ସ୍କୁଲ୍ ଛୁଟି ତ । ଜେଜେମା, ଜେଜେବାପାଙ୍କ ପାଖରେ ରହି ଆସିବ ।''

''ତୁ ପୁଅ, ଝିଅର ମା' । ତୋ ରାଜାବାବୁକୁ, ଝୁମିମା'କୁ ତୁ କେତେ ଗେହ୍ଲା କରୁଛୁ । ଦିନେ ତୁ ସେମାନଙ୍କର ପର ହେଇଯିବୁ । ବୁଢ଼ାକାଳେ ମୋଭଳି କାନ୍ଦିବାକୁ ପଡ଼ିବ । ନା.. ନା ତା' କାହିଁକି ହବ ? ତୁ ମା' ସେମାନଙ୍କୁ ଭଲରେ ମଣିଷ କର । ମୋର କୋଉଠି ଭୁଲ୍ ରହିଯାଇଛି ।''

ସିକତାକୁ ଏଭଳି କଥାବାର୍ତ୍ତା ଭଲ ଲାଗୁନଥିଲା । ସତ୍ୟଜିତ୍‌ଙ୍କର ନିରାସକ୍ତ, ଗମ୍ଭୀରଭାବ, ବାଲ୍ମିକୀର ଭଗ୍ନହୃଦୟର ଭାଷା ! ଏସବୁର ଅନ୍ତରାଳରେ କେଉଁ

Digitized by srujanika@gmail.com

ଅକୁହାବ୍ୟଥା ଆତ୍ମଗୋପନ କରିଛି ତା' ଭାବି ହେଉଥିଲା ସେ ।

"ଖୁବ୍ ଖଟିଛି । ପଇସାକୁ ପାଦେ ପାଦେ ଜଗିଛି । ଯୁବା ବୟସରେ ମଉଜ ମଜ୍‌ଲିସ୍ ଦେଖିଛି ଅନ୍ୟମାନଙ୍କର । ମୋ ମନ ଚହଲି ଯାଇନାହିଁ । କାହାପାଇଁ ଏସବୁ ? ଏଇ ପିଲା, ମୋର ପରିବାର ପାଇଁ ବନ୍ଧା ପଡ଼ିଯାଇଛି ମୁଁ । ସମସ୍ତଙ୍କ ସାହାଯ୍ୟ, ସହଯୋଗ ପାଇ ସମାଜରେ ମୁଣ୍ଡ ଟେକି ବଞ୍ଚିଛି ମଣିଷ ଭଳି । ମୋ ପିଲାଙ୍କର କିଛି ଅଭାବ ନାହିଁ । ସେମାନଙ୍କୁ ଶିକ୍ଷିତ କରାଇଛି । ସୁସ୍ଥରେ, ସୁଖରେ ସେମାନଙ୍କର ପରିବାର ଚଳାଇବାର ପାଥେୟ ଯୋଗାଇଛି । ତଥାପି ସେମାନଙ୍କର ଶ୍ରଦ୍ଧାଭାଜନ ହେଲି ନାହିଁ । ସେମାନଙ୍କ ଭାଷାରେ ମୁଁ ନିହାତି ବୋକା, ଅଯୋଗ୍ୟ, ଅଲୋଡ଼ା ଲୋକଟାଏ ।" ସତ୍ୟଜିତ୍ ବସିଥିବା ଚଉକିରୁ ଉଠି ସେଇଠି ବୁଲାବୁଲି କରୁଥିଲେ । ବିଷଣ୍ଣ ଚିତ୍ତ । ଅଥଚ ନିରବରେ କିଛି ବିଚାର କରିବା ଭଳି ମନେ ହେଉଥିଲେ ସେ ।

ବାଲ୍ମିକୀ କିଛି ସମୟ ଚୁପ୍ କରି ବସି ରହିବା ପରେ ଆଉଥରେ କହିବା ଆରମ୍ଭ କଲା, "ମୋ ସ୍ତ୍ରୀ, ମୋ ସୁଖଦୁଃଖର ସାଥି । ବେଶ୍ ଥିଲା ବସ୍ତିର ସେ ନୁଆଁଣିଆ ମାଟି ଘରେ । ଏବେ ପୁଅ ବୋହୂଙ୍କ ପକ୍ଷ ନେଇ ସେ ଯୁକ୍ତି କରେ ମୋ ସାଙ୍ଗରେ । ସେମାନେ ଭାବନ୍ତି, ମୁଁ ଜଣେ ଅର୍ଥଲୋଭୀ କଂଜୁସ୍ ଲୋକ, ସେମାନଙ୍କ ଅଜ୍ଞାତସାରରେ ଖୁବ୍ ବେଶୀ ସଞ୍ଚୟ କରି ରଖିଛି । ସେମାନଙ୍କର ଆବଶ୍ୟକତା ଯେ ଅକଳନ ! ପ୍ରାଚୁର୍ଯ୍ୟର ସିଡ଼ିର ଶେଷ ନାହିଁ ସେମାନଙ୍କ ପାଇଁ । ମୁଁ କିଭଳି ସେମାନଙ୍କୁ ସନ୍ତୁଷ୍ଟ କରିପାରିବି ? ଆମର ଭଡ଼ା ଲାଗୁଥିବା ଗାଡ଼ି ନୁହେଁ, ସେମାନଙ୍କର ଦରକାର ବିଦେଶୀ ଗାଡ଼ି, ଅନ୍ୟାନ୍ୟ କେତେ କ'ଣ ବହୁ ମୂଲ୍ୟର ସୌଖୀନ୍ ପଦାର୍ଥ । ଯାହାକି ମୋ ଅର୍ଜିତ ଅର୍ଥରେ ହିଁ ସହଜରେ ସମ୍ଭବପର ହୋଇ ପାରିବ ସେମାନଙ୍କର ବିଶ୍ୱାସ ।

ସେଇଥିପାଇଁ ସେ ଘର ନର୍କ ହୋଇଯାଇଛି ମୋ ପାଇଁ ବହୁତ ଦିନରୁ । ମୁଁ ବଞ୍ଚୁଛି ଏହି ଅନାତ୍ମୀୟ ଦେବଶିଶୁମାନଙ୍କୁ ନିଜର କରି । ରାତିରେ ଶୋଇବାକୁ ଯିବା ବ୍ୟତୀତ, ମୁଁ ଘରକୁ ଯାଏ ନାହିଁ, ମା' ।

ସୁବିଧା ପାଇଲେ ବେଶ୍ ପାଟିତୁଣ୍ଡ କରନ୍ତି ସେମାନେ, 'ସମ୍ପତ୍ତି ଭାଗ କରି ଦିଅ । ତୁମକୁ କୋର୍ଟକୁ ଘୋଷାରି ନେବୁ । ଦେଖିବ । ମାଲି ମକଦ୍ଦମା ନ ହେଲେ ବୁଢ଼ା ହଲିବ ନାହିଁ ।' ଏଇସବୁ କଥାବାର୍ତ୍ତା ମୋ କାନରେ ପଡ଼େ ।

Digitized by srujanika@gmail.com

ପ୍ରତିଦିନ, ପ୍ରତିକଥାରେ ଯାବତୀୟ ଅଶାନ୍ତି ମୋ ଘରେ। ତୁ କହ ଜିତୁ ବାବା, ମୁଁ ଏବେ କ'ଣ କରିପାରିବି ?''

ସତ୍ୟଜିତ୍ ସହରର ଜଣେ ପ୍ରତିଷ୍ଠିତ ଆଡ୍‌ଭୋକେଟ୍ ଭାବେ ବେଶ୍ ପରିଚିତ। କେତେ ଜଟିଳ ମାମଲାମକଦ୍ଦମା ଲଢ଼ିଛନ୍ତି ସେ। ଅଥଚ ବାଲ୍ମିକୀ ଭଳି ନିରଳସ, କର୍ତ୍ତବ୍ୟନିଷ୍ଠ ବ୍ୟକ୍ତିଟିଏ ଦିନେ ଏସବୁ ସମସ୍ୟା ନେଇ ତାଙ୍କ ପାଖରେ ଆସି ଠିଆହେବ, ତା' ହୁଏତ ସେ ଭାବି ପାରିନଥିଲେ।

ସୁଦୃଶ୍ୟ ଚମଡ଼ା ବ୍ୟାଗ୍‌ଟିଏ ହାତରେ ଧରିଛି ବାଲ୍ମିକୀ। ସେହି ବ୍ୟାଗ୍‌ରେ ରହିଛି ତା'ର ସମସ୍ତ ସମ୍ପତ୍ତିର କାଗଜପତ୍ର। ବ୍ୟାଗ୍‌ଟି ସତ୍ୟଜିତ୍‌ଙ୍କୁ ଧରାଇ ଦେଇ ସେ କହିଲା, ''ଜିତୁବାବା, ଏସବୁ ତୁ ସମ୍ଭାଳ। ତୋ ପାଖରେ ସବୁ ଥାଉ। ଯାହାକୁ ଯାହା ଦେବାକଥା ଲେଖି ଦେଇଗଲି। ମୋ ଜୀବନ ଅନ୍ତ ହେଲେ ତୁ ବୁଝିବୁ ସେ ସବୁ। ମୁଁ ଫେରିଯାଉଛି, ଯେଉଁଠି ଦିନେ ମୁଁ ଜନ୍ମ ହୋଇଥିଲି, ସେଇ ଗାଁକୁ।

ଏ ପର୍ଯ୍ୟନ୍ତ ନିଜ ସୁଖ ପାଇଁ ଅର୍ଜନ କଲି। ସ୍ୱାର୍ଥ ବ୍ୟତୀତ କିଛି ଭାବି ନାହିଁ। ଏବେ ଶେଷ କେତେଦିନ ସେହି ଅଲୋଡ଼ା, ଅନାଦୃତ, ଦରିଦ୍ର ମାଟି କାଦୁଅରେ ଘାଣ୍ଟି ହେଉଥିବା ମୋର ସ୍ୱଜନମାନଙ୍କୁ ଥରେ ହେଲେ ଦେଖେ। ତଥାପି କିଛି କରିପାରିବାର ଶକ୍ତି ଯେ ମୋ ପାଖରେ ଅଛି, ସେ ବିଶ୍ୱାସ ମୁଁ ହରେଇ ନାହିଁ।''

ବାଲ୍ମିକୀ ଫେରିଯାଉଛି। ସତ୍ୟଜିତ୍, ସିକତା ତା'କୁ ଫେରାଇ ଆଣିବାର ରାସ୍ତା ଖୋଜି ପାଉ ନାହାଁନ୍ତି। ଅନେକ ଚିନ୍ତାକରି ସେ ଯାହା ସ୍ଥିର କରିଛି ନିଶ୍ଚୟ କରିବ। ତା'ର ପ୍ରତ୍ୟୟର ଅସୀମ ଶକ୍ତି ତା'କୁ ଆଗେଇ ଯିବାର ପ୍ରେରଣା ଦେଇଛି। ଜୀବନରେ ହାରିଯିବାର ଗ୍ଲାନି ନୁହେଁ। କେଉଁ ଦିବ୍ୟ ଚେତନାର ସନ୍ଧାନରେ ସେ ବାହାରିଛି। ଏହା ହେବ ତା'ର ନବଜନ୍ମ।

□□

Digitized by srujanika@gmail.com